ଏମ୍. ଏ.

ଅଷ୍ଟମ ପତ୍ର

ଓଡ଼ିଆ ପାଠ୍ୟକ୍ରମ

# ଓଡ଼ିଆ ବ୍ୟାକରଣ


ଲେଖକ

ଡକ୍ଟର ଧନେଶ୍ୱର ମହାପାତ୍ର



D D C E

Education for All

## ଦୂର-ନିରନ୍ତର ଶିକ୍ଷା ନିର୍ଦ୍ଦେଶାଳୟ

ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର

ଭୁବନେଶ୍ୱର

## ଏମ୍.ଏ. ଓଡ଼ିଆ ପାଠ୍ୟକ୍ରମ

ଅଷ୍ଟମ ପତ୍ର (ଓଡ଼ିଆ ବ୍ୟାକରଣ)

***Published by :***

**Directorate of Distance & Continuing Education**
**Utkal University, Vani Vihar, Bhubaneswar**
**Ph. - 0674-2376700**

**First Edition : 2014**

© Directorate, DDCE, Utkal University

***No. of Copies*** : 1200 Copies

View expressed are those of the authors and DDCE takes no responsibility for the same.

***Printed at :***

inteCAD
442, Saheed Nagar, Bhubaneswar-751007
Ph. : 0674-2544631, Mob.- 9437044631

This SIM has been prepared exclusively by Directorate of Distance & Continuing Education (DDCE), Utkal University, It conforms to the syllabi and contents as approved by the Utkal University.

# ପାଠ୍ୟସୂଚୀ


ୟୁନିଟ୍ –୧

ଓଡ଼ିଆ ବର୍ଣ୍ଣ, ଦୀର୍ଘ ଓ ହ୍ରସ୍ୱସ୍ୱର, ବର୍ଗ୍ୟ, ଅବର୍ଗ୍ୟ ବର୍ଣ୍ଣ ୫

ୟୁନିଟ୍–୨

ବାକ୍ୟର ସଂଜ୍ଞା ସ୍ୱରୂପ ଓ ରୂପାନ୍ତର ୧୮

ୟୁନିଟ୍–୩

ସନ୍ଧି ଓ ସମାସ ୨୫

ୟୁନିଟ୍–୪

ପ୍ରତ୍ୟୟ ବିଚାର (ଉପସର୍ଗ, କୃଦନ୍ତ, ତଦ୍ଧିତ ରୂଢ଼ି) ୪୩

ୟୁନିଟ୍–୫

ଓଡ଼ିଆ ଛନ୍ଦ, ବୃତ୍ତ ଓ ଅଳଂକାର ୬୧

# ଏମ୍.ଏ. ଓଡ଼ିଆ ପାଠ୍ୟକ୍ରମ

## ଅଷ୍ଟମ ପତ୍ର (ଓଡ଼ିଆ ବ୍ୟାକରଣ)

## ପ୍ରଥମ ୟୁନିଟ୍

### ବର୍ଣ୍ଣ

ଓଡ଼ିଆ ବର୍ଣ୍ଣମାଳାରେ ପଚାଶଟି ବର୍ଣ୍ଣ । ଯଥା–

ଅ, ଆ, ଇ, ଈ, ଉ, ଊ, ଋ, ଏ, ଐ, ଓ, ଔ

କ, ଖ, ଗ, ଘ, ଙ (କ ବର୍ଗ)

ଚ, ଛ, ଜ, ଝ, ଞ (ଚ ବର୍ଗ)

ଟ, ଠ, ଡ, ଢ଼, ଣ (ଟ ବର୍ଗ)

ତ, ଥ, ଦ, ଧ, ନ (ତ ବର୍ଗ)

ପ, ଫ, ବ, ଭ, ମ (ପ ବର୍ଗ)

ଯ, ୟ, ର, ଳ, ଲ, ୱ

ଶ, ଷ, ସ, ହ, କ୍ଷ, ଂ (ଅନୁସ୍ୱାର) ଃ (ବିସର୍ଗ), ଁ (ଚନ୍ଦ୍ରବିନ୍ଦୁ)

'ଅ' ଠାରୁ 'ଔ' ପର୍ଯ୍ୟନ୍ତ ବର୍ଣ୍ଣ ଗୁଡ଼ିକ **ସ୍ୱରବର୍ଣ୍ଣ** ।

'କ' ଠାରୁ ଁ (ଚନ୍ଦ୍ରବିନ୍ଦୁ) ପର୍ଯ୍ୟନ୍ତ ବର୍ଣ୍ଣଗୁଡ଼ିକ **ବ୍ୟଞ୍ଜନବର୍ଣ୍ଣ** ।

ବ୍ୟଞ୍ଜନ ବର୍ଣ୍ଣଗୁଡ଼ିକ ମଧ୍ୟରୁ 'କ' ଠାରୁ 'ମ' ପର୍ଯ୍ୟନ୍ତ **ବର୍ଗ୍ୟ ବ୍ୟଞ୍ଜନ** ବର୍ଣ୍ଣ ଏବଂ 'ଯ' ଠାରୁ ଁ (ଚନ୍ଦ୍ରବିନ୍ଦୁ) ପର୍ଯ୍ୟନ୍ତ **ଅବର୍ଗ୍ୟ ବ୍ୟଞ୍ଜନ** ବର୍ଣ୍ଣ । (ବର୍ଗ୍ୟ ଓ ଅବର୍ଗ୍ୟ, ଏପରି ନାମକରଣର କାରଣ ପରେ ଦିଆଯାଇଛି ।)

'କ୍ଷ' କୁ କେହି କେହି ବର୍ଣ୍ଣମାଳାର ଅନ୍ତର୍ଗତ କରନ୍ତି ନାହିଁ । ଏହାକୁ 'କ' ଏବଂ 'ଷ'ର ସଂଯୋଗରେ ଏକ ଯୁକ୍ତ ବର୍ଣ୍ଣ ବୋଲି କହନ୍ତି । କିନ୍ତୁ ଉଚ୍ଚାରଣରେ ଏହା 'କ' ଏବଂ 'ଷ'ର ସଂଯୋଗ ବୋଲି ଜଣାପଡେ ନାହିଁ । ଏହା 'ଖ୍ୟ' ରୂପେ ଉଚ୍ଚାରିତ ହୁଏ । ଯେପରି 'ଶିକ୍ଷା'କୁ 'ଶିଖ୍ୟା', 'ଭିକ୍ଷା'କୁ 'ଭିଖ୍ୟା' ଏମିତି ଉଚ୍ଚାରଣ କରାଯାଏ । କେହି 'ଶିକ୍‌ଷା' 'ଭିକ୍‌ଷା' ଏମିତି ଉଚ୍ଚାରଣ କରନ୍ତି ନାହିଁ । ତାହା ଛଡ଼ା, ପୂର୍ବ କାଳରୁ ଓଡ଼ିଆ ବର୍ଣ୍ଣମାଳାରେ 'କ୍ଷ' ଅନ୍ତର୍ଗତ ହୋଇ ଆସୁଛି । କମଳଲୋଚନ ଚଉତିଶା, ମନବୋଧ ଚଉତିଶା ଆଦି ଚଉତିଶା ରଚନାରେ 'କ୍ଷ'କୁ ଶେଷ ବର୍ଣ୍ଣରୂପେ ଗ୍ରହଣ କରାଯାଇଛି । ତେଣୁ ପରଂପରା ଦୃଷ୍ଟିରୁ ହିଁ 'କ୍ଷ'କୁ ବର୍ଣ୍ଣମାଳାର ଅନ୍ତର୍ଗତ କରାଯାଇଛି ।

'ୱ' ବର୍ଣ୍ଣଟିକୁ ଅବର୍ଗ୍ୟ ବ କୁହାଯାଏ । ହାୱା, ବେୱା, ସୱା, ୱାର୍ଡ (Word), ୱେଷ୍ଟ (West), ୱାର୍ଦ୍ଧା ଆଦି ଶବ୍ଦରେ ଏହାକୁ ବ୍ୟବହାର କରାଯାଏ । ହାଉଆ, ବେଉଆ, ସଉଆ, ଉଆର୍ଡ, ଉଏଷ୍ଟ, ଉଆର୍ଦ୍ଧା, ଏମିତି ଲେଖିଲେ ଠିକ୍ ଉଚ୍ଚାରଣ ଆସେ ନାହିଁ । ବିଶ୍ୱାମିତ୍ର, ସ୍ୱେଦ, ସ୍ୱାଧୀନ ଆଦି ଶବ୍ଦରେ ଏହି ଅବର୍ଗ୍ୟ ବ (ୱ) ହିଁ ଫଳା ଆକାରରେ ରହିଛି ।

ସ୍ୱରବର୍ଣ୍ଣ ଗୁଡିକ ମଧ୍ୟରୁ ଅ, ଇ, ଉ, ର – ଏଗୁଡିକ **ହ୍ରସ୍ୱସ୍ୱର** ଏବଂ ଆ, ଈ, ଊ, ଏ, ଐ, ଓ, ଔ – ଏଗୁଡିକ **ଦୀର୍ଘସ୍ୱର** । ଦୀର୍ଘ 'ର' ର ପ୍ରଚଳନ ଓଡ଼ିଆରେ ଆଉ ନାହିଁ । ଦୀର୍ଘ ସ୍ୱରଗୁଡିକୁ ସାଧାରଣତଃ ହ୍ରସ୍ୱସ୍ୱର ଭଳି ଉଚ୍ଚାରଣ କରାଯାଏ । ବ୍ୟଞ୍ଜନବର୍ଣ୍ଣ ଗୁଡିକ ସ୍ୱରବର୍ଣ୍ଣର ସାହାଯ୍ୟ ନେଇ ଉଚ୍ଚାରିତ ହୁଅନ୍ତି । ଆମେ ଯେ କ, ଖ, ଗ, ଘ – ଏମିତି ଉଚ୍ଚାରଣ କରୁଥାଇଁ, ପ୍ରକୃତରେ 'ଅ' ସ୍ୱରଟିର ସାହାଯ୍ୟ ନେଇ କରୁଥାଇଁ । ଯେପରି – କ୍ + ଅ = କ, ଖ୍ + ଅ = ଖ, ଗ୍ + ଅ = ଗ, ଘ୍ + ଅ = ଘ ଇତ୍ୟାଦି ।

ସ୍ୱରବର୍ଣ୍ଣଗୁଡିକ ବ୍ୟଞ୍ଜନ ବର୍ଣ୍ଣରେ ମିଶିଲେ ବିଭିନ୍ନ ଚିହ୍ନରେ ପରିଣତ ହୁଅନ୍ତି । ସେହି ଚିହ୍ନ ଗୁଡିକୁ **ମାତ୍ରା** କୁହାଯାଏ ।

| **ସ୍ୱରବର୍ଣ୍ଣ** | **ମାତ୍ରାଚିହ୍ନ** | **ମାତ୍ରାରନାମ** | **ବ୍ୟବହାର** |
|---|---|---|---|
| ଆ | ା | ଆ କାର | କ୍ + ଆ = କା |
| ଇ | ି | ଇ କାର | କ୍ + ଇ = କି |
| ଈ | ୀ | ଈ କାର | କ୍ + ଈ = କୀ |
| ଉ | ୁ | ହ୍ରସ୍ୱ ଉକାର | କ୍ + ଉ = କୁ |
| ଊ | ୂ | ଦୀର୍ଘ ଉକାର | କ୍ + ଊ = କୂ |
| ର | ୃ | ର କାର | କ୍ + ର = କୃ |
| ଏ | େ | ଏ କାର | କ୍ + ଏ = କେ |
| ଐ | ୈ | ଐ କାର | କ୍ + ଐ = କୈ |
| ଓ | ୋ | ଓ କାର | କ୍ + ଓ = କୋ |
| ଔ | ୌ | ଔ କାର | କ୍ + ଔ = କୌ |

କେବଳ 'ଅ' ସ୍ୱରଟି କୌଣସି ଚିହ୍ନରେ ପରିଣତ ହୁଏନାହିଁ । ଯେପରି – କ୍ + ଅ = କ । ତେଣୁ 'ଅକାର' ବୋଲି କିଛି ନାହିଁ ବା କୁହାଯାଏ ନାହିଁ ।

ବ୍ୟଞ୍ଜନ ବର୍ଣ୍ଣ ସହିତ ବ୍ୟଞ୍ଜନ ବର୍ଣ୍ଣ ମିଶିଲେ **ଯୁକ୍ତବର୍ଣ୍ଣ** ହୁଏ । ଯୁକ୍ତ ବର୍ଣ୍ଣକୁ **ଯୁକ୍ତାକ୍ଷର** ମଧ୍ୟ କୁହାଯାଏ । ସାଧାରଣତଃ ବର୍ଣ୍ଣମାଳାର ପ୍ରତ୍ୟେକ ବର୍ଣ୍ଣକୁ **'ଅକ୍ଷର'** ମଧ୍ୟ କୁହାଯାଏ । ଯେପରି – କ, ଖ, ଗ, ଘ, ଙ ଇତ୍ୟାଦି ଗୋଟିଏ ଗୋଟିଏ ବର୍ଣ୍ଣ ବା ଅକ୍ଷର । ତଳେ କେତେକ ଯୁକ୍ତବର୍ଣ୍ଣ ବା ଯୁକ୍ତାକ୍ଷର ଏବଂ ସେହି ଯୁକ୍ତବର୍ଣ୍ଣ ଥିବା ଶବ୍ଦ ମଧ୍ୟ ଦିଆଗଲା । ପୁଣି କେତେକ ଯୁକ୍ତାକ୍ଷରକୁ ଦୁଇ ପ୍ରକାରେ ଲେଖିବାର ଧାରା ମଧ୍ୟ ଦିଆଗଲା ।

| | |
|---|---|
| କ୍ + ତ = କ୍ତ | ଭକ୍ତ |
| ତ୍ + କ = ତ୍କ | ଉତ୍କଳ, ଉତ୍‌କଳ |
| ଷ୍ + କ = ଷ୍କ | ଶୁଷ୍କ |
| ସ୍ + କ = ସ୍କ | ଭାସ୍କର |

କ୍ + ଳ = କ୍ଳ	ଶୁକ୍ଳ

ତ୍ + ନ = ତ୍ନ, ତ୍ନ	ରତ୍ନ, ରତ୍ନ

ବ୍ + ଜ = ବ୍ଜ	ଅବ୍ଜ, ଅବ୍‌ଜ

ଷ୍ + ଟ = ଷ୍ଟ	କଷ୍ଟ

ଷ୍ + ଠ = ଷ୍ଠ	କାଷ୍ଠ

ଦ୍ + ମ = ଦ୍ମ	ପଦ୍ମ

ଗ୍ + ନ = ଗ୍ନ	ଲଗ୍ନ

ବ୍ + ଧ = ବ୍ଧ	ଲବ୍ଧ, ଲବ୍‌ଧ

ସ୍ + ପ = ସ୍ପ	ଇସ୍ପାତ, ଇସ୍‌ପାତ

ବ୍ + ଦ = ବ୍ଦ	ଶବ୍ଦ, ଶବ୍‌ଦ

ଶ୍ + ଚ = ଶ୍ଚ	ନିଶ୍ଚୟ

ଶ୍ + ଛ = ଶ୍ଛ	ଶିରଶ୍ଛେଦ

ହ୍ + ଲ = ହ୍ଲ	ଆହ୍ଲାଦ

କ୍ + ର = କ୍ର	ଚକ୍ର

ର୍ + କ = ର୍କ	କୋଣାର୍କ

ତ୍ + ତ = ତ୍ତ	ଚିତ୍ତ

ଦ୍ + ଧ = ଦ୍ଧ	ବୁଦ୍ଧି

ଗ୍ + ଧ = ଗ୍ଧ	ଦୁଗ୍ଧ, ଦୁଗ୍‌ଧ

ନ୍ + ନ = ନ୍ନ	ଅନ୍ନ

ଦ୍ + ଭ = ଦ୍ଭ	ଅଦ୍ଭୁତ, ଅଦ୍‌ଭୁତ

ଟ୍ + ଟ = ଟ୍ଟ	ଅଟ୍ଟାଳିକା

ଣ୍ + ଡ = ଣ୍ଡ	ବିଷଣ୍ଡ

କ୍ + ୟ = କ୍ୟ	ଚାଣକ୍ୟ

ଦ୍ + ବ = ଦ୍ୱ	ଉଦ୍ୱେଗ, ଉଦ୍‌ବେଗ

ଜ୍ + ଜ = ଜ୍ଜ	ଲଜ୍ଜିତ ଇତ୍ୟାଦି ।

ମ, ନ, ଯ, ର, ଳ, ଲ, ୱ, ବ – ଏହି ଆଠଟି ବ୍ୟଞ୍ଜନ ବର୍ଣ୍ଣ ଅନ୍ୟ ବ୍ୟଞ୍ଜନ ବର୍ଣ୍ଣ ସହିତ ମିଶିଲେ ଯେଉଁ ରୂପ ଧାରଣ କରନ୍ତି, ସେଗୁଡ଼ିକୁ **ଫଳା** କୁହାଯାଏ । ଯେପରି –

ଜନ୍ମ, ଯତ୍ନ, ବିଦ୍ୟା, ଚକ୍ର, ଶୁକ୍ଳ, ପ୍ରହ୍ଲାଦ, ପକ୍ୱ, ଆମ୍ବ – ଏଗୁଡ଼ିକରେ ଯଥାକ୍ରମେ ମ ଫଳା, ନ ଫଳା, ଯ ଫଳା (ଏହାକୁ ଯ ଫଳା ମଧ୍ୟ କୁହାଯାଏ), ର ଫଳା, ଳ ଫଳା, ଲ ଫଳା, ୱ ଫଳା (ଏହାକୁ ବ ଫଳା ମଧ୍ୟ କୁହାଯାଏ) ଏବଂ ବ ଫଳା ଅଛି ।

'ର' କୌଣସି ବ୍ୟଞ୍ଜନ ବର୍ଣ୍ଣର ପୂର୍ବରେ ଲାଗିଥିଲେ ତାହାକୁ 'ରେଫ୍' କୁହାଯାଏ । ଯେପରି – ର୍ + କ = ର୍କ, ର୍ + ଗ = ର୍ଗ ।

ଯୁକ୍ତାକ୍ଷରରେ ଦୁଇରୁ ଅଧିକ ବ୍ୟଞ୍ଜନ ବର୍ଣ୍ଣ ମଧ୍ୟ ଥାଇପାରେ । ଯେପରି – ଷ୍ + ଟ୍ + ର = ଷ୍ଟ୍ର (ରାଷ୍ଟ୍ର) ର୍ + ଣ୍ + ଣ = ର୍ଣ୍ଣ (ବର୍ଣ୍ଣ), ତ୍ + ସ୍ + ନ = ତ୍ସ୍ନ (ଜ୍ୟୋତ୍ସ୍ନା) (ଏହାକୁ 'ଜ୍ୟୋତ୍‌ସ୍ନା' ମଧ୍ୟ ଲେଖାଯାଇପାରେ ।) ର୍ + ଦ୍ + ଧ+ ୱ = ର୍ଦ୍ଧ୍ୱ (ଊର୍ଦ୍ଧ୍ୱ) ଇତ୍ୟାଦି ।

ପ୍ରତ୍ୟେକ ବର୍ଗର ପଞ୍ଚମ ବର୍ଣ୍ଣ (ଙ, ଞ, ଣ, ନ, ମ) ସେହି ବର୍ଗର ଅନ୍ୟାନ୍ୟ ବର୍ଣ୍ଣ ସହିତ ମିଶି ଯୁକ୍ତବର୍ଣ୍ଣ ହେଲେ ସେଗୁଡ଼ିକୁ **ଅନୁନାସିକ ଯୁକ୍ତବର୍ଣ୍ଣ** କୁହାଯାଏ । ଯଥା –

| | | |
|---|---|---|
| ଙ୍ + କ = ଙ୍କ | ଞ୍ + ଚ = ଞ୍ଚ | ଣ୍ + ଟ = ଣ୍ଟ |
| ଙ୍ + ଖ =ଙ୍ଖ | ଞ୍ +ଛ =ଞ୍ଛ | ଣ୍ + ଠ = ଣ୍ଠ |
| ଙ୍ + ଗ = ଙ୍ଗ | ଞ୍ + ଜ = ଞ୍ଜ | ଣ୍ + ଡ = ଣ୍ଡ |
| ଙ୍ + ଘ = ଙ୍ଘ | ଞ୍ + ଝ =ଞ୍ଝ | ଣ୍+ ଢ = ଣ୍ଢ |
| ନ୍ + ତ = ନ୍ତ | ମ୍ + ପ = ମ୍ପ | |
| ନ୍ + ଥ = ନ୍ଥ | ମ୍ + ଫ = ମ୍ଫ | |
| ନ୍ + ଦ = ନ୍ଦ | ମ୍ + ବ = ମ୍ବ | |
| ନ୍ + ଧ = ନ୍ଧ | ମ୍ + ଭ = ମ୍ଭ | |

ଅନୁନାସିକ ଯୁକ୍ତାକ୍ଷର ଗୁଡ଼ିକୁ ଅନୁସ୍ୱାର ସାହାଯ୍ୟରେ ମଧ୍ୟ ଲେଖାଯାଇ ପାରେ । ଯେପରି –

ବଙ୍କା–ବଂକା, ଶଙ୍ଖ–ଶଂଖ, କଞ୍ଚା – କଂଚା, ବାଞ୍ଛା–ବାଂଛା, ବାଞ୍ଝ – ବାଂଝ, ବନ୍ଧୁ–ବଂଧୁ, କମ୍ପ–କଂପ, ବାମ୍ଫ–ବାଂଫ ଇତ୍ୟାଦି ।

**ବର୍ଣ୍ଣମାଳାର ଉଚ୍ଚାରଣ ସ୍ଥାନ –**

'କ' ଠାରୁ 'ମ' ପର୍ଯ୍ୟନ୍ତ ବ୍ୟଞ୍ଜନବର୍ଣ୍ଣ ଗୁଡ଼ିକୁ **ବର୍ଗୀୟ ବର୍ଣ୍ଣ** କୁହାଯାଏ । କାରଣ, ଉଚ୍ଚାରଣ ସ୍ଥାନ ଦୃଷ୍ଟିରୁ ସେଗୁଡ଼ିକ ପାଞ୍ଚଟି ବର୍ଗ ବା ଶ୍ରେଣୀରେ ବିଭକ୍ତ । ଅର୍ଥାତ୍ ପ୍ରତ୍ୟେକ ପାଞ୍ଚଟିର ଉଚ୍ଚାରଣର ସ୍ଥାନ ସମାନ । କିନ୍ତୁ 'ଯ' ଠାରୁ ଚନ୍ଦ୍ରବିନ୍ଦୁ ପର୍ଯ୍ୟନ୍ତ ବ୍ୟଞ୍ଜନ ବର୍ଣ୍ଣଗୁଡ଼ିକର ଉଚ୍ଚାରଣସ୍ଥାନ ପୃଥକ୍ ପୃଥକ୍ । ତେଣୁ ସେଗୁଡ଼ିକୁ **ଅବର୍ଗୀୟ ବର୍ଣ୍ଣ** କୁହାଯାଏ ।

ମୁଖ ଗହ୍ୱର ମଧ୍ୟରେ ଥିବା କଣ୍ଠ, ତାଳୁ (ତାଳୁର ଉପର ଅଂଶ), ମୂର୍ଦ୍ଧା (ତାଳୁର ତଳ ଅଂଶ) ଦନ୍ତ, ଓଷ୍ଠ – ଏଗୁଡ଼ିକ ବର୍ଣ୍ଣମାନଙ୍କର ଉଚ୍ଚାରଣ ସ୍ଥାନ । ସମସ୍ତ ବର୍ଣ୍ଣର ଉଚ୍ଚାରଣରେ ଜିହ୍ୱା ସାହାଯ୍ୟ କରିଥାଏ ।

ତଳେ ବର୍ଣ୍ଣମାନଙ୍କର ଉଚ୍ଚାରଣସ୍ଥାନ ଦିଆଗଲା ।

୧. କ, ଖ, ଗ, ଘ, ଙ **(କ ବର୍ଗ)** – ଏଗୁଡ଼ିକର ଉଚ୍ଚାରଣ ସ୍ଥାନ କଣ୍ଠ । ଅ, ଆ, ହ, ଃ (ବିସର୍ଗ) – ଏଗୁଡ଼ିକର ଉଚ୍ଚାରଣସ୍ଥାନ ମଧ୍ୟ କଣ୍ଠ । ତେଣୁ ଏଗୁଡ଼ିକୁ **କଣ୍ଠ୍ୟ ବର୍ଣ୍ଣ** କୁହାଯାଏ ।

୨. ଚ, ଛ, ଜ, ଝ, ଞ **(ଚ ବର୍ଗ)**, ଯ, ୟ, ଶ – ଏଗୁଡ଼ିକ ତାଳୁରୁ ଉଚ୍ଚାରିତ । ତେଣୁ ଏଗୁଡ଼ିକୁ **ତାଲବ୍ୟ ବର୍ଣ୍ଣ** କୁହାଯାଏ । (ପ୍ରକୃତରେ ବର୍ତ୍ତମାନ ଓଡ଼ିଆରେ 'ଶ'ର ଉଚ୍ଚାରଣ 'ସ' ପରି । କାରଣ, ଏହାର ଉଚ୍ଚାରଣସ୍ଥାନ ଆଉ ତାଳୁ ନୁହେଁ, ଦନ୍ତମୂଳ ।)

୩. ଟ, ଠ, ଡ, ଢ, ଣ **(ଟ ବର୍ଗ)** ର, ଷ, – ଏଗୁଡ଼ିକ ମୂର୍ଦ୍ଧାରୁ ଉଚ୍ଚାରିତ । ତେଣୁ ଏଗୁଡ଼ିକୁ **ମୂର୍ଦ୍ଧନ୍ୟ ବର୍ଣ୍ଣ** କୁହାଯାଏ । ('ଷ'ର ଉଚ୍ଚାରଣ ମଧ୍ୟ 'ସ' ପରି । କାରଣ, ଏହାର ଉଚ୍ଚାରଣ ସ୍ଥାନ ଆଉ ମୂର୍ଦ୍ଧା ନୁହେଁ, ଦନ୍ତମୂଳ ।)

୪. ତ, ଥ, ଦ, ଧ, ନ **(ତ ବର୍ଗ)**, ସ – ଏଗୁଡ଼ିକର ଉଚ୍ଚାରଣ ସ୍ଥାନ ଦନ୍ତ । ତେଣୁ ଏଗୁଡ଼ିକୁ **ଦନ୍ତ୍ୟବର୍ଣ୍ଣ** କୁହାଯାଏ । (ପ୍ରକୃତରେ 'ସ'କୁ ଦନ୍ତ୍ୟ ସ କୁହାଯାଉଛି ସିନା, ଏହାର ଉଚ୍ଚାରଣ ସ୍ଥାନ ଦନ୍ତମୂଳ ହୋଇଗଲାଣି । ତ, ଥ, ଦ, ଧ, ନ ପରି ଏହା ଆଉ ଖାଣ୍ଟି ଦନ୍ତ୍ୟ ନୁହେଁ ।)

୫. ପ, ଫ, ବ, ଭ, ମ **(ପ ବର୍ଗ)**, ଉ, ଊ – ଏଗୁଡ଼ିକର ଉଚ୍ଚାରଣ ସ୍ଥାନ ଓଷ୍ଠ । ତେଣୁ ଏଗୁଡ଼ିକୁ **ଓଷ୍ଠ୍ୟ ବର୍ଣ୍ଣ** କୁହାଯାଏ ।

୬. ଏ, ଐ – ଏ ଦୁଇଟିର ଉଚ୍ଚାରଣ ସ୍ଥାନ କଣ୍ଠ ଓ ତାଳୁ । ତେଣୁ ଏ ଦୁଇଟିକୁ **କଣ୍ଠ୍ୟ–ତାଲବ୍ୟ** କୁହାଯାଏ ।

୭. ଓ, ଔ – ଏ ଦୁଇଟିର ଉଚ୍ଚାରଣ ସ୍ଥାନ କଣ୍ଠ ଏବଂ ଓଷ୍ଠ । ତେଣୁ ଏ ଦୁଇଟିକୁ **କଣ୍ଠୋଷ୍ଠ୍ୟ ବର୍ଣ୍ଣ** କୁହାଯାଏ ।

୮. ୱ (ଅବର୍ଗ୍ୟ ବ) – ଏହାର ଉଚ୍ଚାରଣ ସ୍ଥାନ ଦନ୍ତ ଏବଂ ଓଷ୍ଠ । ତେଣୁ ଏହା **ଦନ୍ତୋଷ୍ଠ୍ୟ ବର୍ଣ୍ଣ** ।

୯. ଂ (ଅନୁସ୍ୱାର) , ଁ (ଚନ୍ଦ୍ରବିନ୍ଦୁ) – ଏ ଦୁଇଟିର ଉଚ୍ଚାରଣସ୍ଥାନ ନାସିକା ଏବଂ ମୁଖ, ଅର୍ଥାତ୍ ଉଭୟ ବାଟେ ବାୟୁ ବହିର୍ଗତ ହୁଏ । ତେଣୁ ଏ ଦୁଇଟି ବର୍ଣ୍ଣ **ଅନୁନାସିକ** ।

୧୦. ପ୍ରତ୍ୟେକ ବର୍ଗର ପଞ୍ଚମ ବର୍ଣ୍ଣ (ଙ, ଞ, ଣ, ନ, ମ) – ଗୁଡ଼ିକର ଉଚ୍ଚାରଣସ୍ଥାନ ଯଥାକ୍ରମେ କଣ୍ଠ, ତାଳୁ, ମୂର୍ଦ୍ଧା, ଦନ୍ତ, ଓଷ୍ଠ ହେଲେ ହେଁ କିଛି ବାୟୁ ନାସିକାବାଟେ ବହିର୍ଗତ ହୁଏ । ତେଣୁ ଏଗୁଡ଼ିକୁ ଅନୁନାସିକ ବର୍ଣ୍ଣ ମଧ୍ୟ କୁହାଯାଏ । (କଣ୍ଠ୍ୟ, ତାଲବ୍ୟ, ମୂର୍ଦ୍ଧନ୍ୟ, ଦନ୍ତ୍ୟ, ଓଷ୍ଠ୍ୟ ମଧ୍ୟ କୁହାଯାଏ ।

୧୧. 'ଯ'ର ଉଚ୍ଚାରଣ 'ଜ' ପରି । ତେଣୁ 'ଜ'ର ଉଚ୍ଚାରଣସ୍ଥାନ ଯାହା, 'ଯ'ର ଉଚ୍ଚାରଣସ୍ଥାନ ତାହା ।

'କ' ଠାରୁ 'ମ' ପର୍ଯ୍ୟନ୍ତ ବର୍ଣ୍ଣଗୁଡ଼ିକର ବର୍ଗ ବିଭାଗ ନିମ୍ନରେ ସ୍ପଷ୍ଟ ଭାବ ଦର୍ଶାଗଲା –

କ, ଖ, ଗ, ଘ, ଙ – କ ବର୍ଗ । (କଣ୍ଠ୍ୟ)

ଚ, ଛ, ଜ, ଝ, ଞ – ଚ ବର୍ଗ । (ତାଲବ୍ୟ)

ଟ, ଠ, ଡ, ଢ, ଣ – ଟ ବର୍ଗ । (ମୂର୍ଦ୍ଧନ୍ୟ)

ତ, ଥ, ଦ, ଧ, ନ – ତ ବର୍ଗ ।        (ଦନ୍ତ୍ୟ)

ପ, ଫ, ବ, ଭ, ମ – ପ ବର୍ଗ ।        (ଓଷ୍ଠ୍ୟ )

**'ସ୍ୱର'** ଏବଂ **'ବ୍ୟଞ୍ଜନ'** ଶବ୍ଦ ଦୁଇଟିର ମୌଳିକ ବ୍ୟୁତ୍ପତ୍ତି ଏହିପରି –

ସ୍ୱୟଂ ରାଜନ୍ତେ ଇତି ସ୍ୱରାଃ ଅର୍ଥାତ୍ ସ୍ୱରଗୁଡ଼ିକ ନିଜେ ନିଜ ଉଚ୍ଚାରିତ ହୋଇପାରନ୍ତି (ବ୍ୟଞ୍ଜନ ବର୍ଣ୍ଣର ବିନା ସାହାଯ୍ୟରେ) । ବ୍ୟଜ୍ୟନ୍ତେ ସ୍ୱରୈଃ ଇତି ବ୍ୟଞ୍ଜନାଃ ଅର୍ଥାତ୍ ବ୍ୟଞ୍ଜନ ବର୍ଣ୍ଣ ଗୁଡ଼ିକ ସ୍ୱର ସାହାଯ୍ୟରେ ଉଚ୍ଚାରିତ ହୁଅନ୍ତି ।

ହଠାତ୍, ଚୁପ୍ – ଏଥିରେ 'ତ୍' ଏବଂ 'ପ୍' ସ୍ୱରହୀନ ଅବସ୍ଥାରେ ଥିଲେ ମଧ୍ୟ ପୂର୍ବବର୍ତ୍ତୀ ସ୍ୱରର ସାହାଯ୍ୟ ନେଇ ଉଚ୍ଚାରିତ ହୁଅନ୍ତି । 'ତ୍'ର ପୂର୍ବରେ ଅଛି 'ଆ' (ଠ୍ + ଆ = ଠା) । 'ପ୍'ର ପୂର୍ବରେ ଅଛି 'ଉ' (ଚ୍ + ଉ = ଚୁ) । ଏଭଳି ସ୍ଥଳମାନଙ୍କରେ ପୂର୍ବସ୍ୱରର ସାହାଯ୍ୟରେ ବ୍ୟଞ୍ଜନ ବର୍ଣ୍ଣଗୁଡ଼ିକ ଉଚ୍ଚାରିତ ହୁଅନ୍ତି ।

ବର୍ଣ୍ଣମାଳା ଅନ୍ତର୍ଗତ କେତେକ ବର୍ଣ୍ଣର ଆଉ ସ୍ୱତଂତ୍ର ଉଚ୍ଚାରଣନାହିଁ ବୋଲି ସେଗୁଡ଼ିକୁ ବର୍ଣ୍ଣମାଳାରୁ ବାଦ୍ ଦିଆଯାଇ ନପାରେ । 'କ୍ଷ' କୁ କେବଳ ପରଂପରା ଦୃଷ୍ଟିରୁ ବର୍ଣ୍ଣମାଳାରେ ରଖାଯାଉଛି । ଉଚ୍ଚାରଣରେ ତାହା ଏକ ଯୁକ୍ତବର୍ଣ୍ଣ (ଖ୍ୟ) ଅଟେ ।

## ଶବ୍ଦ

ଏକାଧିକ ବର୍ଣ୍ଣ ମିଶି ଅର୍ଥ ପ୍ରକାଶ କଲେ **ଶବ୍ଦ** ହୁଏ । ଯେପରି – ଆ/କ୍ + ଆ/ଶ୍ + ଅ = ଆକାଶ, ସ୍ + ଏ / ବ୍ + ଆ = ସେବା, ମ୍ + ଅ / ନ୍ + ଓ / ହ୍ + ଅ / ର୍ + ଅ = ମନୋହର, ପ୍ + ଅ/ ର୍ + ବ୍ + ଅ/ତ୍ + ଅ = ପର୍ବତ ।

ପକଚ, ଲରଟା, ବପାଣିଜ, ମବରଟୁ – ଏଗୁଡ଼ିକ ଶବ୍ଦ ନୁହେଁ । କାରଣ, ଏଗୁଡ଼ିକରେ ଅର୍ଥ ନାହିଁ ।

ଓଡ଼ିଆ ଭାଷାରେ ଯେତେ ଶବ୍ଦ ଅଛି, ସେଗୁଡ଼ିକୁ ସାଧାରଣତଃ ଚାରି ଶ୍ରେଣୀରେ ବିଭକ୍ତ କରାଯାଏ । ଯଥା – ତତ୍ସମ, ତଦ୍ଭବ, ଦେଶଜ, ବୈଦେଶିକ ।

### ତତ୍ସମ ଶବ୍ଦ

ଅନେକ ସଂସ୍କୃତ ଶବ୍ଦ ଓଡ଼ିଆରେ ଅବିକଳ ରୂପେ ବ୍ୟବହୃତ ହୁଏ । ସେଗୁଡ଼ିକୁ ତତ୍ସମ ଶବ୍ଦ କୁହାଯାଏ । ଯଥା– ପିତା, ମାତା, ଗୃହ, ପରିବାର, ଉଦ୍ୟାନ, ଅରଣ୍ୟ, ପର୍ବତ, ବନ, ନଦୀ, ଲତା, ବାୟୁ, ପବନ, ଜଳ, ପୁଷ୍ପ, ବୃକ୍ଷ, ପତ୍ର, ପୁସ୍ତକ, ବିଦ୍ୟା, ଧାର୍ମିକ, ପ୍ରାଚୀନ, ପ୍ରତିଭା, ହସ୍ତୀ, କ୍ଷମା, ଶୟନ, ଭୋଜନ, ଅଟ୍ଟାଳିକା, ଆକାଶ ଇତ୍ୟାଦି ।

### ତଦ୍ଭବ ଶବ୍ଦ

ସଂସ୍କୃତ ଶବ୍ଦରୁ ଉତ୍ପନ୍ନ ହୋଇଥିବା ଶବ୍ଦକୁ ତଦ୍ଭବ ଶବ୍ଦ କୁହାଯାଏ । ତଳେ କେତେକ ତଦ୍ଭବ ଏବଂ ପାଖେ ପାଖେ ବନ୍ଧନୀ ଭିତରେ ସଂସ୍କୃତ ଶବ୍ଦ ଦିଆଗଲା ।

ମଥା (ମସ୍ତକ), ଗରାଖ (ଗ୍ରାହକ), ନଈ (ନଦୀ), ମାଙ୍କଡ଼ (ମର୍କଟ), ପୁଅ (ପୁତ୍ର), କାଠ (କାଷ୍ଠ), ବୁଢ଼ା (ବୃଦ୍ଧ), ଚାନ୍ଦ (ଚନ୍ଦ୍ର), ଘିଅ (ଘୃତ), ସାପ (ସର୍ପ), ନେଉଳ (ନକୁଳ), ଭଉଣୀ (ଭଗିନୀ), ନାଚ (ନୃତ୍ୟ), ମିରିଗ (ମୃଗ), ନାଆ (ନୌକା), ପୋଖରୀ (ପୁଷ୍କରିଣୀ), ଅଳତା (ଅଲକ୍ତକ), ଭାଇ (ଭ୍ରାତା), ଖଇର (ଖଦୀର), ଗୁଆ (ଗୁବାକ) ଇତ୍ୟାଦି ।

## ଦେଶଜ ଶବ୍ଦ

ଓଡ଼ିଆରେ ବ୍ୟବହୃତ ହେଉଥିବା ଅନେକ ଶବ୍ଦ ସଂସ୍କୃତ ନୁହେଁ କି ସଂସ୍କୃତରୁ ଉତ୍ପନ୍ନ ନୁହେଁ । ସେ ଗୁଡ଼ିକ ଆମ ଦେଶର ବିଭିନ୍ନ ଭାଷାରୁ, ବିଶେଷତଃ ଦକ୍ଷିଣ ଭାରତୀୟ ଭାଷାମାନଙ୍କରୁ ତଥା ଆଦିବାସୀମାନଙ୍କର ବିଭିନ୍ନ ଭାଷାରୁ ଆସିଅଛି । ଯଥା – କଣ୍ଢେଇ, କାଉଁରିଆ, କୁଟା, ଖାଣ୍ଟି, ଜନ୍ଦା, ଗୋଟମା, ଗହଳ, ଖୋଇ, ଖଙ୍କାର, ଟାପରା, ଟାଙ୍ଗିଆ, ଠେକରା, ଡେଙ୍ଗା, ଡଗର, ଢାଙ୍କୁଣି, ତାଟି, ବରା, ବାଡି, ଲଙ୍କା, ସରୁଆ, ହୁଗୁଳା, ହାକୁଟି, ଗୋଡ, ଖୋଇ, ଏଣ୍ଡୁରି, ଛାତି, ଜନ୍ତାଳ, ଚାଉଳ, ବୁଦା, ବେଣ୍ଟ, ଭାଉ, ଭେଣ୍ଡି, ଭେଣ୍ଡିଆ, ଟାପରା, ଖୁଣ୍ଟ, ଠେଙ୍ଗା, ମସିଣା, ହାଡ, ଛପର, ଟୋକେଇ, ହଡା, ହେଟା, ବେଣ୍ଟ, ବୋକା, ଢଗ, ଡେଙ୍ଗ, ଫାଙ୍କ, ମଲୁ, ଖଣ୍ଟ, ଗେଣ୍ଡା, ଗୋଡ଼ି, ବଟୁଆ, ଖାଣ୍ଟି, ଅଝଟ, ଆକଟ, ଅଳିଆ, ଅଖାଡୁଆ, ଅଣ୍ଟା, ପାଳି, ହେଟା, ଡେଣା, ପଳଖ, ପାଇଟି, ଢିଙ୍କି, ହାକୁଟି, ପଡ଼ା ଇତ୍ୟାଦି ।

## ବୈଦେଶିକ ଶବ୍ଦ

ଅତୀତରେ କେତେକ ବୈଦେଶିକ ଜାତି ଭାରତରେ ଶାସନ କରିଥିଲେ । ସେମାନଙ୍କ ଶାସନ କାଳରେ ଅନେକ ବୈଦେଶିକ ଶବ୍ଦ ଭାରତୀୟ ଭାଷାଗୁଡ଼ିକରେ ପ୍ରବେଶ କରିଛି । ତେଣୁ ଓଡ଼ିଆକୁ ମଧ୍ୟ ଅନେକ ବୈଦେଶିକ ଶବ୍ଦ ପ୍ରବେଶ କରିଛି । ତା ଛଡ଼ା, ବାଣିଜ୍ୟ ବ୍ୟବସାୟ, ଧର୍ମ ପ୍ରଚାର, ସଭ୍ୟତା ସଂସ୍କୃତି ଆଦି ମାଧ୍ୟମରେ ମଧ୍ୟ ଅନେକ ବୈଦେଶିକ ଶବ୍ଦ ଆମ ଭାଷାକୁ ପ୍ରବେଶ କରିଛି । ସେ ସବୁରୁ କିଛି କିଛି ଉଦାହରଣ ଦିଆଗଲା ।

### ପାର୍ସୀ ଶବ୍ଦ

ଗରିବ, ଦରଜି, ବେମାର, ଲଗାମ, ହଜାର, ଆବାଜ, ଗିରଫ, ଦରିଆ, ବରଫ, ଶିକାର, ହାଜିର, କଲମ, ଗୁମାସ୍ତା, ପସନ୍ଦ, ପୋଷାକ, ସରହଦ, ହୁକୁମ, କାଗଜ, ଜଖମ, ଦୌଲତ, ମୁର୍ଦ୍ଦାର, ଖବର, ଚଷମା, ଜାହାଜ, ଦରଖାସ୍ତ, ବନ୍ଦୋବସ୍ତ, ରୋଜଗାର, ସହର, ହୁସିଆର, କାରବାର ଇତ୍ୟାଦି ।

### ଆରବୀ ଶବ୍ଦ

ଆଇନା, ଇସ୍ତଫା, କରାମତ, ଖାତିର, ଜହର, ତାମସା, ତଦାରଖ, ଇସାରା, କବଲା, ଓଜନ, ଖାଲି, ଜବତ, ନାଚାର, ଇଲାକା, ଦାଖଲ, କଲିଜା, ଜିଦ୍, ଜମି, ନାରାଜ, ଖତମ, ଖରାପ, ଜମା, ଗରଜ, ତୋଫାନ, ଜିନିଷ, ଜମା, ଦଖଲ, ତଲାସ, ଜବରଦସ୍ତ, ଦଲାଲ, ଜବାବ, ତର୍ଜମା ଇତ୍ୟାଦି ।

### ତୁର୍କୀ ଶବ୍ଦ

ବନ୍ଧୁକ, ବାହାଦୁର, ଗାଲିଚା, ତୋପ, କୁଲି, ବାରୁଦ, ବେଗମ୍, ବୋକଚା ଇତ୍ୟାଦି ।

### ପର୍ତ୍ତୁଗୀଜ୍ ଶବ୍ଦ

ତମାଖୁ, ନିଲାମ, କୋବି, ଟାଙ୍କି, ବୋତଲ, କିରାଣି, ବାସନ, ବୋମା, ପିରଖ, ବେହେଲା, ମିସ୍ତ୍ରି, ପିସ୍ତଲ ଇତ୍ୟାଦି ।

### ଇଂରାଜୀ ଶବ୍ଦ

ମଟର, କପ୍, କେନାଲ, କମ୍ପାଉଣ୍ଡର, କମ୍ପାନି, କଲେଜ, ସ୍କୁଲ, କାର୍, ଫାଇଲ୍, ପିଅନ, ମେସିନ୍, ପାଇପ୍, ଟି.ଭି., ରେଡିଓ, ରିକ୍ସା, ବ୍ୟାଙ୍କ, ପୋଷ୍ଟଅଫିସ୍, ନୋଟ୍, ଭୋଟ୍, ଟେବୁଲ, ନର୍ସ, ଡାକ୍ତର (ଡକ୍ଟର), ବିସ୍‌କୁଟ୍, ରବର, ସିନେମା, ବେଟାରି, ପିନ୍, ସାର୍ଟ, ପ୍ୟାଣ୍ଟ, ସିଗାରେଟ୍, ଟାଉଟର, ଚେୟାର, ବେଞ୍ଚ, ଫୁଟ୍‌ବଲ, କ୍ରିକେଟ୍, ବ୍ୟାଣ୍ଡେଜ, ସିଟ୍, ରସିଦ୍ (ରିସିପ୍ଟ), ମେଡିକାଲ, ମିନିଟ୍, ସୁଇଚ୍, ଚକୋଲେଟ୍, ଟିକସ, (ଟ୍ୟାକ୍ସ) ଇତ୍ୟାଦି ।

# ପଦ

ବାକ୍ୟର ପ୍ରତ୍ୟେକ ଅଂଶକୁ **ପଦ** କୁହାଯାଏ । ପଦରେ କେଉଁଠି ରୁ, ରେ, ର, କୁ ପ୍ରଭୃତି ବିଭକ୍ତି ଲାଗିଥାଏ ତ କେଉଁଠି ଲାଗି ନ ଥାଏ । ଯେପରି ଭାଇ / କାଲି / ଦିଲ୍ଲୀରୁ / ଉଡ଼ାଜାହାଜରେ/ଆସି / ଭୁବନେଶ୍ୱରରେ / ପହଞ୍ଚିଲେ । ଏହି ବାକ୍ୟଟିରେ ସାତଟି ଅଂଶ ଅଛି । ପ୍ରତ୍ୟେକ ଅଂଶ ଗୋଟିଏ ଗୋଟିଏ ପଦ । ଯେତେ ବାକ୍ୟରେ ଯେତେ ପଦ ବ୍ୟବହୃତ ହେଉନା କାହିଁକି, ସମସ୍ତ ପଦକୁ ପାଞ୍ଚଟି ଶ୍ରେଣୀରେ ବିଭକ୍ତ କରାଯାଇପାରେ । ଯଥା – ବିଶେଷ୍ୟ, ବିଶେଷଣ, ସର୍ବନାମ, ଅବ୍ୟୟ, କ୍ରିୟା ।

## ବିଶେଷ୍ୟ ପଦ

ପ୍ରତ୍ୟେକ ନାମକୁ ବିଶେଷ୍ୟ ପଦ କହନ୍ତି । ବିଶେଷ୍ୟ ପାଞ୍ଚ ପ୍ରକାର । ଯଥା –

**(କ) ସଂଜ୍ଞାବାଚକ ବା ବ୍ୟକ୍ତିବାଚକ ବିଶେଷ୍ୟ** – ରାମଚନ୍ଦ୍ର, ବାଲ୍ମୀକି, କାଳିଦାସ, ମହାନଦୀ, ପାରାଦ୍ୱୀପ, ଚିଲିକା, ଦିଲ୍ଲୀ, ପୁରୀ ପ୍ରଭୃତି ।

ସଂଜ୍ଞାବାଚକ ବା ବ୍ୟକ୍ତିବାଚକ ବିଶେଷ୍ୟ କେବଳ ଜଣକୁ ବା ଗୋଟିଏକୁ ବୁଝାଏ ।

**(ଖ) ଜାତି ବାଚକ ବିଶେଷ୍ୟ** – ମନୁଷ୍ୟ, ପର୍ବତ, ନଦୀ, ପଶୁ, ପକ୍ଷୀ, ସିଂହ, ବୃକ୍ଷ, ଦେଶ, ବନ୍ଦର ଇତ୍ୟାଦି ।

ଜାତି ବାଚକ ବିଶେଷ୍ୟ ଜଣକୁ ବା ଗୋଟିଏକୁ ନ ବୁଝାଇ ଅନେକଙ୍କୁ ବୁଝାଏ । ଯେପରି – 'ମନୁଷ୍ୟ' ବୋଇଲେ ଅନେକ ମନୁଷ୍ୟ, 'ପର୍ବତ' ବୋଇଲେ ଅନେକ ପର୍ବତ, 'ନଦୀ' ବୋଇଲେ ଅନେକ ନଦୀ, 'ବନ୍ଦର' ବୋଇଲେ ଅନେକ ବନ୍ଦର, 'ବୃକ୍ଷ' ବୋଇଲେ ଅନେକ ବୃକ୍ଷ ଇତ୍ୟାଦି ।

**(ଗ) ବସ୍ତୁବାଚକ ବିଶେଷ୍ୟ** – ମାଟି, ପାଣି, ପଥର, କାଠ, ଗୁଡ, ଚିନି, କ୍ଷୀର, ଲୁହା ଇତ୍ୟାଦି ।

**(ଘ) ଗୁଣ ବା ଅବସ୍ଥାବାଚକ ବିଶେଷ୍ୟ** – ଦୟା, ସାଧୁତା, ସ୍ନେହ, ନିଷ୍ଠା, ମହତ୍ତ୍ୱ, ବୀରତ୍ୱ, ଦୁଷ୍ଟାମି, ଲୋଭ, ବାର୍ଦ୍ଧକ୍ୟ, ଯୌବନ, ଧୈର୍ଯ୍ୟ, ସୌନ୍ଦର୍ଯ୍ୟ, କଠୋରତା, ଗର୍ବ, ମୈତ୍ରୀ, ଚୌର୍ଯ୍ୟ, ଚାଞ୍ଚଲ୍ୟ ଇତ୍ୟାଦି ।

'ଗୁଣ' ବୋଇଲେ ଭଲ ଗୁଣ ତଥା ମନ୍ଦ ଗୁଣ, ଉଭୟକୁ ବୁଝାଏ । ଯେପରି – ଦୟା ମନୁଷ୍ୟର ଏକ ଭଲ ଗୁଣ, ଗର୍ବ ଏକ ମନ୍ଦ ଗୁଣ ।

**(ଙ) କ୍ରିୟାବାଚକ ବିଶେଷ୍ୟ** – ଭ୍ରମଣ, ଶୟନ, ଭୋଜନ, ପଠନ, ପାଳନ, ପାକ, ତ୍ୟାଗ, ଦେଖିବା, ଶୋଇବା, ଖାଇବା, ଧାଇଁବା ଇତ୍ୟାଦି ।

ସାଧାରଣତଃ ସଂସ୍କୃତ କ୍ରିୟାବାଚକ ବିଶେଷ୍ୟକୁ ଓଡ଼ିଆ କ୍ରିୟାବାଚକ ବିଶଷ୍ୟରେ ପରିଣତ କରାଯାଇପାରେ । ଯେପରି – ଶ୍ରବଣ–ଶୁଣିବା, ଦର୍ଶନ–ଦେଖିବା, ଶୟନ–ଶୋଇବା, ଭ୍ରମଣ– ବୁଲିବା, ଧାବନ– ଧାଇଁବା ଇତ୍ୟାଦି ।

କ୍ରିୟାବାଚକ ବିଶେଷ୍ୟ ପଦ ଓ କ୍ରିୟା ପଦ ମଧ୍ୟରେ ପାର୍ଥକ୍ୟ ହେଉଛି – କ୍ରିୟା ପଦରୁ କାଳ ଧାରଣା ମିଳେ । ଯେପରି–ପଢୁଛି, ପଢ଼େ, ପଢ଼ନ୍ତି, ପଢ଼ିଲା, ପଢ଼ିଲେ, ପଢ଼ିବ, ପଢ଼ିବେ, ପଢ଼ିବୁ ପ୍ରଭୃତି । ଏଗୁଡିକ ପ୍ରିୟାପଦ । କିନ୍ତୁ 'ପଠନ' ପଦଟିରୁ କାଳ ଧାରଣା ମିଳେ ନାହିଁ । ତେଣୁ 'ପଠନ' ଏକ କ୍ରିୟା ବାଚକ ବିଶେଷ୍ୟ । ଭଲ ପୁସ୍ତକ **ପଠନ** ଭଲ **ଆଚରଣ** ପାଇଁ ବାଟ ବତାଏ । ଭଲ ମଣିଷର ସ୍ୱଭାବ ହେଉଛି ଭଲ ବହି **ପଢ଼ିବା** । ଏହି ବାକ୍ୟ ଦୁଇଟିରେ କଳା ଅକ୍ଷରର ପଦଗୁଡିକ କ୍ରିୟାବାଚକ ବିଶେଷ୍ୟ ପଦ ।

## ବିଶେଷଣ ପଦ

ଯେଉଁ ପଦ ବିଶେଷ୍ୟ ପଦର ଗୁଣ, ଅବସ୍ଥା, ସଂଖ୍ୟା କିମ୍ବା ପରିମାଣକୁ ବୁଝାଏ, ତାହାକୁ ବିଶେଷଣ ପଦ କୁହାଯାଏ । ଯେପରି– **ବିଦ୍ୱାନ୍** ଲୋକ, **ଭଙ୍ଗା** ଖଟ, **ପାଞ୍ଚ** ଟଙ୍କା, **ବହୁତ** କ୍ଷୀର । 'ବିଦ୍ୱାନ୍' ପଦଟି ଲୋକର ଗୁଣ ବୁଝାଉଛି । 'ଭଙ୍ଗା' ପଦଟି ଖଟର ଅବସ୍ଥା ବୁଝାଉଛି । 'ପାଞ୍ଚ' ପଦଟି ଟଙ୍କାର ସଂଖ୍ୟା ବୁଝାଉଛି । 'ବହୁତ' ପଦଟି କ୍ଷୀରର ପରିମାଣ ବୁଝାଉଛି । ତେଣୁ ଏଗୁଡିକ ବିଶେଷଣ ପଦ ।

ଅତଏବ ବିଶେଷଣ ଚାରି ଶ୍ରେଣୀର । ଯଥା –

୧. **ଗୁଣବାଚକ ବିଶେଷଣ** – **ସରଳ** ଲୋକ, **ନୀଳ** ଆକାଶ, **ଉନ୍ନତ** ଦେଶ, **ଗଭୀର** ନଦୀ, **ଉଜ୍ଜ୍ୱଳ** ଆଲୋକ ଇତ୍ୟାଦି ।

୨. **ଅବସ୍ଥାବାଚକ ବିଶେଷଣ** – **ବୃଦ୍ଧ** ଲୋକ, **ଦରିଦ୍ର** ବାଳକ, **ଦୁର୍ବଳ** ଦେହ, **ଛିଣ୍ଡା** ଜାମା, **ତାତିଲା** ବାଲି ଇତ୍ୟାଦି ।

୩. **ସଂଖ୍ୟାବାଚକ ବିଶେଷଣ** – **ଦଶ** ମିଟର, **ଚାରି** ଦିଗ, **ସାତ** ସମୁଦ୍ର, **ତେର** ନଈ, **ଶହେ** କୋଟି ଇତ୍ୟାଦି ।

୪. **ପରିମାଣବାଚକ ବିଶେଷଣ** – **ଅଧିକ** ଧନ, **ବହୁତ** ଲାଭ, **ସାମାନ୍ୟ** କଥା, **ପ୍ରଚୁର** କ୍ଷୀର, **ଅଳ୍ପ** ଜଳ ଇତ୍ୟାଦି ।

ସଂଖ୍ୟାବାଚକ ବିଶେଷଣକୁ ନିର୍ଦ୍ଦିଷ୍ଟତା ଅର୍ଥରେ ପୂରଣବାଚକ ବିଶେଷଣ କରାଯାଏ । ଯେପରି ତିନି ପୁତ୍ର–**ତୃତୀୟ** ପୁତ୍ର । ତୃତୀୟ ପୁତ୍ର ଅର୍ଥ–ଜନ୍ମ ହିସାବରେ ଯେଉଁ ପୁତ୍ର ଉପରେ ୩ ସଂଖ୍ୟା ପଡ଼େ । ସାତ ଶ୍ରେଣୀ – **ସପ୍ତମ** ଶ୍ରେଣୀ । **ସପ୍ତମ** ଶ୍ରେଣୀ ବୋଇଲେ ଯେଉଁ ଶ୍ରେଣୀ ଉପରେ ୭ ସଂଖ୍ୟା ପଡ଼େ । ପାଞ୍ଚ ଧାଡି–**ପଞ୍ଚମ** ଧାଡ଼ି । ପଞ୍ଚମ ଧାଡିର ଅର୍ଥ ଧାଡ଼ିଗୁଡିକୁ ଗଣିଲେ ଯେଉଁ ଧାଡି ଉପରେ ୫ ସଂଖ୍ୟା ପଡ଼େ ।

କେତେକ ସଂଖ୍ୟାରୁ ଗଠିତ ପୂରଣବାଚକ ବିଶେଷଣ ଦିଆଗଲା –

୧– ପ୍ରଥମ, ୨– ଦ୍ୱିତୀୟ, ୩–ତୃତୀୟ, ୪–ଚତୁର୍ଥ, ୫– ପଞ୍ଚମ, ୬–ଷଷ୍ଠ, ୭–ସପ୍ତମ, ୮–ଅଷ୍ଟମ, ୯–ନବମ, ୧୦–ଦଶମ, ୧୧–ଏକାଦଶ, ୧୨–ଦ୍ୱାଦଶ, ୧୩–ତ୍ରୟୋଦଶ, ୧୪–ଚତୁର୍ଦ୍ଦଶ, ୧୫–ପଞ୍ଚଦଶ, ୧୬–ଷୋଡଶ,

୧୭–ସପ୍ତଦଶ, ୧୮–ଅଷ୍ଟାଦଶ, ୧୯–ଊନବିଂଶ, ୨୦–ବିଂଶ, ୨୧–ଏକବିଂଶ, ୫୦–ପଞ୍ଚାଶତ୍ତମ, ୬୦–ଷଷ୍ଟିତମ, ୭୦–ସପ୍ତତିତମ, ୮୦–ଅଶିତିତମ, ୯୦–ନବତିତମ, ୧୦୦–ଶତତମ ଇତ୍ୟାଦି ।

## ସର୍ବନାମ ପଦ

ଯେଉଁ ପଦ ବିଶେଷ୍ୟ ପଦ ପରିବର୍ତ୍ତେ ବ୍ୟବହୃତ ହୁଏ, ତାହାକୁ **ସର୍ବନାମ ପଦ** କୁହାଯାଏ । ଉଦାହରଣ ସ୍ୱରୂପ –

ରାମଚନ୍ଦ୍ର ଜଣେ ପ୍ରଜାବତ୍ସଳ ରାଜା ଥିଲେ । ରାମଚନ୍ଦ୍ର ଐଶ୍ୱର୍ଯ୍ୟଭୋଗ ଚାହୁଁ ନ ଥିଲେ । ପ୍ରଜାମାନଙ୍କୁ ସୁଖରେ ରଖିବା ରାମଚନ୍ଦ୍ରଙ୍କର ପରମ କର୍ତ୍ତବ୍ୟ ଥିଲା । ତେଣୁ ରାମଚନ୍ଦ୍ରଙ୍କୁ ଭଗବାନଙ୍କ ଅବତାର ବୋଲି କୁହାଯାଏ ।

ଏଥିରେ 'ରାମଚନ୍ଦ୍ର' ବିଶେଷ୍ୟ ପଦଟି ବାରମ୍ବାର ବ୍ୟବହୃତ ହୋଇଥିବାରୁ ଶୁଣିବାକୁ ଭଲ ଲାଗୁନାହିଁ । ଏହାକୁ ନିମ୍ନ ପ୍ରକାରେ ବଦଳାଇଦେଲେ ଭଲ ଲାଗିବ । –

ରାମଚନ୍ଦ୍ର ଜଣେ ପ୍ରଜାବତ୍ସଳ ରାଜା ଥିଲେ । **ସେ** ଐଶ୍ୱର୍ଯ୍ୟ ଭୋଗ ଚାହୁଁନ ଥିଲେ । ପ୍ରଜାମାନଙ୍କୁ ସୁଖରେ ରଖିବା **ତାଙ୍କର** ପରମ କର୍ତ୍ତବ୍ୟ ଥିଲା । ତେଣୁ **ତାଙ୍କୁ** ଭଗବାନଙ୍କ ଅବତାର ବୋଲି କୁହାଯାଏ ।

ଏଥିରେ **ସେ, ତାଙ୍କର, ତାଙ୍କୁ** ସର୍ବନାମ ପଦ । କାରଣ ଏଗୁଡିକ ରାମଚନ୍ଦ୍ର, ରାମଚନ୍ଦ୍ରଙ୍କର, ରାମଚନ୍ଦ୍ରଙ୍କୁ ବିଶେଷ୍ୟପଦ ଗୁଡିକ ପରିବର୍ତ୍ତେ ବ୍ୟବହୃତ ହୋଇଛି ।

ସେ, ସେହି, ତାହା, ଏ, ଏହି , ଏହା, କିଏ, କଅଣ, କେହି, କିସ, ମୁଁ, ଆମେ, ତୁ, ତୁମେ, ଆପଣ, ନିଜେ, ନିଜ ପ୍ରଭୃତି ସର୍ବନାମ ପଦ । ଏଗୁଡ଼ିକରୁ ଯେତେ ରୂପ ହୁଏ ଯଥା– ସେମାନେ, ତାକୁ, ତାଙ୍କୁ, ସେମାନଙ୍କୁ, ତାହାର, ଏହାକୁ, କାହାଦ୍ୱାରା, କଅଣପାଇଁ, ମୁଁ, ଆମେ, ମୋତେ, ଆମକୁ, ଆମଦ୍ୱାରା, ତୋତେ, ତୁମଠାରୁ ଇତ୍ୟାଦି, ସବୁ ସର୍ବନାମ ପଦ । ଅର୍ଥାତ୍ ବିଶେଷ୍ୟ ପଦ ଯେଉଁ ବଚନ ଓ ବିଭକ୍ତିରେ ଥାଏ, ସର୍ବନାମ ପଦ ସେହି ବଚନ ଓ ବିଭକ୍ତିରେ ରହେ ।

ଯେ କହେ, ତା'ର ନାମ ପରିବର୍ତ୍ତେ 'ମୁଁ' ଏବଂ ଯେଉଁମାନେ କହନ୍ତି, ସେମାନଙ୍କ ନାମ ପରିବର୍ତ୍ତେ 'ଆମେ' ବା 'ଆମେମାନେ' ବ୍ୟବହୃତ ହୁଏ । ତେଣୁ ମୁଁ, ଆମେ, ଆମ୍ଭେ, ଆମେମାନେ, ଆମ୍ଭେମାନେ, ଏଗୁଡ଼ିକ ସର୍ବନାମ ।

ଯାହାକୁ କୁହାଯାଏ, ତା'ର ନାମ ପରିବର୍ତ୍ତେ ତୁ, ତୁମେ, ଏବଂ ଯାହାଙ୍କୁ କୁହାଯାଏ, ତାଙ୍କ ନାମ ପରିବର୍ତ୍ତେ ଆପଣ, ଆପଣମାନେ ବ୍ୟବହୃତ ହୁଏ । ତେଣୁ ତୁ, ତୁମେ, ତୁମେମାନେ, ଆପଣ, ଆପଣମାନେ ସର୍ବନାମ ପଦ ।

## କ୍ରିୟାପଦ

ଯେଉଁ ପଦଦ୍ୱାରା କୌଣସି କାର୍ଯ୍ୟ ହେବା ସୂଚିତ ହୁଏ, ତାହାକୁ **କ୍ରିୟାପଦ** କହନ୍ତି । ଯଥା – ପଢ଼େ, ପଢୁଛି, ପଢୁଛନ୍ତି, ପଢ଼ିଛନ୍ତି, ପଢ଼ିଲା, ପଢ଼ିଲେ, ପଢ଼ିଲୁ, ପଢ଼ିଲ, ପଢ଼ିବ, ପଢ଼ିବେ, ପଢ଼ିବୁ ଇତ୍ୟାଦି ।

କ୍ରିୟାବାଚକ ବିଶେଷ୍ୟ ପ୍ରସଙ୍ଗରେ କୁହାଯାଇଛି, କ୍ରିୟାବାଚକ ବିଶେଷ୍ୟ ପଦରୁ କୌଣସି କାଳ ଧାରଣା ମିଳେ ନାହିଁ । ଯେପରି– ଗମନ, ଭୋଜନ, ଶୟନ, ପଠନ, ଧାଇଁବା, ଖାଇବା, ଶୁଣିବା ପ୍ରଭୃତି । କିନ୍ତୁ କ୍ରିୟାପଦରୁ କାଳ

ଧାରଣା ମିଳେ । ଯେପରି – ପଢୁଛି, ପଢୁଥିଲା, ପଢ଼ିଥିଲା, ପଢ଼ିବ, ପଢ଼ିବେ ଇତ୍ୟାଦି । ଏଗୁଡ଼ିକରୁ **ବର୍ତ୍ତମାନ କାଳ, ଅତୀତ କାଳ** ତଥା **ଭବିଷ୍ୟତ କାଳ** ସୂଚିତ ହେଉଛି । ତେଣୁ କ୍ରିୟାପଦର ସାଧାରଣତଃ ତିନି କାଳ – ବର୍ତ୍ତମାନ, ଅତୀତ ଓ ଭବିଷ୍ୟତ । ଏହାଛଡ଼ା, ନିତ୍ୟପ୍ରବୃତ୍ତ ବର୍ତ୍ତମାନ, ସମ୍ଭାବ୍ୟ ଭବିଷ୍ୟତ, ସମ୍ଭାବ୍ୟ ଅତୀତ, ଆଦେଶ ଆଦି ମଧ୍ୟ କ୍ରିୟାପଦରୁ ସୂଚିତ ହୁଏ । ଯେପରି – (ସେ) ପଢ଼େ, (ସେମାନେ) ପଢ଼ନ୍ତି, (ତୁ) ପଢୁ, (ଆମେ) ପଢୁଁ ଇତ୍ୟାଦି (**ନିତ୍ୟପ୍ରବୃତ୍ତ ବର୍ତ୍ତମାନ**) । (ସେ) ପଢ଼ନ୍ତା, (ସେମାନେ) ପଢ଼ନ୍ତେ, (ତୁ) ପଢ଼ନ୍ତୁ, (ମୁଁ) ପଢ଼ନ୍ତି ଇତ୍ୟାଦି (**ସମ୍ଭାବ୍ୟ ଭବିଷ୍ୟତ**) । (ତୁ) ପଢ୍, (ତୁମେ) ପଢ଼, (ସେ) ପଢୁ, (ସେମାନେ) ପଢ଼ନ୍ତୁ ଇତ୍ୟାଦି (**ଆଦେଶ**) ।

ଆଉ ମଧ୍ୟ ଏହି ଉଦାହରଣଗୁଡ଼ିକରୁ ଜଣା ପଡୁଛି ଯେ କ୍ରିୟା ପଦର ରୂପ କର୍ତ୍ତା ଅନୁସାରେ ବଦଳେ । ଯେପରି ବାଳକଟି ପଢ଼େ, ବାଳକମାନେ ପଢ଼ନ୍ତି, ତୁ ପଢୁ, ତୁମେ ପଢ଼, ମୁଁ ପଢ଼େଁ, ଆମେ ପଢୁଁ, ସେ ପଢୁଛି, ଆମେ ପଢୁଛୁଁ, ତୁ ପଢ଼ିଲୁ, ଲୋକମାନେ ପଢ଼ିଲେ ଇତ୍ୟାଦି ।

କ୍ରିୟାପଦ ମୁଖ୍ୟତଃ ଦୁଇ ଶ୍ରେଣୀର – **ସମାପିକା କ୍ରିୟାପଦ** ଓ **ଅସମାପିକା କ୍ରିୟାପଦ** ।

ଯେଉଁ କ୍ରିୟାଦ୍ୱାରା ବାକ୍ୟର ସମାପ୍ତି ବା ସଂପୂର୍ଣ୍ଣତା ଜଣାପଡ଼େ, ତାହା ସମାପିକା କ୍ରିୟାପଦ । ଯେପରି – ଶିଷ୍ୟଟି ଧୀରସ୍ଥିର ଭାବରେ ଗୁରୁଙ୍କ କଥା **ଶୁଣିଲା** । ବର୍ଷା ଋତୁରେ କଦମ୍ବ ଫୁଲ **ଫୁଟେ** । ଏଠାରେ 'ଶୁଣିଲା' କ୍ରିୟାପଦ ଦ୍ୱାରା ପ୍ରଥମ ବାକ୍ୟଟି ଏବଂ 'ଫୁଟେ' କ୍ରିୟାପଦ ଦ୍ୱାରା ଦ୍ୱିତୀୟ ବାକ୍ୟଟି ସମାପ୍ତ ହୋଇଥିବାର ଜଣାପଡୁଛି । ତେଣୁ ଏ ଦୁଇଟି ସମାପିକା କ୍ରିୟାପଦ ।

ଅସୁର ଗୋଟାଏ ବିରାଟପଥର **ଧରି** ଫିଙ୍ଗିଲା । ପିଲାମାନେ ଶିକ୍ଷକଙ୍କଠାରୁ **ବୁଝି** ଅଙ୍କ କଷିଲେ । ଏଠାରେ 'ଧରି' କ୍ରିୟାପଦଦ୍ୱାରା ପ୍ରଥମ ବାକ୍ୟର ଏବଂ 'ବୁଝି' କ୍ରିୟା ପଦଦ୍ୱାରା ଦ୍ୱିତୀୟ ବାକ୍ୟର ସମାପ୍ତି ଜଣାପଡୁନାହିଁ । ତେଣୁ ଏ ଦୁଇଟି ଅସମାପିକା କ୍ରିୟାପଦ ।

ଆଉ କେତେକ ପ୍ରକାର ସମାପିକା କ୍ରିୟାପଦ ନିମ୍ନରେ ଦିଆଗଲା । –

(କ) ଲୋକଟି **ଯାଉ ଯାଉ** ପଡ଼ିଗଲା ।

(ଖ) ଅଳସୁଆମାନେ **ଶୋଇଶୋଇ** ଦିନ କାଟନ୍ତି ।

(ଗ) ତୁମେ ଗାଁକୁ **ଆସିଲେ** ଆମ ଘରକୁ ଆସିବ ।

(ଘ) ଘରେ **ନ ପଶୁଣୁ** ଚାଳ ବାଜିଲା ।

### ଅବ୍ୟୟ ପଦ

ଯେଉଁ ପଦର ଆଦୌ ପରିବର୍ତ୍ତନ ହୁଏ ନାହିଁ, ତାହାକୁ **ଅବ୍ୟୟ ପଦ** କୁହାଯାଏ ।

କମଳା **ଓ** ବିମଳା ଦୁଇ ଭଉଣୀ ।

ଫାଲ୍‌ଗୁନ **କିମ୍ବା** ଚୈତ୍ର ମାସରେ ସେମାନେ ଆସିବେ ।

କଳା ଅକ୍ଷରର ପଦ ଦୁଇଟିର ଆଦୌ ପରିବର୍ତ୍ତନ ହୁଏନାହିଁ । ଏଗୁଡିକର ରୂପ ସର୍ବଦା ସମାନ । ତେଣୁ ଏ ଦୁଇଟି ଅବ୍ୟୟ ପଦ ।

ବିଶେଷ୍ୟ, ବିଶେଷଣ, ସର୍ବନାମ ଓ କ୍ରିୟା ପଦର ବିଭକ୍ତି, ବଚନ, କାଳ, ଲିଙ୍ଗ ପ୍ରଭୃତିରେ ପରିବର୍ତ୍ତନ ଘଟେ, କିନ୍ତୁ ଅବ୍ୟୟର କୌଣସି ପରିବର୍ତ୍ତନ ନାହିଁ । ଉଦାହରଣ ସ୍ୱରୂପ –

**ବିଶେଷ୍ୟର ପରିବର୍ତ୍ତନ –**

ବୃକ୍ଷ, ବୃକ୍ଷକୁ, ବୃକ୍ଷଗୁଡ଼ିକ ଦ୍ୱାରା, ବୃକ୍ଷର ଇତ୍ୟାଦି ।

**ବିଶେଷଣର ପରିବର୍ତ୍ତନ –**

ସୁନ୍ଦର–ସୁନ୍ଦରୀ, ମେଧାବୀ–ମେଧାବିନୀ, ବୃଦ୍ଧ–ବୃଦ୍ଧା, ମହୀୟାନ୍,–ମହୀୟସୀ ଇତ୍ୟାଦି ।

**ସର୍ବନାମର ପରିବର୍ତ୍ତନ –**

ସେ, ସେମାନେ, ତାକୁ, ସେମାନଙ୍କୁ, ତା ଦ୍ୱାରା, ସେମାନଙ୍କ ଦ୍ୱାରା ଇତ୍ୟାଦି ।

**କ୍ରିୟାର ପରିବର୍ତ୍ତନ –**

ଖାଉଛି, ଖାଉଛନ୍ତି, ଖାଇବ, ଖାଇବେ, ଖାଏ ଇତ୍ୟାଦି ।

କିନ୍ତୁ 'ଓ' 'କିମ୍ବା'ର କୌଣସି ପରିବର୍ତ୍ତନ ଘଟେନାହିଁ ।

ଅବ୍ୟୟପଦ ଅନେକ । ତନ୍‌ମଧ୍ୟରୁ କେତୋଟି ଦିଆଗଲା – ଓ, ଏବଂ, କିମ୍ବା, ପୁଣି, ମଧ୍ୟ, କିନ୍ତୁ, ମାତ୍ର, ତଥାପି, ଅଥଚ, ସଦା, ସର୍ବଦା, ଯେବେ, କେବେ, ଏବେ, ହଠାତ୍, ଦୈବାତ୍, ଯଦି, ଯଦିଓ, କାଳେ, ବାରମ୍ବାର, ପୁନଃ ପୁନଃ, ପୁନର୍ବାର, ବା, ଅଥବା, ଅବା, ସିନା, ପରା, ଆସ୍ତେ, ରେ, ଆରେ, ହେ, ଆହେ, ଆହା, ହାୟ, ବାଃ, ସାବାସ୍, ଆଚ୍ଛା, କାହିଁକି, ଯେପରି, ସେପରି, କିପରି ଇତ୍ୟାଦି ।

## ଉପସର୍ଗ

ଉପସର୍ଗଗୁଡ଼ିକ ମଧ୍ୟ ଅବ୍ୟୟ । ସେ ଗୁଡ଼ିକ ଧାତୁ କିମ୍ବା ଶବ୍ଦର ପୂର୍ବରେ ଲାଗନ୍ତି ଏବଂ ଅର୍ଥ ପରିବର୍ତ୍ତନ କରନ୍ତି । ଧାତୁର ପୂର୍ବରୁ ଯଥା –

ଆ (ଉପସର୍ଗ) – କୃ (ଧାତୁ) + ଅ (ପ୍ରତ୍ୟୟ) = ଆକାର

ବି (ଉପସର୍ଗ) – କୃ (ଧାତୁ) + ଅ (ପ୍ରତ୍ୟୟ) = ବିକାର

ପ୍ରତି (ଉପସର୍ଗ) – ବଦ୍ (ଧାତୁ) + ଅ (ପ୍ରତ୍ୟୟ) = ପ୍ରତିବାଦ

ସମ୍ (ଉପସର୍ଗ) – ବଦ୍ (ଧାତୁ) + ଅ (ପ୍ରତ୍ୟୟ) = ସଂବାଦ ।

ଶବ୍ଦର ପୂର୍ବରୁ ଯଥା –

ଦୁର୍ (ଉପସର୍ଗ) – ଭାଗ୍ୟ (ଶବ୍ଦ) = ଦୁର୍ଭାଗ୍ୟ

ଉପ (ଉପସର୍ଗ) – କୂଳ (ଶବ୍ଦ) = ଉପକୂଳ

ଅନୁ (ଉପସର୍ଗ) - କ୍ଷଣ (ଶବ୍ଦ) = ଅନୁକ୍ଷଣ

ପ୍ରତି (ଉପସର୍ଗ) - ମୂର୍ତ୍ତି (ଶବ୍ଦ) = ପ୍ରତିମୂର୍ତ୍ତି

**ସଂସ୍କୃତ ଉପସର୍ଗ** କୋଡିଏଟି । ପ୍ରତ୍ୟେକରୁ ଦୁଇଟି ଲେଖାଏଁ ଉଦାହରଣ ଦିଆଗଲା ।

| | |
|---|---|
| ୧. ପ୍ର- ପ୍ରକାଶ, ପ୍ରଯତ୍ନ | ୧୧. ଅତି - ଅତିଶୟ, ଅତ୍ୟୁକ୍ତି |
| ୨. ପରା - ପରାମର୍ଶ, ପରାକାଷ୍ଠା | ୧୨. ପରି - ପରିସର, ପରିଶ୍ରମ |
| ୩. ଅପ - ଅପରାଧ, ଅପଯଶ | ୧୩. ପ୍ରତି - ପ୍ରତିକାର, ପ୍ରତିହିଂସା |
| ୪. ସମ୍ - ସଂଳାପ, ସଂଭାଷଣ | ୧୪. ଅବ - ଅବଜ୍ଞା, ଅବଗତି |
| ୫. ନି - ନିବୃତ୍ତି, ନିବାରଣ | ୧୫. ଅନୁ - ଅନୁନୟ, ଅନୁକୂଳ |
| ୬. ଅଧି - ଅଧିକାର, ଅଧିପତି | ୧୬. ବି - ବିହାର, ବିଫଳ |
| ୭. ସୁ - ସୁଲଭ, ସୁଦର୍ଶନ | ୧୭. ଅଭି - ଅଭିଧାନ, ଅଭିମୁଖ |
| ୮. ନିର୍ - ନିର୍ଣ୍ଣୟ, ନିର୍ମୂଳ | ୧୮. ଅପି - ଅପିଧାନ (ଢାଙ୍କୁଣି) |
| ୯. ଦୁର୍ - ଦୁର୍ଗମ, ଦୁର୍ଜନ | ୧୯. ଉପ - ଉପହାର, ଉପଗ୍ରହ |
| ୧୦. ଉତ୍ - ଉତ୍ପାତ, ଉତ୍କଳ | ୨୦. ଆଦାନ, ଆସମୁଦ୍ର |

ବେ, ଦର, ଅଣ, ବଦ ପ୍ରଭୃତି କେତୋଟି ଅଣସଂସ୍କୃତ ଉପସର୍ଗ ମଧ୍ୟ ପ୍ରଚଳିତ ଅଛି । ଯଥା ବେକାର, ବେନାମି, ଦରହସା, ଦରଖଣ୍ଡିଆ, ଅଣ ଓଡ଼ିଆ, ଅଣ ହଳଦିଆ, ବଦରାଗୀ, ବଦନାମ ପ୍ରଭୃତି ।

ଉପସର୍ଗଗୁଡ଼ିକୁ **ପୂର୍ବ ପ୍ରତ୍ୟୟ** ବୋଲି ମଧ୍ୟ କୁହାଯାଏ ।

-୦-

# ଦ୍ୱିତୀୟ ୟୁନିଟ୍

# ବାକ୍ୟର ସଂଜ୍ଞା ଓ ସ୍ୱରୂପ

କେତେଗୁଡ଼ିଏ ପଦ ମିଶି ମନର ଗୋଟିଏ ଭାବ ପ୍ରକାଶ କଲେ ତାହା **ବାକ୍ୟ** ହୁଏ । ବାକ୍ୟ ହେବା ପାଇଁ ପଦଗୁଡ଼ିକ୍ ମଧ୍ୟରେ ପାରସ୍ପରିକ ଆକାଂକ୍ଷା, ଯୋଗ୍ୟତା ଓ ଆସତ୍ତିର ଆବଶ୍ୟକତା ଥାଏ । 'ଆସତ୍ତି'ର ଅର୍ଥ – ପଦଗୁଡ଼ିକର ଯଥାକ୍ରମିକ ସଜ୍ଜୀକରଣ, ନିକଟତା ବା ଅବିଳମ୍ବେ ଉଚ୍ଚାରଣ ।

**ଆକାଂକ୍ଷା –**

(କ) ଗୋପବଂଧୁ ପୁରୀ ଜିଲ୍ଲାର ସୁଆଣ୍ଡୋ ................

(ଖ) ନିର୍ମଳ ଆକାଶରେ ଚନ୍ଦ୍ର ............................

ଉଦାହରଣ ଦୁଇଟିରୁ ଜଣା ପଡୁଅଛି ଯେ ଅର୍ଥବୋଧ ନିମନ୍ତେ ପଦଗୁଡ଼ିକ ଆଉ କେତେକ ପଦର ଆକାଂକ୍ଷା ବା ଅପେକ୍ଷା ରଖୁଛନ୍ତି । ଆଉ କେତେକ ପଦ ଦିଆଗଲେ ଅର୍ଥ ସଂପୂର୍ଣ୍ଣରୂପେ ପ୍ରକାଶ ପାଇବ । ଯେପରି –

ଗୋପବଂଧୁ ପୁରୀ ଜିଲ୍ଲାର ସୁଆଣ୍ଡୋ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ ।

ନିର୍ମଳ ଆକାଶରେ ଚନ୍ଦ୍ର ଶୋଭା ପାଉଅଛି ।

ତେଣୁ ବାକ୍ୟରେ ପଦଗୁଡ଼ିକ ମଧ୍ୟରେ ଆକାଂକ୍ଷା ପୂରଣ ହେଉଥିବା ଆବଶ୍ୟକ ।

**ଯୋଗ୍ୟତା** – ବାକ୍ୟରେ ପଦମାନଙ୍କ ମଧ୍ୟରେ ଯୋଗ୍ୟତା ବା ସମ୍ଭବତା ଥିବା ଆବଶ୍ୟକ । ଯୋଗ୍ୟତା ଅଭାବରେ ବାକ୍ୟ ହୋଇପାରିବ ନାହିଁ । ଯେପରି –

ପର୍ବତ ଦଉଡୁଅଛି ।

ଲୋକଟି ବୃକ୍ଷ ମୂଳରେ ଅଗ୍ନି ସେଚନ କରୁଛି ।

ପର୍ବତର ଦଉଡିବାର ଯୋଗ୍ୟତା ନାହିଁ । ବୃକ୍ଷ ମୂଳରେ ଜଳ ସେଚନ କରାଯାଏ, ଅଗ୍ନି ସେଚନ କରାଯାଏ ନାହିଁ । ତେଣୁ ଯୋଗ୍ୟତା ନ ଥିବାରୁ ଏ ଦୁଇଟି ବାକ୍ୟ ନୁହେଁ ।

**ଆସତ୍ତି** – ବାକ୍ୟରେ ଯେଉଁ ପଦ ନିକଟରେ ଯେଉଁ ପଦ ରହିଲେ ଅର୍ଥବୋଧ ସୁଗମ ହୁଏ, ତାହା ନ କରି ଓଲଟ ପାଲଟ କରି ରଖିଲେ ଅର୍ଥବୋଧ ସୁଗମ ହୁଏ ନାହିଁ । ଯେପରି –

କେଉଟ ମାଛ ଜାଲରେ ନଈରୁ ଧରିଲା ।

ଏଥିରେ ଆମେ ଯଦି ପଦଗୁଡ଼ିକୁ ସଜାଇ ରଖିବା, ତେବେ ଅର୍ଥବୋଧ ସୁଗମ ହେବ । ଯେପରି –

କେଉଁଟ ନଈରୁ ଜାଲରେ ମାଛ ଧରିଲା ।

ଆଉ ମଧ୍ୟ, ଲେଖିଲାବେଳେ ପଦଗୁଡ଼ିକୁ ବହୁତ ଛଡାଛଡା କରି ଲେଖିଲେ ବା କହିଲାବେଳେ ଡେରି ଡେରି କରି ଉଚ୍ଚାରଣ କଲେ ଆସତ୍ତିର ଅଭାବ ଘଟେ । ଅର୍ଥ ବୁଝିବା ସହଜ ହୁଏ ନାହିଁ । ତେଣୁ ପଦଗୁଡ଼ିକୁ ଅଳ୍ପ ଅଳ୍ପ ଛାଡି ଲେଖିବା ଉଚିତ ଏବଂ କହିଲାବେଳେ ଡେରି ନ କରି କହିବା ଉଚିତ ।

ଏହିପରି ଭାବରେ ଯୋଗ୍ୟତା, ଆକାଂକ୍ଷା ଓ ଆସତ୍ତି ଥିବା ପଦସମଷ୍ଟିକୁ **ବାକ୍ୟ** କୁହାଯାଏ । ତେଣୁ ସାହିତ୍ୟ ଦର୍ପଣରେ କୁହାଯାଇଛି –

**"ବାକ୍ୟଂ ସ୍ୟାଦ୍ ଯୋଗ୍ୟତାକାଂକ୍ଷାତ୍ତ୍ଵ ସତ୍ତିଯୁକ୍ତଃ ପଦୋଚ୍ଚୟଃ"** ।

## ବାକ୍ୟର ପ୍ରକାର ଭେଦ

ବାକ୍ୟକୁ ସାଧାରଣତଃ ଗଠନ ଓ ଭାବ  ଦୃଷ୍ଟିରୁ ଦୁଇ ଶ୍ରେଣୀରେ ବିଭକ୍ତ କରାଯାଏ ।

ଗଠନ ଦୃଷ୍ଟିରୁ –  ସରଳ ବାକ୍ୟ, ଯୌଗିକ ବାକ୍ୟ ଓ ଜଟିଳ ବାକ୍ୟ ।

ଭାବ ଦୃଷ୍ଟିରୁ – ବିବୃତି ସୂଚକ ବାକ୍ୟ, ପ୍ରଶ୍ନ ସୂଚକ ବାକ୍ୟ, ବିସ୍ମୟ ସୂଚକ ବାକ୍ୟ ଓ ଆଦେଶ ସୂଚକ ବାକ୍ୟ ।

(୧)  ବାକ୍ୟର ଗଠନଗତ ପ୍ରକାର ଭେଦ ଦିଆଗଲା । –

**ସରଳ ବାକ୍ୟ** – ଯେଉଁ ବାକ୍ୟରେ ଗୋଟିଏ ମାତ୍ର ସମାପିକା କ୍ରିୟା ଥାଏ, ତାହାକୁ **ସରଳ ବାକ୍ୟ** କହନ୍ତି । ଯଥା –

(କ)  ଏ ବର୍ଷ ଗ୍ରୀଷ୍ମ ଋତୁରେ ପ୍ରବଳ ଖରା ହୋଇଥିଲା ।

(ଖ)  ଦିଲ୍ଲୀ ଭାରତର ରାଜଧାନୀ ଅଟେ ।

ପ୍ରଥମ ବାକ୍ୟରେ 'ହୋଇଥିଲା' ଓ ଦ୍ୱିତୀୟ ବାକ୍ୟରେ 'ଅଟେ'  ଗୋଟିଏ ଗୋଟିଏ ସମାପିକା କ୍ରିୟାପଦ । ତେଣୁ ବାକ୍ୟ ଦୁଇଟି ଗୋଟିଏ ଗୋଟିଏ ସରଳ ବାକ୍ୟ ।  ('ଅଟେ' ସମାପିକା କ୍ରିୟାକୁ ଉହ୍ୟ ରଖାଯାଇପାରେ । ଯେପରି – ଦିଲ୍ଲୀ ଭାରତର ରାଜଧାନୀ ।)

**ଯୌଗିକ ବାକ୍ୟ** – ଏକାଧିକ ସରଳ ବାକ୍ୟର ସଂଯୋଗରେ ଯେଉଁ  ବାକ୍ୟ ହୁଏ, ତାହାକୁ **ଯୌଗିକ ବାକ୍ୟ** କୁହାଯାଏ । ଯେପରି –

(କ)  ଗୁରୁ ଛାତ୍ରଟିର ବ୍ୟାକୁଳତା ଦେଖି ତାକୁ ସାନ୍ତ୍ୱନା ଦେଲେ ଏବଂ ଯଥାସମ୍ଭବ ସାହାଯ୍ୟ କରିବାକୁ କହିଲେ । ଏହି ବାକ୍ୟଟିରେ 'ଦେଲେ' 'କହିଲେ'  ଦୁଇଟି ସମାପିକା କ୍ରିୟା ପଦ । ଦୁଇଟି ସମାପିକା କ୍ରିୟା ଥିବା ଦୁଇଟି ସରଳ ବାକ୍ୟ  'ଏବଂ' ଅବ୍ୟୟପଦ ଦ୍ୱାରା ଯୋଡ଼ି ହୋଇଥିବାରୁ ସମଗ୍ର ବାକ୍ୟଟି ଗୋଟିଏ ଯୌଗିକ ବାକ୍ୟ ।

(ଖ)  ସଞ୍ଜ ହେଲା, ଆକାଶରେ ଚନ୍ଦ୍ର ଉଇଁଲେ ଏବଂ ଚନ୍ଦ୍ରଜ୍ୟୋତ୍ସ୍ନା ପୃଥିବୀକୁ ସୌନ୍ଦର୍ଯ୍ୟ ମଣ୍ଡିତ କଲା ।

ଏଥିରେ ତିନୋଟି ସମାପିକା କ୍ରିୟା – 'ହେଲା' 'ଉଇଁଲେ' ଓ 'କଲା' ।  ତିନୋଟି ସମାପିକା କ୍ରିୟାଥିବା  ତିନୋଟି ସରଳ ବାକ୍ୟ କମା (,)  'ଏବଂ' ଅବ୍ୟୟପଦ ଦ୍ୱାରା ଯୋଡ଼ି ହୋଇଥିବାରୁ ସମଗ୍ର ବାକ୍ୟଟି ଗୋଟିଏ ଯୌଗିକ ବାକ୍ୟ ।

ଯୌଗିକ ବାକ୍ୟରେ କୌଣସି ବାକ୍ୟ କୌଣସି ବାକ୍ୟ ଉପରେ ନିର୍ଭରଶୀଳ ନୁହେଁ ।

ମନେ ରଖିବାକୁ ହେବ, ଯେ କୌଣସି ବାକ୍ୟର ପ୍ରକାରନିରୂପଣରେ ଅସମାପିକା କ୍ରିୟାର କୌଣସି ଭୂମିକା ନଥାଏ । ଏକାଧିକ ଅସମାପିକା କ୍ରିୟା ଦେଇ ବାକ୍ୟକୁ ଯେତେ ବଢ଼ାଇଲେ ମଧ୍ୟ ସମାପିକା କ୍ରିୟା ଯଦି ଗୋଟିଏ ଥାଏ, ତେବେ ତାହା ସରଳ ବାକ୍ୟ । ସେହିପରି ଯେତେ ସରଳ ବାକ୍ୟକୁ ଓ, ଏବଂ, ପୁଣି, କମା ପ୍ରଭୃତି ଦେଇ ଯୋଡ଼ିଲେ ମଧ୍ୟ ସମଗ୍ର ବାକ୍ୟଟି ଗୋଟିଏ ଯୌଗିକ ବାକ୍ୟ ।

ଗୋଟିଏ ବାକ୍ୟରେ ସମାପିକା କ୍ରିୟା ଯଦି ଏକାଧିକ ଥାଏ, କିନ୍ତୁ କର୍ତ୍ତା ଗୋଟିଏ, ତେବେ ତାହା ଯୌଗିକ ବାକ୍ୟ । ଯେପରି –

ପୁଅ ମାଆଙ୍କଠାରୁ ଟଙ୍କା ନେଲା, ବଜାରକୁ ଗଲା, ବଜାରରୁ ସଉଦା କିଣିଆଣି ମାଆଙ୍କୁ ଦେଲା । ଏହି ବାକ୍ୟଟି ଗୋଟିଏ ଯୌଗିକ ବାକ୍ୟ ।

**ଜଟିଳ ବାକ୍ୟ** – ଯେଉଁ ବାକ୍ୟରେ ଗୋଟିଏ ପ୍ରଧାନ ବାକ୍ୟଥାଏ ଏବଂ ଏକ ବା ଏକାଧିକ ବାକ୍ୟ ତାହା ଉପରେ ନିର୍ଭରଶୀଳ ହୋଇଥାଏ, ତାହାକୁ **ଜଟିଳ ବାକ୍ୟ** କୁହାଯାଏ । ନିର୍ଭରଶୀଳ ବାକ୍ୟକୁ **ଉପବାକ୍ୟ** ବା **ଆଶ୍ରିତ ବାକ୍ୟ** କୁହାଯାଏ ।

(କ) ଯଦି ତୁମେ ଆସିବ, ତେବେ ମୁଁ ତୁମ ସାଙ୍ଗରେ ଯିବି ।

(ଖ) ଯେ ଅନ୍ୟକୁ ସାହାଯ୍ୟ କରେ, ତାକୁ ଈଶ୍ୱର ସାହାଯ୍ୟ କରନ୍ତି ।

ପ୍ରଥମ ବାକ୍ୟରେ ''ତେବେ ମୁଁ ତୁମ ସାଙ୍ଗରେ ଯିବି'' ପ୍ରଧାନ ବାକ୍ୟ ଏବଂ ''ଯଦି ତୁମେ ଆସିବ'' ଗୋଟିଏ ଉପବାକ୍ୟ ବା ଆଶ୍ରିତ ବାକ୍ୟ । ତେଣୁ ସମଗ୍ର ବାକ୍ୟଟି ଗୋଟିଏ ଜଟିଳ ବାକ୍ୟ । ଦ୍ୱିତୀୟ ଉଦାହରଣରେ ''ତାକୁ ଈଶ୍ୱର ସାହାଯ୍ୟ କରନ୍ତି'' ପ୍ରଧାନ ବାକ୍ୟ ଏବଂ ''ଯେ ଅନ୍ୟକୁ ସାହାଯ୍ୟ କରେ'' ଗୋଟିଏ ଉପବାକ୍ୟ ବା ଆଶ୍ରିତ ବାକ୍ୟ । ତେଣୁ ସମଗ୍ର ବାକ୍ୟଟି ଗୋଟିଏ ଜଟିଳ ବାକ୍ୟ ।

ଉପବାକ୍ୟ, ଆଶ୍ରିତ ବାକ୍ୟ ବା ନିର୍ଭରଶୀଳ ବାକ୍ୟ ବୋଲି କୁହାଯିବାର କାରଣ – ଏ ପ୍ରକାର ବାକ୍ୟ ପ୍ରଧାନ ବାକ୍ୟର ଅପେକ୍ଷା ରଖିଥାଏ, ତେଣୁ ଏହା ପାଖରେ କମା (,) ଚିହ୍ନ ଦିଆ ଯାଇଥାଏ । ସାଧାରଣତଃ ଯେ, ଯଦି, ଯଦିବା, ଯେହେତୁ, ଯେମିତି, ଯେବେ, କିପରି ପ୍ରଭୃତି ଅବ୍ୟୟପଦ ଦ୍ୱାରା ଏକ ଉପବାକ୍ୟ ବା ଏକାଧିକ ଉପବାକ୍ୟ ପ୍ରଧାନ ବାକ୍ୟ ସହିତ ସଂଯୁକ୍ତ ହୋଇଥାନ୍ତି ।

(୨) ବାକ୍ୟର ଭାବଗତ ପ୍ରକାର ଭେଦ ଦିଆଗଲା –

**ବିବୃତିସୂଚକ ବାକ୍ୟ** – କୌଣସି ବିଷୟରେ ତଥ୍ୟ ବା ବିବରଣ ଦେଉଥିବା ବାକ୍ୟକୁ ବିବୃତି ସୂଚକ ବାକ୍ୟ କୁହାଯାଏ । ଯେପରି –

(କ) ରାଜପୁତ୍ର ଘୋର ଜଙ୍ଗଲ ମଧ୍ୟରେ ପ୍ରବେଶ କଲେ ।

(ଖ) ଗତ ବର୍ଷ ଭଲ ଧାନ ଫସଲ ହୋଇଥିଲା ।

(ଗ) ରଥଯାତ୍ରାକୁ ଲକ୍ଷ ଲକ୍ଷ ଲୋକ ଆସନ୍ତି ।

(ଘ) ଖରା ଛୁଟିରେ ଶ୍ୟାମ ମାମୁଁ ଘରକୁ ଯିବ ।

(ଙ) ବହୁ ଲୋକ ବର୍ତ୍ତମାନ ଅନୈତିକ ହେଉଛନ୍ତି ।

**ପ୍ରଶ୍ନ ସୂଚକ ବାକ୍ୟ** – ଯେଉଁ ବାକ୍ୟରେ କୌଣସି ପ୍ରଶ୍ନ ପଚରା ଯାଇଥାଏ, ତାହାକୁ ପ୍ରଶ୍ନସୂଚକ ବାକ୍ୟ କୁହାଯାଏ । ଯେପରି –

(କ) ତୁମେ କାଲି ଗାଁକୁ ଯିବ ?

(ଖ) ହରିବାବୁ କେବେ ବିଦେଶରୁ ଫେରିଲେ ?

(ଗ) ଆପଣ ବର୍ତ୍ତମାନ ସଭାକୁ ଯାଉଛନ୍ତି ?

(ଘ) ପଶୁ ଓ ମଣିଷ ମଧ୍ୟରେ ପ୍ରଭେଦ କଅଣ ?

**ବିସ୍ମୟ ଚୂଚକ ବାକ୍ୟ** – ଯେଉଁ ବାକ୍ୟ ବିସ୍ମୟଭାବକୁ ପ୍ରକାଶ କରେ, ତାହା ବିସ୍ମୟ ସୂଚକ ବାକ୍ୟ ।

(କ) ଫୁଲଟି କି ସୁନ୍ଦର !

(ଖ) ଓଃ ! ଏ ବର୍ଷ କି ପ୍ରଚଣ୍ଡ ଗରମ ହେଲା !

(ଗ) ଲୋକଟା ଏଡ଼େ ଧୂର୍ତ୍ତ !

(ଘ) ବଂଧୁ ପୁଣି ଦଗା ଦିଏ !

**ଆଦେଶ ସୂଚକ ବାକ୍ୟ** – ଯେଉଁ ବାକ୍ୟ ଆଦେଶ, ଅନୁରୋଧ, ଉପଦେଶ, ଆଶୀର୍ବାଦ ପ୍ରଭୃତିକୁ ବୁଝାଏ, ତାହାକୁ ଆଦେଶ ସୂଚକ ବାକ୍ୟ କୁହାଯାଏ । ଯେପରି –

(କ) ଘଣ୍ଟାକ ମଧ୍ୟରେ ଏ କାମ ଶେଷ କର ।

(ଖ) ଗୁରୁଜନଙ୍କ ନିକଟରେ ନମ୍ର ହୁଅ ।

(ଗ) ଈଶ୍ୱର ତୁମକୁ ଦୀର୍ଘାୟୁ କରନ୍ତୁ ।

(ଘ) ବହିଟି ଆଣି ଟେବୁଲ ଉପରେ ରଖ ।

(ଙ) ଦୟା କରି କାଲି ସକାଳେ ଆସିବ ।

ଭାବ ଦୃଷ୍ଟିରୁ ଚାରି ପ୍ରକାର ବାକ୍ୟ ଯଥା ବିବୃତିସୂଚକ, ପ୍ରଶ୍ନ ସୂଚକ, ବିସ୍ମୟ ସୂଚକ ଓ ଆଦେଶ ସୂଚକ – ଏଗୁଡିକ ପ୍ରତ୍ୟେକେ ଅସ୍ତିବାଚକ, କିମ୍ବା ନାସ୍ତିବାଚକ ହୋଇଥାଇ ପାରନ୍ତି । ଉପରେ ଯେତେ ଭାବଗତ ବାକ୍ୟର ଉଦାହରଣ ଦିଆଯାଇଛି, ସେ ଗୁଡିକ ସବୁ ଅସ୍ତିବାଚକ । ନାସ୍ତିବାଚକ ବାକ୍ୟର ଦୁଇଟି ଲେଖାଏଁ ଉଦାହରଣ ଦିଆଗଲା –

**ନାସ୍ତିବାଚକ ବିବୃତି ସୂଚକ ବାକ୍ୟ** –

(କ) ରାଜ (ପୁତ୍ର) ଜଙ୍ଗଲ ମଧ୍ୟକୁ ଗଲେ ନାହିଁ ।

(ଖ) ମୋର ଏ ବର୍ଷ ବେଶୀ ଆୟ ହେବ ନାହିଁ ।

**ନାସ୍ତିବାଚକ ପ୍ରଶ୍ନ ସୂଚକ ବାକ୍ୟ** –

(କ) ତୁମକୁ କାହିଁକି ଶିକ୍ଷକ ପଚାରିଲେ ନାହିଁ ?

(ଖ) ତୁମେ ସଭାକୁ ଯାଉନାହଁ କି ?

**ନାସ୍ତିବାଚକ ବିସ୍ମୟସୂଚକ ବାକ୍ୟ –**

(କ) ଲୋକଟା କେତେ ଭାଷଣବାଜି ନ ଦେଖାଇଲା !

(ଖ) ଘଟଣାଟା କେଡେ ଭୟଙ୍କର ନୁହେଁ !

**ନାସ୍ତିବାଚକ ଆଦେଶ ସୂଚକ ବାକ୍ୟ –**

(କ) ରାସ୍ତାର ଡାହାଣ ପଟରେ ଚାଲନାହିଁ ।

(ଖ) ଗୁରୁଜନଙ୍କ ଆଗରେ ଉଦ୍ଧତ ହେବୁ ନାହିଁ ।

## (୧) ବାକ୍ୟର ଗଠନଗତ ପ୍ରକାର ଭେଦର ରୂପାନ୍ତର

ଅର୍ଥ ସମାନ ରଖି ଗୋଟିଏ ପ୍ରକାର ବାକ୍ୟକୁ ଅନ୍ୟ ପ୍ରକାର ବାକ୍ୟରେ ପରିଣତ କରାଯିବାର ନାମ **ବାକ୍ୟର ରୂପାନ୍ତର** ।

(୧) ସରଳ ବାକ୍ୟକୁ ଯୌଗିକ ବାକ୍ୟରେ ରୂପାନ୍ତର –

(କ) ସରଳ –ଶ୍ୟାମ ବାବୁ ଗୋଟିଏ କଥା ଭାବି ଦୁଃଖିତ ହେଉଛନ୍ତି ।

ଯୌଗିକ – ଶ୍ୟାମ ବାବୁ ଗୋଟିଏ କଥା ଭାବୁଛନ୍ତି ଏବଂ ଦୁଃଖିତ ହେଉଛନ୍ତି ।

(ଖ) ସରଳ – ପରିଶ୍ରମୀ ଲୋକମାନେ କାର୍ଯ୍ୟରେ ସଫଳ ହୁଅନ୍ତି ।

ଯୌଗିକ – ଲୋକମାନେ ପରିଶ୍ରମ କରନ୍ତି ଓ କାର୍ଯ୍ୟରେ ସଫଳ ହୁଅନ୍ତି ।

(୨) ସରଳ ବାକ୍ୟକୁ ଜଟିଳ ବାକ୍ୟରେ ରୂପାନ୍ତର –

(କ) ସରଳ – ଗ୍ରହନକ୍ଷତ୍ର ନଥିଲାବେଳେ ମଧ୍ୟ ଆକାଶ ଥିଲା ।

ଜଟିଳ – ଯେତେବେଳେ ଗ୍ରହନକ୍ଷତ୍ର ନଥିଲେ, ସେତେବେଳେ ମଧ୍ୟ ଆକାଶ ଥିଲା ।

(ଖ) ସରଳ – ମହାବାତ୍ୟାରେ ଓଡ଼ିଶାର ବହୁତ ଧନଜୀବନ ନଷ୍ଟ ହେଲା ।

ଜଟିଳ – ଯେହେତୁ ମହାବାତ୍ୟା ହେଲା, ଓଡ଼ିଶାର ବହୁତ ଧନଜୀବନ ନଷ୍ଟ ହେଲା ।

(୩) ଯୌଗିକକୁ ସରଳ ବାକ୍ୟରେ ରୂପାନ୍ତର –

(କ) ଯୌଗିକ – କେତେକ ଲୋକ ବଙ୍ଗଳା ପଢ଼ନ୍ତି ଏବଂ କହନ୍ତି ।

ସରଳ – କେତେକ ଲୋକ ବଙ୍ଗଳା ପଢ଼ି କହନ୍ତି ।

(ଖ) ଯୌଗିକ – ରାମଚନ୍ଦ୍ର ରାବଣକୁ ମାରିଲେ ଏବଂ ସୀତାଙ୍କୁ ଉଦ୍ଧାର କଲେ ।

ସରଳ – ରାମଚନ୍ଦ୍ର ରାବଣକୁ ମାରି ସୀତାଙ୍କୁ ଉଦ୍ଧାର କଲେ ।

(୪) ଯୌଗିକକୁ ଜଟିଳ ବାକ୍ୟରେ ରୂପାନ୍ତର –

(କ) ଯୌଗିକ – ଶରତ ଋତୁ ଆସେ ଏବଂ ପୋଖରୀରେ କଇଁ ଫୁଲ ଫୁଟେ ।

ଜଟିଳ – ଯେବେ ଶରତ ଋତୁ ଆସେ, ପୋଖରୀରେ କଇଁଫୁଲ ଫୁଟେ ।

(ଖ) ଯୌଗିକ – ତୁମେ ଅପରିଚିତକୁ ବିଶ୍ୱାସ କଲ ଓ ବିପଦରେ ପଡ଼ିଲ ।

ଜଟିଳ – ଯେହେତୁ ତୁମେ ଅପରିଚିତକୁ ବିଶ୍ୱାସ କଲ, ତେଣୁ ବିପଦରେ ପଡ଼ିଲ ।

(୫) ଜଟିଳକୁ ସରଳ ବାକ୍ୟର ରୂପାନ୍ତର –

(କ) ଜଟିଳ – ଯଦିଓ ସେ ସବୁ କାମ କଲେ, କିନ୍ତୁ ପଇସାଟିଏ ନେଲେ ନାହିଁ ।

ସରଳ – ସେ ସବୁ କାମ କରି ମଧ୍ୟ ପଇସାଟିଏ ନେଲେ ନାହିଁ ।

(ଖ) ଜଟିଳ – ଯେ ମୋ ଦ୍ୱାରା ଉପକୃତ ହେଲା, ସେ ମୋର ଅପକାର କଲା ।

ସରଳ – ମୋ ଦ୍ୱାରା ଉପକୃତ ହୋଇଥିବା ଲୋକ ମୋର ଅପକାର କଲା ।

(୬) ଜଟିଳକୁ ଯୌଗିକ ବାକ୍ୟର ରୂପାନ୍ତର –

(କ) ଜଟିଳ – ଯେତେବେଳେ ମେଘଗର୍ଜନ ଶୁଭିଲା, ମୟୂରଗଣ ପୁଚ୍ଛ ମେଲାଇ ନାଚିଲେ ।

ଯୌଗିକ – ମେଘଗର୍ଜନ ଶୁଭିଲା ଏବଂ ମୟୂରଗଣ ପୁଚ୍ଛ ମେଲାଇ ନାଚିଲେ ।

(ଖ) ଜଟିଳ– ଯେହେତୁ ସେ ଦୋଷ କଲା, ତେଣୁ ଦଣ୍ଡ ପାଇଲା ।

ଯୌଗିକ – ସେ ଦୋଷକଲା ଏବଂ ଦଣ୍ଡ ପାଇଲା ।

## (୨) ବାକ୍ୟର ଭାବଗତ ପ୍ରକାରଭେଦର ରୂପାନ୍ତର

ଆଗରୁ କୁହାଯାଇଛି, ଭାବ ଦୃଷ୍ଟିରୁ ବାକ୍ୟ ଚାରି ପ୍ରକାର –

(୧) ବିବୃତି ସୂଚକ ବାକ୍ୟ (୨) ପ୍ରଶ୍ନସୂଚକ ବାକ୍ୟ (୩) ବିସ୍ମୟସୂଚକ ବାକ୍ୟ ଏବଂ (୪) ଆଦେଶ ସୂଚକ ବାକ୍ୟ । ସେ ଗୁଡିକର ମଧ୍ୟ ଅର୍ଥ ସମାନ ରଖି ରୂପାନ୍ତର କରାଯାଇପାରେ । ତଳେ କେତୋଟି ଉଦାହରଣ ଦିଆଗଲା ।

(କ) ବିବୃତି ସୂଚକ – ଲେଖାଟି ଖୁବ୍ ଭଲ ହୋଇଛି ।

ବିସ୍ମୟ ସୂଚକ – ଲେଖାଟି କେଡେ ଭଲ ହୋଇଛି !

ପ୍ରଶ୍ନ ସୂଚକ – ଲେଖାଟି ମନ୍ଦ ହୋଇଛି କି ?

(ଖ) ବିବୃତି ସୂଚକ – ସମସ୍ତଙ୍କୁ ବନ୍ଧୁ ଭାବିବା ଭୁଲ୍ ।

ପ୍ରଶ୍ନ ସୂଚକ – ସମସ୍ତଙ୍କୁ ବନ୍ଧୁ ଭାବିବା ଠିକ୍ କି ?

ବିସ୍ମୟ ସୂଚକ – ସମସ୍ତଙ୍କୁ ବନ୍ଧୁ ଭାବିବା କେଡେ ଭୁଲ୍ !

(ଗ) ବିବୃତି ସୂଚକ – ଆବ୍ରାହାମ୍ ଲିଙ୍କନଙ୍କ ନାମ ସମସ୍ତେ ଜାଣନ୍ତି ।

ପ୍ରଶ୍ନ ସୂଚକ – ଆବ୍ରାହାମ୍ ଲିଙ୍କନଙ୍କ ନାମ କାହାକୁ ଅଜଣା ?

ବିସ୍ମୟ ସୂଚକ – ଆବ୍ରାହାମ୍ ଲିଙ୍କନଙ୍କ ନାମ ଅଜଣା ହୋଇପାରେ !

(ଘ)	ବିବୃତି ସୂଚକ –  ପାଞ୍ଚଦିନ ହେଲା  ଟାଣ ଖରା ହେଉଛି ।

ପ୍ରଶ୍ନ  ସୂଚକ – ପାଞ୍ଚଦିନ ହେଲା ନରମ ଖରା ହେଉଛି କି ?

ବିସ୍ମୟ ସୂଚକ – ପାଞ୍ଚଦିନ ହେଲା କି ଟାଣ ଖରା ହେଉଛି !

ଉପର୍ଯ୍ୟୁକ୍ତ ଉଦାହରଣଗୁଡ଼ିକ ସବୁ ଅସ୍ତିବାଚକ ବାକ୍ୟରୁ ଅସ୍ତିବାଚକ ବାକ୍ୟ ହୋଇଛି ଅର୍ଥାତ୍ ଅସ୍ତିବାଚକ ବିବୃତିସୂଚକରୁ ଅସ୍ତିବାଚକ ପ୍ରଶ୍ନସୂଚକ ହୋଇଛି ଏବଂ ଅସ୍ତିବାଚକ ବିସ୍ମୟ ସୂଚକ ମଧ୍ୟ ହୋଇଛି, କିନ୍ତୁ ଅର୍ଥ ସମାନ ରହିଛି । ସେହିପରି ଅସ୍ତିବାଚକରୁ ନାସ୍ତିବାଚକ ହୋଇପାରେ ଏବଂ ଅର୍ଥ ସମାନ ରହିପାରେ । କିଛି ମାତ୍ର ଉଦାହରଣ –

(କ)	ଅସ୍ତିବାଚକ ବିବୃତି ସୂଚକ – କେବଳ ତୁମେ ମୋତେ ସାହାଯ୍ୟ କରିପାରିବ ।

ନାସ୍ତିବାଚକ  ବିବୃତି ସୂଚକ –  ତୁମ ବିନା ମୋତେ କେହି ସାହାଯ୍ୟ କରି ପାରିବେ ନାହିଁ ।

(ଖ)	ଅସ୍ତିବାଚକ ବିବୃତି ସୂଚକ – ଆକାଶ ଖୁବ୍ ସୁନ୍ଦର ଦିଶୁଛି ।

ନାସ୍ତିବାଚକ ପ୍ରଶ୍ନ ସୂଚକ – ଆକାଶ ଖୁବ୍ ସୁନ୍ଦର ଦିଶୁନାହିଁ କି ?

ନାସ୍ତିବାଚକ ବିସ୍ମୟ ସୂଚକ – ଆକାଶ କେତେ ସୁନ୍ଦର ନ ଦିଶୁଛି !

ଏହିପରି  ଭାବରେ ବିଭିନ୍ନ  ଭାବସୂଚକ ବାକ୍ୟକୁ ବିଭିନ୍ନ ଭାବସୂଚକ ବାକ୍ୟରେ ପରିଣତ କରାଯାଇପାରେ । ସେ ସବୁକୁ ମଧ୍ୟ ଅସ୍ତି ବାଚକରୁ ନାସ୍ତି ବାଚକ କରାଯାଇ ପାରେ ।  କିନ୍ତୁ ଏଭଳି ପରିବର୍ତ୍ତନ ବା ରୂପାନ୍ତରରେ ଅର୍ଥ ସମାନ ରହିବା ନିତାନ୍ତ ଆବଶ୍ୟକ । ବାକ୍ୟ ବଦଳିଲେ ଯଦି ଅର୍ଥ  ବଦଳିଯାଏ, ତେବେ ‘‘ବାକ୍ୟର ରୂପାନ୍ତର’’ ବୋଲି କୁହାଯିବ ନାହିଁ ।

ବାକ୍ୟରେ ନାହିଁ, ନୁହେଁ, ନ, ନା ପ୍ରଭୃତି ଥିଲେ  ବାକ୍ୟକୁ  ନାସ୍ତିବାଚକ ବୋଲାଯାଏ, ନଥିଲେ ଅସ୍ତିବାଚକ ବୋଲାଯାଏ ।

–୦–

# ତୃତୀୟ ୟୁନିଟ୍

## ସନ୍ଧି

ପ୍ରଥମ ଶବ୍ଦର ଶେଷ ବର୍ଣ୍ଣ ଓ ଦ୍ୱିତୀୟ ଶବ୍ଦର ପ୍ରଥମ ବର୍ଣ୍ଣର ମିଳନକୁ **ସନ୍ଧି** କହନ୍ତି । ପ୍ରଥମ ଶବ୍ଦର ଶେଷରେ କେଉଁଠି ସ୍ୱର ବର୍ଣ୍ଣ ଥାଏ, କେଉଁଠି ବ୍ୟଞ୍ଜନ ବର୍ଣ୍ଣ ଥାଏ ଏବଂ କେଉଁଠି ବିସର୍ଗ ଥାଏ । ଯେପରି – ହିମ (ମ୍+ଅ = ମ), ମୁନି (ନ୍+ଇ = ନି), ମହା (ହ୍+ଆ = ହା), ଗୋ (ଗ୍+ଓ = ଗୋ) । ତେଣୁ ହିମ, ମୁନି, ମହା, ଗୋ ପ୍ରଭୃତି ଶବ୍ଦର ଶେଷରେ ସ୍ୱରବର୍ଣ୍ଣ ଅଛି ବୋଲି ବୁଝିବାକୁ ହେବ । ସେହିପରି ଶରତ୍, ବାକ୍, ଷଟ୍ ପ୍ରଭୃତି ଶବ୍ଦର ଶେଷରେ ବ୍ୟଞ୍ଜନ ବର୍ଣ୍ଣ ଅଛି । ଯେଉଁ ବର୍ଣ୍ଣରେ ହଳନ୍ତ ଚିହ୍ନ ଦିଆଯାଇଥାଏ, ତାହାକୁ ବ୍ୟଞ୍ଜନ ବୋଲି ବୁଝିବାକୁ ହେବ । ଦୁଃ, ଅନ୍ତଃ, ତପଃ ଧନୁଃ, ଆୟୁଃ ପ୍ରଭୃତି ଶବ୍ଦର ଶେଷରେ ଃ (ବିସର୍ଗ) ଅଛି । ଯେଉଁ ଶବ୍ଦର ଶେଷରେ ସ୍ୱର ଥାଏ, ତାହାକୁ **ସ୍ୱରାନ୍ତ ଶବ୍ଦ** କୁହାଯାଏ । ହିମ, ମୁନି, ମହା, ଗୋ ପ୍ରଭୃତି ଶବ୍ଦ ସ୍ୱରାନ୍ତ । ଯେଉଁ ଶବ୍ଦର ଶେଷରେ ବ୍ୟଞ୍ଜନ ବର୍ଣ୍ଣଥାଏ, ତାହାକୁ **ବ୍ୟଞ୍ଜନାନ୍ତ ଶବ୍ଦ** କୁହାଯାଏ । ଶରତ୍, ବାକ୍, ଷଟ୍ ପ୍ରଭୃତି ଶବ୍ଦ ବ୍ୟଞ୍ଜନାନ୍ତ । ଯେଉଁ ଶବ୍ଦର ଶେଷରେ ଃ (ବିସର୍ଗ) ଥାଏ, ତାହାକୁ **ବିସର୍ଗାନ୍ତ ଶବ୍ଦ** ବୋଲି କୁହାଯାଏ । ଦୁଃ, ଅନ୍ତଃ, ତପଃ, ଧନୁଃ, ଆୟୁଃ ପ୍ରଭୃତି ଶବ୍ଦ ବିସର୍ଗାନ୍ତ ଅଟେ ।

ପ୍ରଥମ ଶବ୍ଦର ଶେଷବର୍ଣ୍ଣ ସ୍ୱର ହୋଇଥିଲେ ସନ୍ଧିକୁ **ସ୍ୱରସନ୍ଧି** କୁହାଯାଏ । ପ୍ରଥମ ଶବ୍ଦର ଶେଷ ବର୍ଣ୍ଣ ବ୍ୟଞ୍ଜନ ହୋଇଥିଲେ ସନ୍ଧିକୁ **ବ୍ୟଞ୍ଜନ ସନ୍ଧି** କୁହାଯାଏ । ପ୍ରଥମ ଶବ୍ଦର ଶେଷ ବର୍ଣ୍ଣ ବିସର୍ଗ ହୋଇଥିଲେ ସନ୍ଧିକୁ **ବିସର୍ଗ ସନ୍ଧି** କୁହାଯାଏ । ତେଣୁ ସନ୍ଧି ତିନି ପ୍ରକାର – ସ୍ୱରସନ୍ଧି, ବ୍ୟଞ୍ଜନ ସନ୍ଧି ଓ ବିସର୍ଗ ସନ୍ଧି ।

### ସ୍ୱର ସନ୍ଧି

ସ୍ୱରବର୍ଣ୍ଣ ସହିତ ସ୍ୱର ବର୍ଣ୍ଣର ମିଳନ ସ୍ୱରସନ୍ଧି ।

(୧) ସାର + ଅଂଶ = ସାରାଂଶ

ହିମ + ଆଳୟ = ହିମାଳୟ

ଆଶା + ଅତୀତ = ଆଶାତୀତ

ମହା + ଆକାଶ = ମହାକାଶ

ସୂତ୍ର – 'ଅ' ବା ' ଆ' ପରେ 'ଅ' ବା 'ଆ' ଥିଲେ ଦୁହେଁ ମିଶି 'ଆ' ହୁଅନ୍ତି । 'ଆ' ପୂର୍ବ ବର୍ଣ୍ଣରେ ଯୁକ୍ତ ହୁଏ ।

(୨) ମୁନି + ଇନ୍ଦ୍ର = ମୁନୀନ୍ଦ୍ର

କ୍ଷିତି + ଈଶ = କ୍ଷିତୀଶ

ମହୀ + ଇନ୍ଦ୍ର = ମହୀନ୍ଦ୍ର

ରଜନୀ + ଈଶ = ରଜନୀଶ

ସୂତ୍ର – 'ଇ' ବା 'ଈ' ପରେ 'ଇ' ବା 'ଈ' ଥିଲେ ଦୁହେଁ ମିଶି 'ଈ' ହୁଅନ୍ତି । 'ଈ' ପୂର୍ବ ବର୍ଣ୍ଣରେ ଯୁକ୍ତ ହୁଏ ।

(୩) ମରୁ + ଉଦ୍ୟାନ = ମରୂଦ୍ୟାନ

ସିନ୍ଧୁ + ଊର୍ମି = ସିନ୍ଧୂର୍ମି

ବଧୂ + ଉକ୍ତି = ବଧୂକ୍ତି

ଭୂ + ଊର୍ଦ୍ଧ୍ୱ = ଭୂର୍ଦ୍ଧ୍ୱ

ସୂତ୍ର – 'ଉ' ବା 'ଊ' ପରେ 'ଉ' ବା 'ଊ' ଥିଲେ ଦୁହେଁ ମିଶି 'ଊ' ହୁଅନ୍ତି । 'ଊ' ପୂର୍ବ ବର୍ଣ୍ଣରେ ଯୁକ୍ତ ହୁଏ ।

(୪) ନର + ଇନ୍ଦ୍ର = ନରେନ୍ଦ୍ର

ଗଣ + ଈଶ = ଗଣେଶ

ଯଥା + ଇଷ୍ଟ = ଯଥେଷ୍ଟ

ମହା + ଈଶ୍ୱର = ମହେଶ୍ୱର

ସୂତ୍ର – 'ଅ' ବା 'ଆ' ପରେ 'ଇ' ବା 'ଈ' ଥିଲେ ଦୁହେଁ ମିଶି 'ଏ' ହୁଅନ୍ତି । 'ଏ' ପୂର୍ବ ବର୍ଣ୍ଣରେ ଯୁକ୍ତ ହୁଏ ।

(୫) ହିତ + ଉପଦେଶ = ହିତୋପଦେଶ

ଏକ + ଊନବିଂଶ = ଏକୋନବିଂଶ

ଗଙ୍ଗା + ଉଦକ = ଗଙ୍ଗୋଦକ

ମହା + ଊର୍ମି = ମହୋର୍ମି

ସୂତ୍ର – 'ଅ' ବା 'ଆ' ପରେ 'ଉ' ବା 'ଊ' ଥିଲେ ଦୁହେଁ ମିଶି 'ଓ' ହୁଅନ୍ତି । 'ଓ' ପୂର୍ବ ବର୍ଣ୍ଣରେ ଯୁକ୍ତ ହୁଏ ।

(୬) ସପ୍ତ + ଋଷି = ସପ୍ତର୍ଷି

ଦେବ + ଋଷି = ଦେବର୍ଷି

ରାଜା + ଋଷି = ରାଜର୍ଷି

ମହା+ ଋଷି = ମହର୍ଷି

ସୂତ୍ର – 'ଅ' ବା 'ଆ' ପରେ 'ଋ' ଥିଲେ ଦୁହେଁ ମିଶି 'ଅର୍' ହୁଅନ୍ତି । 'ଅ' ପୂର୍ବ ବର୍ଣ୍ଣରେ ଯୁକ୍ତ ହୁଏ ଏବଂ 'ର୍' ପରବର୍ଣ୍ଣରେ ରେଫ୍ ହୁଏ ।

(୭) ଜନ+ ଏକ = ଜନୈକ

ମତ + ଐକ୍ୟ = ମତୈକ୍ୟ

ତଥା + ଏବ = ତଥୈବ

ମହା+ ଐଶ୍ୱର୍ଯ୍ୟ = ମହୈଶ୍ୱର୍ଯ୍ୟ

ସୂତ୍ର – 'ଅ' ବା 'ଆ' ପରେ 'ଏ' ବା 'ଐ' ଥିଲେ ଦୁହେଁ ମିଶି 'ଐ' ହୁଅନ୍ତି । 'ଐ' ପୂର୍ବ ବର୍ଣ୍ଣରେ ଯୁକ୍ତ ହୁଏ ।

(୮) ଜଳ + ଓକା = ଜଳୌକା

ବନ + ଔଷଧି = ବନୌଷଧି

ମହା + ଓଘ = ମହୌଘ

ମହା+ ଔଦାର୍ଯ୍ୟ = ମହୌଦାର୍ଯ୍ୟ

ସୂତ୍ର – 'ଅ' ବା 'ଆ' ପରେ 'ଅ' ବା 'ଆ' ଥିଲେ ଦୁହେଁ ମିଶି 'ଔ' ହୁଅନ୍ତି । 'ଔ' ପୂର୍ବ ବର୍ଣ୍ଣରେ ଯୁକ୍ତ ହୁଏ ।

(୯) ଭୂମି + ଅଧିକାରୀ = ଭୂମ୍ୟଧିକାରୀ

ପ୍ରତି + ଆଶା = ପ୍ରତ୍ୟାଶା

ସୂଚୀ + ଅଗ୍ର = ସୂଚ୍ୟଗ୍ର

ପ୍ରତି + ଏକ = ପ୍ରତ୍ୟେକ

ନି + ଊନ = ନ୍ୟୂନ

ସୂତ୍ର – 'ଇ' ବା 'ଈ' ପରେ 'ଇ' ବା 'ଈ' ଭିନ୍ନ ଅନ୍ୟ ସ୍ୱରବର୍ଣ୍ଣ ଥିଲେ 'ଇ' ବା 'ଈ' ସ୍ଥାନରେ 'ୟ୍' ହୁଏ । 'ୟ୍' ପୂର୍ବ ବର୍ଣ୍ଣରେ ୟଫଳା ( ୍ୟ ) ହୋଇ ମିଶେ ଏବଂ ପରବର୍ତ୍ତୀ ସ୍ୱରବର୍ଣ୍ଣ ଏହି 'ୟ୍'ରେ ଯୁକ୍ତ ହୁଏ । (ୟ ଫଳାକୁ ଯ ଫଳା ବୋଲି ମଧ୍ୟ କହନ୍ତି ।)

(୧୦) ସୁ + ଆଗତ = ସ୍ୱାଗତ

ତନୁ + ଅଙ୍ଗୀ = ତନ୍ୱଙ୍ଗୀ

ଅନୁ + ଇତ = ଅନ୍ୱିତ

ଅନୁ + ଏଷଣ = ଅନ୍ୱେଷଣ

ସୂତ୍ର – 'ଉ' ବା 'ଊ' ପରେ 'ଉ' ବା 'ଊ' ଭିନ୍ନ ଅନ୍ୟ ସ୍ୱରବର୍ଣ୍ଣ ଥିଲେ 'ଉ' ବା 'ଊ' ସ୍ଥାନରେ 'ୱ୍' ହୁଏ । 'ୱ୍' ପୂର୍ବ ବର୍ଣ୍ଣରେ ୱ ଫଳା (୍ୱ) ହୋଇ ମିଶେ ଏବଂ ପରବର୍ତ୍ତୀ ସ୍ୱରବର୍ଣ୍ଣ 'ୱ୍' ରେ ଯୁକ୍ତ ହୁଏ । (ୱ ଫଳାକୁ ବ ଫଳା ବୋଲି ମଧ୍ୟ କହନ୍ତି ।)

ସ୍ୱରସନ୍ଧିରେ ସୂତ୍ରନିୟମରୁ ଅଲଗା କେତେକ ବ୍ୟତିକ୍ରମ ମଧ୍ୟ ଦେଖାଯାଏ । ବ୍ୟତିକ୍ରମଗୁଡିକୁ **ନିପାତନ** ବୋଲି କହନ୍ତି । ଯଥା –

(୧୧) ସାର + ଅଙ୍ଗ = ସାରଙ୍ଗ (ସାରାଙ୍ଗ ହେବା କଥା)

ବାର + ଅଣା = ବାରଣା (ବାରାଣା ହେବା କଥା)

ପ୍ର + ଊଢ଼ି = ପ୍ରୌଢ଼ି (ପ୍ରୌଢି ହେବା କଥା)

ଆର + ଏକ = ଆରେକ (ଆରୈକ ହେବା କଥା)

ଜଣ + ଏକ = ଜଣେକ (ଜଣୈକ ହେବା କଥା ) ଇତ୍ୟାଦି ।

## ବ୍ୟଞ୍ଜନ ସନ୍ଧି

ବ୍ୟଞ୍ଜନ ବର୍ଣ୍ଣ ସହିତ  ସ୍ୱରବର୍ଣ୍ଣ ଓ ବ୍ୟଞ୍ଜନ ବର୍ଣ୍ଣର ମିଳନ **ବ୍ୟଞ୍ଜନ ସନ୍ଧି** । ଅର୍ଥାତ୍ ପ୍ରଥମ ଶବ୍ଦର ଶେଷ ବର୍ଣ୍ଣ ବ୍ୟଞ୍ଜନ ଏବଂ ଦ୍ୱିତୀୟ ଶବ୍ଦର ଆଦ୍ୟ ବର୍ଣ୍ଣ ସ୍ୱର କିମ୍ବା  ବ୍ୟଞ୍ଜନ, ଉଭୟର ମିଳନକୁ ବ୍ୟଞ୍ଜନ ସନ୍ଧି କୁହାଯାଏ ।

(୧) ଶରତ୍ + ଚନ୍ଦ୍ର = ଶରଚ୍ଚନ୍ଦ୍ର

ଉତ୍ + ଛେଦ = ଉଚ୍ଛେଦ

ବିପଦ୍ + ଚୟ = ବିପଚ୍ଚୟ

ତଦ୍ + ଛତ୍ର = ତଚ୍ଛତ୍ର

ସୂତ୍ର – 'ତ୍' ବା 'ଦ୍' ପରେ 'ଚ' ବା 'ଛ' ଥିଲେ 'ତ୍' ବା 'ଦ୍' ସ୍ଥାନରେ 'ଚ୍' ହୁଏ । ଏହି 'ଚ୍' ପରବର୍ତ୍ତୀ 'ଚ' ବା 'ଛ' ସହିତ ଯୁକ୍ତ ହୁଏ ।

(୨) ସତ୍ + ଜନ = ସଜ୍ଜନ

ମହତ୍ + ଝଙ୍କାର = ମହଜ୍ଝଙ୍କାର

ତଦ୍ + ଜନିତ = ତଜ୍ଜନିତ

ବିପଦ୍ + ଛଟିକା = ବିପଜ୍ଝଟିକା

ସୂତ୍ର – 'ତ୍' ବା 'ଦ୍' ପରେ 'ଜ' ବା 'ଝ' ଥିଲେ 'ତ୍' ବା 'ଦ୍' ସ୍ଥାନରେ 'ଜ୍' ହୁଏ । ଏହି 'ଜ୍' ପରବର୍ତ୍ତୀ 'ଜ' ବା 'ଝ' ସହିତ ଯୁକ୍ତ ହୁଏ ।

(୩) ଉତ୍ + ହତ = ଉଦ୍ଧତ

ତଦ୍ + ହିତ = ତଦ୍ଧିତ

ସୂତ୍ର – 'ତ୍' ବା 'ଦ୍' ପରେ 'ହ' ଥିଲେ ଦୁହେଁ ମିଶି 'ଦ୍ଧ' ହୁଅନ୍ତି ।

(୪) ଉତ୍ + ଲେଖ = ଉଲ୍ଲେଖ

ଉତ୍ + ଲାସ = ଉଲ୍ଲାସ

ବିପଦ୍ + ଲଙ୍ଘନ = ବିପଲ୍ଲଙ୍ଘନ

ତଦ୍ + ଲୀନ = ତଲ୍ଲୀନ

ସୂତ୍ର – 'ତ୍' ବା 'ଦ୍' ପରେ 'ଲ' ଥିଲେ ଦୁହେଁ ମିଶି 'ଲ୍ଲ' ହୁଅନ୍ତି ।

(୫) ସମ୍ + କାର = ସଂସ୍କାର

ସମ୍ + କୃତ = ସଂସ୍କୃତ

ସମ୍ + କରଣ = ସଂସ୍କରଣ

ତଦ୍ + ଛତ୍ର = ତଚ୍ଛତ୍ର

ସୂତ୍ର – 'ସମ୍' ଉପସର୍ଗ ପରେ 'କୃ' ଧାତୁରୁ ଗଠିତ ଶବ୍ଦ (କାର, କରଣ, କୃତ ପ୍ରଭୃତି) ଥିଲେ ମଝିରେ ଗୋଟିଏ 'ସ୍'ର ଆଗମ ହୁଏ ଏବଂ 'ସମ୍'ର 'ମ୍' ଅନୁସ୍ୱାର ହୋଇଯାଏ ।

(୬) ଶମ୍ + କର = ଶଂକର/ଶଙ୍କର

ସମ୍ + ଚୟ = ସଂଚୟ/ସଞ୍ଚୟ

ସମ୍ + ଗତି = ସଂଗତି/ସଙ୍ଗତି

ସମ୍ + ଘାତ = ସଂଘାତ/ସଙ୍ଘାତ

ସମ୍ + ଧ୍ୟା = ସଂଧ୍ୟା/ସନ୍ଧ୍ୟା

କିମ୍ + ବଦନ୍ତୀ = କିଂବଦନ୍ତୀ/କିମ୍ବଦନ୍ତୀ

କିମ୍ + ବା = କିଂବା/କିମ୍ବା

ସୂତ୍ର – 'ମ୍' ପରେ କୌଣସି ବର୍ଗ୍ୟ ବ୍ୟଞ୍ଜନ ଥିଲେ 'ମ୍' ଅନୁସ୍ୱାର ହୋଇଯାଏ । ସେହି ଅନୁସ୍ୱାର ବିକଳ୍ପେ ପରବର୍ତ୍ତୀ ବର୍ଗ୍ୟ ବର୍ଣ୍ଣର ପଞ୍ଚମ ବର୍ଣ୍ଣ ହୋଇ ତା ସହିତ ମିଶିଯାଏ । (କ ବର୍ଗର ପଞ୍ଚମ ବର୍ଣ୍ଣ ଙ, ଚ ବର୍ଗର ପଞ୍ଚମ ବର୍ଣ୍ଣ ଞ, ଟ ବର୍ଗର ପଞ୍ଚମ ବର୍ଣ୍ଣ ଣ, ତ ବର୍ଗର ପଞ୍ଚମ ବର୍ଣ୍ଣ ନ ଏବଂ ପ ବର୍ଗର ପଞ୍ଚମ ବର୍ଣ୍ଣ ମ ବୋଲି ଆଗରୁ କୁହାଯାଇଛି ଏବଂ ପ୍ରତ୍ୟେକ ବର୍ଗର ପଞ୍ଚମ ବର୍ଣ୍ଣ ଓ ସେହି ସେହି ବର୍ଗର ଅନ୍ୟାନ୍ୟ ବର୍ଣ୍ଣ ସହିତ ମିଶି ଅନୁନାସିକ ଯୁକ୍ତ ବର୍ଣ୍ଣ ଯଥା – ଙ୍କ, ଙ୍ଖ, ଙ୍ଗ, ଙ୍ଘ, ଞ୍ଚ, ଞ୍ଛ, ଞ୍ଜ, ଞ୍ଝ, ଣ୍ଟ, ଣ୍ଠ, ଣ୍ଡ, ଣ୍ଢ, ନ୍ତ, ନ୍ଥ, ମ୍ପ, ମ୍ଫ, ମ୍ବ ପ୍ରଭୃତି କୋଡିଏଟି ଅନୁନାସିକ ଯୁକ୍ତବର୍ଣ୍ଣ ହୁଅନ୍ତି ବୋଲି ମଧ୍ୟ କୁହାଯାଇଛି ।)

(୭) ସମ୍ + ଲଗ୍ନ = ସଂଲଗ୍ନ

ସମ୍ + ହାର = ସଂହାର

ସମ୍ + ରକ୍ଷିତ = ସଂରକ୍ଷିତ

ସମ୍ + ଯୋଗ = ସଂଯୋଗ

ସମ୍ + ଶୋଧନ = ସଂଶୋଧନ

ସୂତ୍ର – 'ମ୍' ପରେ ଅବର୍ଗ୍ୟ ବ୍ୟଞ୍ଜନ ବର୍ଣ୍ଣ ଥିଲେ 'ମ୍' ସ୍ଥାନରେ ଅନୁସ୍ୱାର ହୁଏ ।

(୮) ଉତ୍ + ଶୃଙ୍ଖଳ = ଉଚ୍ଛୃଙ୍ଖଳ

ମୃତ୍ + ଶକଟିକ = ମୃଚ୍ଛକଟିକ

ଚଳତ୍ + ଶକ୍ତି = ଚଳଚ୍ଛକ୍ତି

ଉତ୍ + ଶ୍ୱାସ = ଉଚ୍ଛ୍ୱାସ

ବିପଦ୍ + ଶଙ୍କା = ବିପଚ୍ଛଙ୍କା

ସୂତ୍ର – 'ତ୍' ବା 'ଦ୍' ପରେ 'ଶ' ଥିଲେ 'ତ୍' ବା 'ଦ୍' ସ୍ଥାନରେ 'ଚ୍' ହୁଏ ଏବଂ 'ଶ' ସ୍ଥାନରେ 'ଛ' ହୁଏ । ଏହି 'ଚ୍' ଓ 'ଛ' ମିଶି 'ଚ୍ଛ' ହୁଅନ୍ତି ।

(୯) ବାକ୍ + ମୟ = ବାଙ୍ମୟ

ଷଟ୍ + ମାସ = ଷଣ୍ମାସ

ପରାକ୍ + ମୁଖ = ପରାଙ୍ମୁଖ

ତଦ୍ + ମୟ = ତନ୍ମୟ

ଜଗତ୍ + ନାଥ = ଜଗନ୍ନାଥ

ଉତ୍ + ନତି = ଉନ୍ନତି

ସତ୍ + ମତି = ସନ୍ମତି

ସୂତ୍ର – ବର୍ଗର ପ୍ରଥମ ବର୍ଣ୍ଣ ପରେ ଯେ କୌଣସି ବର୍ଗର ପଞ୍ଚମ ବର୍ଣ୍ଣ ଥିଲେ ବର୍ଗର ପ୍ରଥମ ବର୍ଣ୍ଣ ସ୍ଥାନରେ ସେହି ବର୍ଗର ପଞ୍ଚମ ବର୍ଣ୍ଣ ହୁଏ ।

(୧୦) ଶରଦ୍ + କାଳ = ଶରତ୍କାଳ

କ୍ଷୁଧ୍ + ପିପାସା = କ୍ଷୁତ୍ପିପାସା

ତଦ୍ + ପର = ତତ୍ପର

ସଂପଦ୍ + ସଖା = ସଂପତ୍ସଖା

ମଦ୍ + କୃତ = ମତ୍କୃତ

ତଦ୍ + ଫଳ = ତତ୍ଫଳ

ବିପଦ୍ + ଖଣ୍ଡନ = ବିପତ୍ଖଣ୍ଡନ

ସୂତ୍ର – 'ଦ୍' ବା 'ଧ୍' ପରେ କ, ଖ, ପ, ଫ କିମ୍ବା ସ ଥିଲେ 'ଦ୍' ବା 'ଧ୍' ସ୍ଥାନରେ 'ତ୍' ହୁଏ ।

(୧୧) ଦିକ୍ + ଅମ୍ବର = ଦିଗମ୍ବର

ବାକ୍ + ଈଶ = ବାଗୀଶ

ଜଗତ୍ + ଈଶ୍ୱର = ଜଗଦୀଶ୍ୱର

ଚିତ୍ + ଆନନ୍ଦ = ଚିଦାନନ୍ଦ

ବାକ୍ + ଆଡମ୍ବର = ବାଗାଡମ୍ବର

ସତ୍ + ଉପାୟ = ସଦୁପାୟ

ସତ୍ + ଆଚାର = ସଦାଚାର

ସତ୍ + ଇଚ୍ଛା = ସଦିଚ୍ଛା

ଭବତ୍ + ଈୟ = ଭବଦୀୟ

ସତ୍ + ଆନନ୍ଦ = ସଦାନନ୍ଦ

ସତ୍ + ଉପାୟ = ସଦୁପାୟ

ଣିଚ୍ + ଅନ୍ତ = ଣିଜନ୍ତ

ଷଟ୍ + ଆନନ = ଷଡାନନ

ସୂତ୍ର – ବର୍ଗର ପ୍ରଥମ ବର୍ଣ୍ଣ ପରେ ସ୍ୱରବର୍ଣ୍ଣ ଥିଲେ ବର୍ଗର ପ୍ରଥମ ବର୍ଣ୍ଣ ସ୍ଥାନରେ ସେହି ବର୍ଗର ତୃତୀୟ ବର୍ଣ୍ଣ ହୁଏ ଏବଂ ପରବର୍ତ୍ତୀ ସ୍ୱରବର୍ଣ୍ଣ ସେହି ତୃତୀୟ ବର୍ଣ୍ଣରେ ମିଶିଯାଏ ।

(୧୨) ଉତ୍ +ଘାଟନ = ଉଦ୍‌ଘାଟନ

ବାକ୍ + ଦେବୀ = ବାଗ୍‌ଦେବୀ

ବାକ୍ + ଜାଲ = ବାଗ୍‌ଜାଲ

ଅପ୍ + ଜ = ଅବ୍‌ଜ

ଦିକ୍ + ଗଜ = ଦିଗ୍‌ଗଜ

ଉତ୍ + ଯାପନ = ଉଦ୍‌ଯାପନ

ଜୟତ୍ + ରଥ = ଜୟଦ୍ରଥ

ଉତ୍ + ଯୋଗ = ଉଦ୍‌ଯୋଗ

ସତ୍ + ଗତି = ସଦ୍‌ଗତି

ଦିକ୍ + ବଳୟ = ଦିଗ୍‌ବଳୟ

ଜଗତ୍ + ବନ୍ଧୁ = ଜଗଦ୍‌ବନ୍ଧୁ

ଷଟ୍ + ଯନ୍ତ୍ର = ଷଡ଼୍‌ଯନ୍ତ୍ର

ସୂତ୍ର – ବର୍ଗର ପ୍ରଥମ ବର୍ଣ୍ଣ ପରେ ଯେ କୌଣସି ବର୍ଗର ତୃତୀୟ ବା ଚତୁର୍ଥ ବର୍ଣ୍ଣ ଥିଲେ କିମ୍ବା ଯ, ର, ବ ଥିଲେ ବର୍ଗର ପ୍ରଥମ ବର୍ଣ୍ଣ ସ୍ଥାନରେ ସେହି ବର୍ଗର ତୃତୀୟ ବର୍ଣ୍ଣ ହୁଏ ।

## ବିସର୍ଗ ସନ୍ଧି

ବିସର୍ଗ ସହିତ ସ୍ୱରବର୍ଣ୍ଣ କିମ୍ବା ବ୍ୟଞ୍ଜନ ବର୍ଣ୍ଣର ମିଳନ **ବିସର୍ଗ ସନ୍ଧି** ।

ଉତ୍ପତ୍ତି ଦୃଷ୍ଟିରୁ ବିସର୍ଗ ଦୁଇ ପ୍ରକାର – ଯଥା 'ର୍' ଜାତ ବିସର୍ଗ ଓ 'ସ୍' ଜାତ ବିସର୍ଗ । ଶବ୍ଦର ଶେଷ ବର୍ଣ୍ଣ ରୂପେ ଥିବା 'ର୍'ରୁ ଜାତ ବିସର୍ଗକୁ 'ର୍' ଜାତ ବିସର୍ଗ ଏବଂ ଶବ୍ଦର ଶେଷବର୍ଣ୍ଣ ରୂପେ ଥିବା 'ସ୍'ରୁ ଜାତ ବିସର୍ଗକୁ 'ସ୍' ଜାତ ବିସର୍ଗ କହନ୍ତି ।

(କ) 'ର୍' ଜାତ ବିସର୍ଗ ଯଥା –

| | |
|---|---|
| ଅନ୍ତର୍ – ଅନ୍ତଃ | ଦୁର୍ – ଦୁଃ |
| ପୁନର୍ – ପୁନଃ | ମୁହୁର୍ – ମୁହୁଃ |
| ପ୍ରାତର୍ – ପ୍ରାତଃ | ସ୍ୱର୍ (ସ୍ୱର୍ଗ) – ସ୍ୱଃ |
| ନିର୍ – ନିଃ | ବହିର୍ – ବହିଃ ଇତ୍ୟାଦି । |

(ଖ) 'ସ୍' ଜାତ ବିସର୍ଗ ଯଥା –

| | |
|---|---|
| ମନସ୍ – ମନଃ | ଯଶସ୍ – ଯଶଃ |
| ତପସ୍ – ତପଃ | ତମସ୍ – ତମଃ |
| ଶିରସ୍ – ଶିରଃ | ରଜସ୍ – ରଜଃ |
| ନଭସ୍ – ନଭଃ | ତେଜସ୍ – ତେଜଃ ଇତ୍ୟାଦି । |

(୧)

| | |
|---|---|
| ପୁନଃ + ଅପି = ପୁନରପି | ସ୍ୱଃ + ଗତ = ସ୍ୱର୍ଗତ |
| ପୁନଃ + ଆଗମନ = ପୁନରାଗମନ | ପୁନଃ + ଉକ୍ତି = ପୁନରୁକ୍ତି |
| ଅନ୍ତଃ + ଗତ = ଅନ୍ତର୍ଗତ | ପ୍ରାତଃ + ଭ୍ରମଣ = ପ୍ରାତର୍ଭ୍ରମଣ |
| ଅନ୍ତଃ + ଦାହ = ଅନ୍ତର୍ଦାହ | ପୁନଃ + ମୂଷିକ = ପୁନର୍ମୂଷିକ |
| ନିଃ + ଗତ = ନିର୍ଗତ | ପୁନଃ + ବାର = ପୁନର୍ବାର |

ସୂତ୍ର –'ର୍' ଜାତ ବିସର୍ଗ ପରେ ସ୍ୱରବର୍ଣ୍ଣ, ବର୍ଗର ତୃତୀୟ, ଚତୁର୍ଥ, ପଞ୍ଚମ ବର୍ଣ୍ଣ କିମ୍ବା ଯ, ର, ଲ, ହ ଥିଲେ 'ର୍' ଜାତ ବିସର୍ଗ 'ର୍' ହୁଏ । ପରେ ସ୍ୱରବର୍ଣ୍ଣ ଥିଲେ ସେହି ସ୍ୱରବର୍ଣ୍ଣ 'ର୍'ରେ ମିଶିଯାଏ । ପରେ ବ୍ୟଞ୍ଜନ ବର୍ଣ୍ଣ ଥିଲେ 'ର୍' ସେହି ବ୍ୟଞ୍ଜନ ବର୍ଣ୍ଣରେ ରେଫ୍ ହୁଏ ।

(୨)

| | |
|---|---|
| ମନଃ + ହର = ମନୋହର | ତମଃ + ମୟ = ତମୋମୟ |
| ମନଃ + ଯୋଗ = ମନୋଯୋଗ | ଅଧଃ + ଗତି = ଅଧୋଗତି |
| ପୟଃ + ଧର = ପୟୋଧର | ଶିରଃ + ଧାର୍ଯ୍ୟ = ଶିରୋଧାର୍ଯ୍ୟ |
| ମନଃ + ରଥ = ମନୋରଥ | ପୁରଃ + ଭାଗ = ପୁରୋଭାଗ |
| ବୟଃ + ବୃଦ୍ଧ = ବୟୋବୃଦ୍ଧ | ଶିରଃ + ମଣି = ଶିରୋମଣି |

ସୂତ୍ର – 'ସ୍' ଜାତ ବିସର୍ଗର ପୂର୍ବରୁ 'ଅ' ଥିଲେ ଏବଂ ପରେ ବର୍ଗର ତୃତୀୟ, ଚତୁର୍ଥ, ପଞ୍ଚମ ବର୍ଣ୍ଣ କିମ୍ବା ଯ, ର, ଲ, ହ ଥିଲେ ବିସର୍ଗ ଓ ତାହାର ପୂର୍ବବର୍ତ୍ତୀ 'ଅ' ଉଭୟ ମିଶି 'ଓ' ହୋଇଯାଏ । 'ଓ' ପୂର୍ବ ବର୍ଣ୍ଣରେ ଯୁକ୍ତ ହୁଏ । (ମନଃ, ତମଃ, ଅଧଃ ଆଦି ଶବ୍ଦରେ ବିସର୍ଗ ପୂର୍ବରୁ 'ଅ' ଅଛି । କିପରି ଅଛି ଦେଖ – ନ୍ + ଅ + ଃ = ନଃ, ମ୍ + ଅ + ଃ = ମଃ, ଧ୍ + ଅ + ଃ = ଧଃ) ।

(୩)

| | |
|---|---|
| ଧନୁଃ + ଉତ୍ତୋଳନ = ଧନୁରୁତ୍ତୋଳନ | ଚକ୍ଷୁଃ + ଉନ୍ମୀଳନ = ଚକ୍ଷୁରୁନ୍ମୀଳନ |
| ଧନୁଃ + ବାଣ = ଧନୁର୍ବାଣ | ଆଶୀଃ + ବାଦ = ଆଶୀର୍ବାଦ |
| ଆୟୁଃ + ବେଦ = ଆୟୁର୍ବେଦ | ଧନୁଃ + ବିଦ୍ୟା = ଧନୁର୍ବିଦ୍ୟା |

ସୂତ୍ର – ବିସର୍ଗର ପୂର୍ବରୁ 'ଅ' କିମ୍ବା 'ଆ' ଭିନ୍ନ ଅନ୍ୟ ସ୍ୱରବର୍ଣ୍ଣ ଥିଲେ ଏବଂ ବିସର୍ଗର ପରେ ବର୍ଗର ତୃତୀୟ, ଚତୁର୍ଥ, ପଞ୍ଚମ ବର୍ଣ୍ଣ କିମ୍ବା ଯ, ର, ଲ, ହ ଥିଲେ 'ସ୍' ଜାତ ବିସର୍ଗ ମଧ୍ୟ 'ର୍' ହୁଏ । ପରେ ସ୍ୱରବର୍ଣ୍ଣ ଥିଲେ ସେହି ସ୍ୱରବର୍ଣ୍ଣ 'ର୍'ରେ ମିଶିଯାଏ । ପରେ ବ୍ୟଞ୍ଜନ ବର୍ଣ୍ଣ ଥିଲେ 'ର୍' ସେଥିରେ ରେଫ୍ ହୁଏ ।

(୪) ନିଃ + ଚୟ = ନିଶ୍ଚୟ ଧନୁଃ + ଟଙ୍କାର = ଧନୁଷ୍ଟଙ୍କାର

ତପଃ + ଚର୍ଯ୍ୟା = ତପଶ୍ଚର୍ଯ୍ୟା ନିଃ + ତରଙ୍ଗ = ନିସ୍ତରଙ୍ଗ

ଦୁଃ + ଚିନ୍ତା = ଦୁଶ୍ଚିନ୍ତା ଇତଃ + ତତଃ = ଇତସ୍ତତଃ

ମନଃ + ତାପ = ମନସ୍ତାପ ନଭଃ + ଚର = ନଭଶ୍ଚର

ଅଧଃ + ତନ = ଅଧସ୍ତନ ଶିର + ଛେଦ = ଶିରଶ୍ଛେଦ

ସୂତ୍ର – ଯେକୌଣସି ପ୍ରକାର ବିସର୍ଗ ପରେ ଚ କିମ୍ବା ଛ, ଟ କିମ୍ବା ଠ, ତ କିମ୍ବା ଥ ଥିଲେ ବିସର୍ଗ ଯଥାକ୍ରମେ ଶ୍, ଷ୍, ସ୍ ହୁଏ ।

(୫) ନମଃ+ କାର = ନମସ୍କାର ବାଚଃ + ପତି = ବାଚସ୍ପତି

ପୁରଃ + କାର = ପୁରସ୍କାର ଶ୍ରେୟଃ + କର = ଶ୍ରେୟସ୍କର

ମନଃ + କାମନା = ମନସ୍କାମନା ଅୟଃ + କାନ୍ତ = ଅୟସ୍କାନ୍ତ

ମନଃ + ଫଳ = ମନସ୍ଫଳ

ସୂତ୍ର – ବିସର୍ଗର ପରେ କ, ପ, କିମ୍ବା ଫ ଥିଲେ ବିସର୍ଗ 'ସ୍' ହୁଏ ।

(୬) ନିଃ + ଫଳ = ନିଷ୍ଫଳ ଭ୍ରାତୁଃ + ପୁତ୍ର = ଭ୍ରାତୁଷ୍ପୁତ୍ର

ଚତୁଃ + ପଦ = ଚତୁଷ୍ପଦ ଗୀଃ + ପତି = ଗୀଷ୍ପତି

ଦୁଃ + କର୍ମ = ଦୁଷ୍କର୍ମ ନିଃ + କାମ = ନିଷ୍କାମ

ସୂତ୍ର – ବିସର୍ଗର ପରେ କ, ପ କିମ୍ବା ଫ ଥିଲେ, କିନ୍ତୁ ବିସର୍ଗର ପୂର୍ବରୁ ଅ କିମ୍ବା ଆ ଭିନ୍ନ ଅନ୍ୟ ସ୍ୱରବର୍ଣ୍ଣ ଥିଲେ ବିସର୍ଗ 'ଷ୍' ହୁଏ ।

(୭) ନିଃ + ରୋଗ = ନୀରୋଗ ନିଃ + ରସ = ନୀରସ

ନିଃ + ରବ = ନୀରବ ନିଃ + ରନ୍ଧ୍ର = ନୀରନ୍ଧ୍ର

ସୂତ୍ର – ବିସର୍ଗ ପରେ 'ର' ଥିଲେ ବିସର୍ଗ ଲୋପ ହୁଏ ଏବଂ ବିସର୍ଗର ପୂର୍ବବର୍ତ୍ତୀ ହ୍ରସ୍ୱସ୍ୱର ଦୀର୍ଘ ହୁଏ । (ଏଠାରେ ହ୍ରସ୍ୱ 'ଇ' ସ୍ଥାନରେ 'ଈ' ହୋଇଛି ।)

## ସମାସ

ପରସ୍ପର ସଂପର୍କ ଥିବା ଏକାଧିକ ପଦକୁ ଯୋଡ଼ି ଏକପଦ କରାଯିବାର ନାମ **ସମାସ** ।

'ସମାସ'ର ଅର୍ଥ ସଂକ୍ଷେପ । ଯେଉଁ ବିସ୍ତୃତ ଉକ୍ତିକୁ ଯୋଡ଼ି ସମାସରେ ସଂକ୍ଷିପ୍ତ କରାଯାଏ, ତାହାକୁ **ବିଗ୍ରହ ବାକ୍ୟ** ବା **ବ୍ୟାସ ବାକ୍ୟ** କହନ୍ତି । 'ଯେପରି ବୀଣା ପାଣିରେ ଯାହାଙ୍କର' ଏହି ବିସ୍ତୃତ ଉକ୍ତିକୁ ସଂକ୍ଷିପ୍ତ କରାଯାଇଛି 'ବୀଣାପାଣି' । ତେଣୁ ବିସ୍ତୃତ ଉକ୍ତିଟି ଗୋଟିଏ ବିଗ୍ରହ ବାକ୍ୟ ବା ବ୍ୟାସ ବାକ୍ୟ ।

ଯେଉଁ ଏକାଧିକ ପଦଗୁଡ଼ିକୁ ଯୋଡ଼ାଯାଇ ସମାସ କରାଯାଏ, ସେହି ପଦଗୁଡ଼ିକୁ **ସମସ୍ୟମାନ ପଦ** କୁହାଯାଏ । 'ବୀଣାପାଣି' ପଦରେ ଦୁଇଟି ସମସ୍ୟମାନ ପଦ 'ବୀଣା' ଓ 'ପାଣି' ।

ସମାସରେ ଏକାଧିକ (ଦୁଇ ବା ଦୁଇରୁ ଅଧିକ) ପଦର ମିଳନରେ ଯେଉଁ ପଦଟି ଗଠିତ ହୁଏ, ତାହାକୁ **ସମସ୍ତ ପଦ** ବା **ସମାସନିଷ୍ପନ୍ନ ପଦ** କୁହାଯାଏ । 'ବୀଣାପାଣି' ଗୋଟିଏ ସମସ୍ତ ପଦ ବା ସମାସନିଷ୍ପନ୍ନ ପଦ ଅର୍ଥାତ୍ ସମାସରେ ଗଠିତ ହୋଇଥିବା ପଦ ଅଟେ ।

ସମାସ ହେଉଛି ଦୁଇ ପଦର ମିଳନ, କିନ୍ତୁ ସନ୍ଧି ହେଉଛି ଦୁଇ ବର୍ଣ୍ଣର ମିଳନ । ଦୁଇ ପଦର ମିଳନରେ ଯଦି କୌଣସି ସନ୍ଧି ନିୟମ ପ୍ରଯୁଜ୍ୟ ହେଉଥାଏ, ତେବେ ସନ୍ଧି ହୁଏ । ଯେପରି ବିଦ୍ୟାର ଆଳୟ = ବିଦ୍ୟାଳୟ (ଷଷ୍ଠୀ ତତ୍ପୁରୁଷ) । 'ବିଦ୍ୟା' ଓ 'ଆଳୟ' ପଦକୁ ଯୋଡ଼ିଲାବେଳେ ସ୍ୱର ସନ୍ଧିର ଗୋଟିଏ ନିୟମ ପ୍ରଯୁଜ୍ୟ ହେଲା । ତେଣୁ 'ବିଦ୍ୟାଳୟ' ହେଲା । କିନ୍ତୁ ବିଦ୍ୟାର ଭବନ = ବିଦ୍ୟାଭବନ । (ଷଷ୍ଠୀ ତତ୍ପୁରୁଷ) । ଏଠାରେ 'ବିଦ୍ୟା' ଓ 'ଭବନ'କୁ ଯୋଡିଲାବେଳେ କୌଣସି ସନ୍ଧିର ନିୟମ ପ୍ରଯୁଜ୍ୟ ହେଲାନାହିଁ । ତେଣୁ 'ବିଦ୍ୟାଭବନ' ହେଲା । ଏଥିରୁ ପ୍ରତିପାଦିତ ହେଲା ଯେ ଯେଉଁଠି ଦୁଇ ପଦର ମିଳନ ହୋଇଥାଏ, ସେଠି ନିଶ୍ଚୟ ସମାସ ଥାଏ, କିନ୍ତୁ ସନ୍ଧି ଥାଇପାରେ, ନ ଥାଇପାରେ ।

ଆଗରୁ କୁହାଯାଇଛି, ପରସ୍ପର ସଂପର୍କ ଥିବା ଏକାଧିକ ପଦର ମିଳନ ହେଉଛି ସମାସ । ସେହି ସଂପର୍କ ଅନୁସାରେ ସମାସକୁ ଛଅ ଶ୍ରେଣୀରେ ବିଭକ୍ତ କରାଯାଇଛି- **ତତ୍ପୁରୁଷ, କର୍ମଧାରୟ, ଦ୍ୱନ୍ଦ୍ୱ, ଦ୍ୱିଗୁ, ବହୁବ୍ରୀହି, ଅବ୍ୟୟୀଭାବ** ।

## ତତ୍ପୁରୁଷ

ଯେଉଁ ସମାସରେ ପ୍ରଥମ ପଦରୁ କୌଣସି ବିଭକ୍ତି ଲୋପ ପାଇଥାଏ, ତାହାକୁ ତତ୍ପୁରୁଷ ସମାସ କୁହାଯାଏ ।

(କ) **ଦ୍ୱିତୀୟା ତତ୍ପୁରୁଷ**

ପଦକୁ ଆଶ୍ରିତ = ପଦାଶ୍ରିତ　　ଗଛକୁ କାଟିବା = ଗଛକାଟିବା

ଗୃହକୁ ଆଗତ = ଗୃହାଗତ　　ମାଛକୁ ଧରିବା = ମାଛ ଧରିବା

'କୁ' ହେଉଛି ଦ୍ୱିତୀୟା ବିଭକ୍ତି । ତାହା ଏଠାରେ ଲୋପ ପାଇଥିବାରୁ ସମାସର ନାମ ଦ୍ୱିତୀୟା ତତ୍ପୁରୁଷ ।

(ଖ) **ତୃତୀୟା ତତ୍ପୁରୁଷ**

ଜ୍ୱରରେ ଆକ୍ରାନ୍ତ = ଜ୍ୱରାକ୍ରାନ୍ତ　　ତନ୍ତରେ ବୁଣା = ତନ୍ତବୁଣା

କୀଟ ଦ୍ୱାରା ଦଷ୍ଟ = କୀଟଦଷ୍ଟ　　ମନଦ୍ୱାରା ଗଢ଼ା = ମନଗଢ଼ା

'ରେ' 'ଦ୍ୱାରା' ହେଉଛି ତୃତୀୟାବିଭକ୍ତି । ଏଠାରେ ତାହା ଲୋପ ପାଇଥିବାରୁ ତୃତୀୟା ତତ୍ପୁରୁଷ ।

(ଗ) **ଚତୁର୍ଥୀ ତତ୍ପୁରୁଷ**

ଗୁରୁଙ୍କ ପାଇଁ ଦକ୍ଷିଣା = ଗୁରୁଦକ୍ଷିଣା

ପୁତ୍ର ପାଇଁ ଶୋକ = ପୁତ୍ରଶୋକ

ଗାଧୁଆନିମନ୍ତେ ଘର = ଗାଧୁଆଘର

ପିଇବା ପାଇଁ ପାଣି = ପିଇବାପାଣି

'ପାଇଁ' 'ନିମନ୍ତେ' ହେଉଛି ଚତୁର୍ଥୀ ବିଭକ୍ତି । ଏଠାରେ ତାହା ଲୋପ ପାଇଥିବାରୁ ଚତୁର୍ଥୀ ତତ୍ପୁରୁଷ ।

(ଘ) **ପଞ୍ଚମୀ ତତ୍‌ପୁରୁଷ**

ଶାପରୁ ମୁକ୍ତ = ଶାପମୁକ୍ତ          ଗଛରୁ ଝଡା = ଗଛଝଡା

ଜନ୍ମରୁ ଅନ୍ଧ = ଜନ୍ମାନ୍ଧ          ଗୋଠରୁ ଖଣ୍ଡିଆ = ଗୋଠ ଖଣ୍ଡିଆ

'ରୁ' ହେଉଛି ପଞ୍ଚମୀ ବିଭକ୍ତି । ଏଠାରେ ତାହା ଲୋପ ପାଇଥିବାରୁ ପଞ୍ଚମୀ ତତ୍‌ପୁରୁଷ ।

(ଙ) **ଷଷ୍ଠୀ ତତ୍‌ପୁରୁଷ**

ସମୁଦ୍ରର ଜଳ = ସମୁଦ୍ରଜଳ

ପରର ଉପକାର = ପରୋପକାର

ମାମୁଁଙ୍କ ଘର = ମାମୁଁଘର

ହଂସୀର ଡିମ୍ବ = ହଂସଡିମ୍ବ

'ର', 'ଙ୍କ' ବା 'ଙ୍କର' ହେଉଛି ଷଷ୍ଠୀ ବିଭକ୍ତି । ଏଠାରେ ତାହା ଲୋପ ପାଇଥିବାରୁ ଷଷ୍ଠୀ ତତ୍‌ପୁରୁଷ ହୋଇଛି ।

(ଚ) **ସପ୍ତମୀ ତତ୍‌ପୁରୁଷ**

ଜଳରେ ମଗ୍ନ = ଜଳମଗ୍ନ

ଗଙ୍ଗାରେ ସ୍ନାନ = ଗଙ୍ଗାସ୍ନାନ

ଗଛରେ ପାଚିଲା = ଗଛପାଚିଲା

ବଣରେ ଭୋଜି = ବଣଭୋଜି

ପୁତ୍ରଠାରେ ସ୍ନେହ = ପୁତ୍ରସ୍ନେହ

'ରେ' 'ଠାରେ' ହେଉଛି ସପ୍ତମୀ ବିଭକ୍ତି । ଏଠାରେ ତାହା ଲୋପ ପାଇଥିବାରୁ ସପ୍ତମୀ ତତ୍‌ପୁରୁଷ ହୋଇଛି ।

## ନଞ୍ ତତ୍‌ପୁରୁଷ

ନିଷେଧାର୍ଥକ 'ନ' ସହିତ ଅନ୍ୟ ପଦର ଯେଉଁ ସମାସ ହୁଏ, ତାହାକୁ ନଞ୍ ତତ୍‌ପୁରୁଷ ସମାସ କୁହାଯାଏ ।

(କ) ପରେ ବ୍ୟଞ୍ଜନ ବର୍ଣ୍ଣ ଥିଲେ 'ନ' ସ୍ଥାନରେ 'ଅ' ହୁଏ । ଯଥା –

ନ ଚଳ = ଅଚଳ          ନ ସୁଖ = ଅସୁଖ

ନ ବାଟ = ଅବାଟ          ନ ଭଦ୍ର = ଅଭଦ୍ର

ନ ଧର୍ମ = ଅଧର୍ମ          ନ ଜଣା = ଅଜଣା

(ଖ) ପରେ ସ୍ୱର ବର୍ଣ୍ଣ ଥିଲେ 'ନ' ସ୍ଥାନରେ 'ଅନ୍' ହୁଏ । ସ୍ୱରବର୍ଣ୍ଣ ସେଥିରେ ମିଶିଯାଏ ।

ନ ଆଦର = ଅନାଦର          ନ ଆହାର = ଅନାହାର

ନ ଉଚିତ = ଅନୁଚିତ          ନ ଉଚ୍ଚ = ଅନୁଚ୍ଚ

ନ ଅତିଦୂର = ଅନତିଦୂର          ନ ଉର୍ବର = ଅନୁର୍ବର

## ଉପପଦ ତତ୍‌ପୁରୁଷ

ଯେଉଁ ସମାସର ବିଗ୍ରହ ବାକ୍ୟରେ  କରେ ଯେ, କହେ ଯେ, ପିଏ ଯେ,  ଚରେ ଯେ, ଦେଖେ ଯେ, ଏପରି କ୍ରିୟା ଅଂଶ ଥାଏ, ତାହାକୁ ଉପପଦ ତତ୍‌ପୁରୁଷ କୁହାଯାଏ । ଯେପରି –

କୁମ୍ଭକୁ କରେ ଯେ = କୁମ୍ଭକାର

ଜଳକୁ ଧରେ ଯେ = ଜଳଧର

ସ୍ତନ୍ୟକୁ ପିଏ ଯେ = ସ୍ତନ୍ୟପାୟୀ

ମାଂସ ଭୋଜନ କରେ ଯେ = ମାଂସଭୋଜୀ

କାନରେ କହେ ଯେ = କାନକୁହା

କୁଳକୁ ବୁଡାଏ ଯେ = କୁଳବୁଡ଼ା

ଏସବୁରୁ ବୁଝା ପଡୁଛି, ବିଶେଷ୍ୟପଦ ପରେ କ୍ରିୟାବୋଧକ ପଦ ଥିଲେ ଉପପଦ ତତ୍‌ପୁରୁଷ ହୁଏ । ଉଦାହରଣ ଗୁଡ଼ିକରେ କାର, ଧର, ପାୟୀ, ଭୋଜୀ, କୁହା, ବୁଡ଼ା – ଏଗୁଡିକ କ୍ରିୟାବୋଧକ ଅଟନ୍ତି । କିନ୍ତୁ ଏପରି କ୍ରିୟାବୋଧକ ପଦଗୁଡ଼ିକ ପୂର୍ବ ପଦ ବିନା ବ୍ୟବହୃତ ହୋଇପାରନ୍ତି ନାହିଁ । ପୂର୍ବ ପଦ ସହିତ ହିଁ ଏଗୁଡ଼ିକ ବ୍ୟବହୃତ ହୋଇପାରନ୍ତି ।

## କର୍ମଧାରୟ ସମାସ

ବିଶେଷଣ ଓ ବିଶେଷ୍ୟ ପଦର ମିଳନକୁ କର୍ମଧାରୟ ସମାସ କହନ୍ତି । ଯଥା –

ପୂର୍ଣ୍ଣ ଅଟେ ଚନ୍ଦ୍ର = ପୂର୍ଣ୍ଣଚନ୍ଦ୍ର

ନୀଳ ଅଟେ ଆକାଶ = ନୀଳାକାଶ

ସଜ ଅଟେ ଫୁଲ  = ସଜଫୁଲ

ଲୁଣା ଅଟେ ପାଣି = ଲୁଣାପାଣି

ମହାନ୍ ଅଟନ୍ତି ପୁରୁଷ = ମହାପୁରୁଷ

ହଡା ଅଟେ ବଳଦ = ହଡାବଳଦ

ବିଶେଷଣ ଓ ବିଶେଷ୍ୟର ସମାସ ହେଲେ ଉଭୟକୁ ଗୋଟିଏ ପଦ ବୋଲି ଧରାଯାଏ ଏବଂ ଉଭୟକୁ ଲେଖିଲାବେଳେ ଏକାଠି ଲଗାଇକରି ଲେଖାଯାଏ । ଯଦି ବିଶେଷଣ ଓ ବିଶେଷ୍ୟର ସମାସ ନ କରାଯାଏ, ତେବେ ଉଭୟକୁ ଅଲଗା ଅଲଗା କରି ଲେଖାଯାଏ ଏବଂ ଉଭୟକୁ ଦୁଇଟି ପଦ ବୋଲି ଧରାଯାଏ ।

## ଉପମାନ କର୍ମଧାରୟ

ଯେଉଁ ସମାସରେ ପ୍ରଥମ  ପଦ ବିଶେଷ୍ୟ ଓ ଦ୍ୱିତୀୟ ପଦ ବିଶେଷଣ ଥାଏ ଏବଂ ଉପମା  (ତୁଳନା) ଅର୍ଥ ବୁଝାଯାଉଥାଏ, ତାହାକୁ **ଉପମାନ କର୍ମ ଧାରୟ ସମାସ** କୁହାଯାଏ ।

ଘନ ପରି ଶ୍ୟାମ = ଘନଶ୍ୟାମ

ତୁଷାର ପରି ଧବଳ = ତୁଷାର ଧବଳ

ନବନୀତ ପରି କୋମଳ = ନବଜୀତ କୋମଳ

ସ୍ଫଟିକ ପରି ସ୍ୱଚ୍ଛ = ସ୍ଫଟିକସ୍ୱଚ୍ଛ

## ଉପମିତ କର୍ମଧାରୟ

ଯେଉଁ ସମାସରେ ଦୁଇଟି ବିଶେଷ୍ୟ ପଦର ମିଳନ ହୋଇଥାଏ ଏବଂ ଉପମା (ତୁଳନା) ଅର୍ଥ ବୁଝାଯାଉଥାଏ, ତାହାକୁ **ଉପମିତ କର୍ମଧାରୟ** କୁହାଯାଏ । ଏହାର ଅନ୍ୟନାମ **ଉପମେୟ କର୍ମଧାରୟ** ।

ପାଦ ପଦ୍ମ ପରି = ପାଦପଦ୍ମ

କର କମଳ ପରି = କରକମଳ

ନର ସିଂହ ପରି = ନରସିଂହ

ପୁରୁଷ ବ୍ୟାଘ୍ର ପରି = ପୁରୁଷବ୍ୟାଘ୍ର

## ରୂପକ କର୍ମଧାରୟ

ଯେଉଁ ସମାସରେ ଦୁଇଟି ବିଶେଷ୍ୟ ପଦର ମିଳନ ହୋଇଥାଏ ଏବଂ ଅଭେଦ ଅର୍ଥ ବୁଝାଯାଉଥାଏ, ତାହାକୁ ରୂପକ କର୍ମଧାରୟ କୁହାଯାଏ । ଏଥିରେ ବିଗ୍ରହ ବାକ୍ୟରେ 'ରୂପକ' ଶବ୍ଦ ବ୍ୟବହାର କରାଯାଏ । ଯଥା –

ବିଦ୍ୟା ରୂପକ ଧନ = ବିଦ୍ୟାଧନ

ଶୋକ ରୂପକ ଅଗ୍ନି = ଶୋକାଗ୍ନି

ଶୋକ ରୂପକ ସାଗର = ଶୋକସାଗର

ଜ୍ଞାନ ରୂପକ ଆଲୋକ = ଜ୍ଞାନାଲୋକ

ନାରୀ ରୂପକ ରତ୍ନ = ନାରୀରତ୍ନ

## ମଧ୍ୟପଦ ଲୋପୀ କର୍ମଧାରୟ

ଯେଉଁ ସମାସରେ ମଧ୍ୟବର୍ତ୍ତୀ ବିଶେଷଣ ପଦ ଲୋପ ପାଏ, ତାହାକୁ ମଧ୍ୟପଦଲୋପୀ କର୍ମଧାରୟ କହନ୍ତି ।

ସୁନା ତିଆରି ହାର = ସୁନାହାର

ଇଟାନିର୍ମିତ ଘର = ଇଟାଘର

କାଠତିଆରି ପୋଲ = କାଠପୋଲ

ସିଂହ ଚିହ୍ନିତ ଆସନ = ସିଂହାସନ

ଘୋଡାଟଣା ଗାଡି = ଘୋଡାଗାଡ଼ି

ଦହି ମିଶା ଚୁଡା = ଦହିଚୁଡା

ବନ ଜାତ ଅଗ୍ନି = ବନାଗ୍ନି

ଏଗୁଡିକରେ ମଝିରୁ ଲୋପ ପାଇଥିବା 'ତିଆରି' 'ନିର୍ମିତ' 'ଚିହ୍ନିତ' 'ଟଣା' 'ମିଶା' ଏବଂ 'ଜାତ' ଅଂଶଗୁଡିକ ବିଶେଷଣପଦ ।

## ଦ୍ୱନ୍ଦ୍ୱ ସମାସ

ଯେଉଁ ସମାସରେ ଦୁଇ ବା ଦୁଇରୁ ଅଧିକ ବିଶେଷ୍ୟ ପଦ ମିଳିତ ହୁଅନ୍ତି ଏବଂ ପ୍ରତ୍ୟେକ ପଦର ଅର୍ଥଗତ ପ୍ରାଧାନ୍ୟ ରହେ, ତାହାକୁ **ଦ୍ୱନ୍ଦ୍ୱ ସମାସ** କହନ୍ତି ।

କୀଟ ଓ ପତଙ୍ଗ = କୀଟ ପତଙ୍ଗ

ନର ଓ ନାରୀ = ନରନାରୀ

ହରି ଓ ହର = ହରିହର

କ୍ଷୀରୀ ଓ ପୁରୀ = କ୍ଷୀରୀପୁରୀ

ମାଛ ଓ ମାଂସ = ମାଛମାଂସ

ତରୁ ଓ ତୃଣ = ତରୁତୃଣ

ପତ୍ର, ପୁଷ୍ପ ଓ ଫଳ = ପତ୍ରପୁଷ୍ପଫଳ

ଧନ, ଜନ, ଗୋପ ଓ ଲକ୍ଷ୍ମୀ = ଧନଜନଗୋପଲକ୍ଷ୍ମୀ

## ଦ୍ୱିଗୁ ସମାସ

ଯେଉଁ ସମାସରେ ସଂଖ୍ୟାବାଚକ ପଦ ପୂର୍ବରେ ଥାଏ ଏବଂ ସମାସନିଷ୍ପନ୍ନ ପଦ ସମାହାର ଅର୍ଥାତ୍ ସମଷ୍ଟି ଅର୍ଥ ବୁଝାଉଥାଏ, ତାହାକୁ **ଦ୍ୱିଗୁ ସମାସ** କହନ୍ତି । ଯଥା –

ତ୍ରି (ତିନି) ଭୁବନର ସମାହାର = ତ୍ରିଭୁବନ

ପଞ୍ଚ ବଟର ସମାହାର = ପଞ୍ଚବଟୀ

ଚତୁଃ ଦିଗର ସମାହାର = ଚତୁର୍ଦ୍ଦିଗ

ଅଷ୍ଟ ରତ୍ନର ସମାହାର = ଅଷ୍ଟରତ୍ନ

ଶତ ଅବ୍ଦର ସମାହାର = ଶତାବ୍ଦୀ

ସପ୍ତ ଅହର ସମାହାର = ସପ୍ତାହ

ତ୍ରି ଫଳର ସମାହାର = ତ୍ରିଫଳା

ସାତ ସମୁଦ୍ରର ସମାହାର = ସାତସମୁଦ୍ର

ତ୍ରି ଲୋକର ସମାହାର = ତ୍ରିଲୋକ/ତ୍ରିଲୋକୀ

ଚଉ ପଦର ସମାହାର = ଚଉପଦୀ

ତ୍ରି ବେଣୀର ସମାହାର = ତ୍ରିବେଣୀ

ଦଶ ମୂଳର ସମାହାର = ଦଶମୂଳ/ଦଶମୂଳୀ

## ବହୁବ୍ରୀହି

ଯେଉଁ ସମାସରେ ସମାସନିଷ୍ପନ୍ନ ପଦ ସମାସ - ଅନ୍ତର୍ଗତ କୌଣସି ପଦକୁ ନ ବୁଝାଇ ଅନ୍ୟ କାହାକୁ ବୁଝାଏ, ତାହାକୁ ବହୁବ୍ରୀହି ସମାସ କହନ୍ତି । ଯେପରି -

ବୀଣା ପାଣିରେ ଯାହାର = ବୀଣାପାଣି । 'ବୀଣା' ଓ 'ପାଣି' ଦୁଇଟି ପଦର ସମାସ ହୋଇଛି, କିନ୍ତୁ 'ବୀଣାପାଣି' ପଦଟି ବୀଣା କିମ୍ବା ପାଣି, କାହାକୁ ନ ବୁଝାଇ ସରସ୍ୱତୀଙ୍କୁ ବୁଝାଉଛି ।

ବହୁବ୍ରୀହି ସମାସରେ ବିଗ୍ରହ ବାକ୍ୟର ଶେଷକୁ 'ଯାହାର' 'ଯାହା ଦ୍ୱାରା' କିମ୍ବା 'ଯହିଁରେ' ଥାଏ । କେତେକ ଉଦାହରଣ-

ଲମ୍ବ ଉଦର ଯାହାର = ଲମ୍ବୋଦର (ଗଣେଶ)

ମହା ବାହୁ ଯାହାର = ମହାବାହୁ (ଜଗନ୍ନାଥ)

ନୀଳ କଣ୍ଠ ଯାହାର = ନୀଳକଣ୍ଠ (ଶିବ)

ଚନ୍ଦ୍ର ଚୂଡାରେ ଯାହାର = ଚନ୍ଦ୍ରଚୂଡ (ଶିବ)

ପଦ୍ମ ନାଭିରେ ଯାହାର = ପଦ୍ମନାଭ (ବିଷ୍ଣୁ)

ଚକ୍ର ପାଣିରେ ଯାହାର = ଚକ୍ରପାଣି (ବିଷ୍ଣୁ)

ଦଶ ଆନନ ଯାହାର = ଦଶାନନ (ରାବଣ)

ଜିତ ହୋଇଛି ଇନ୍ଦ୍ରିୟ ଯାହାଦ୍ୱାରା = ଜିତେନ୍ଦ୍ରିୟ (ଋଷି ବା ସାଧୁପୁରୁଷ)

କୃତ ହୋଇଛି କାର୍ଯ୍ୟ ଯାହାଦ୍ୱାରା = କୃତକାର୍ଯ୍ୟ (ଭଲ କାର୍ଯ୍ୟ ସାଧନ କରିଥିବା ଲୋକ)

ଏହିପରି ସମାସ -ଅନ୍ତର୍ଗତ କୌଣସି ପଦକୁ ନ ବୁଝାଇ ଅନ୍ୟ କାହାକୁ ବୁଝାଉଥିବା ଆଉ କେତେକ ଉଦାହରଣ -

ଉଦାର ମନ ଯାହାର = ଉଦାରମନା

ଅଳ୍ପ ବୟସ ଯାହାର = ଅଳ୍ପବୟସ୍କ

ବିଗତ ପତ୍ନୀ ଯାହାର = ବିପତ୍ନୀକ

ବିଗତ ଧବ (ସ୍ୱାମୀ) ଯେଉଁ ସ୍ତ୍ରୀର = ବିଧବା

ଉଚ୍ଚ କପାଳ ଯେଉଁ ସ୍ତ୍ରୀର = ଉଚ୍ଚକପାଳୀ

ସ୍ଥିତ ପ୍ରଜ୍ଞା ଯାହାର = ସ୍ଥିତପ୍ରଜ୍ଞ

ପଦ୍ମ ପରି ଅକ୍ଷ (ଚକ୍ଷୁ) ଯାହାର = ପଦ୍ମାକ୍ଷ

ନାହିଁ କଳଙ୍କ ଯାହାର = ନିଷ୍କଳଙ୍କ

ଦିକ୍ ଅମ୍ବର ଯାହାର = ଦିଗମ୍ବର (ଶିବ)

ମୃଗର ନୟନ ପରି ନୟନ ଯେଉଁ ସ୍ତ୍ରୀର = ମୃଗନୟନୀ/ମୃଗନୟନା

ଘୋଡାର ମୁହଁ ପରି ମୁହଁ ଯାହାର = ଘୋଡାମୁହାଁ/ସ୍ତ୍ରୀଲିଙ୍ଗେ ଘୋଡାମୁହାଁ

ଶୂର୍ପ (କୁଲା)ପରି ନଖ ଯାହାର = ଶୂର୍ପଣଖା (ରାବଣଙ୍କ ଭଉଣୀ)

ହଂସର ଗମନ ପରି ଗମନ ଯେଉଁ ସ୍ତ୍ରୀର = ହଂସଗମନା/ହଂସଗମନୀ

## ସହାର୍ଥକ ବହୁବ୍ରୀହି

ପୂର୍ବରେ 'ସହ' କିମ୍ବା 'ସମାନ' ଥାଇ ଯେଉଁ ସମାସ ହୋଇଥାଏ, ତାହାକୁ ସହାର୍ଥ ବା ସହାର୍ଥକ ବହୁବ୍ରୀହି କୁହାଯାଏ । 'ସହ' କିମ୍ବା 'ସମାନ' ହୋଇଯାଏ 'ସ' । ଯଥା –

ପରିବାର ସହ ଥିବା = ସପରିବାର

ସ୍ତ୍ରୀ ସହ ଥିବା = ସପତ୍ନୀକ

ସୈନ୍ୟ ସହ ଥିବା = ସସୈନ୍ୟ

ସମ୍ମାନ ସହ ଥିବା = ସସମ୍ମାନ

ଶ୍ରଦ୍ଧା ସହ ଥିବା = ସଶ୍ରଦ୍ଧ

ଆଦର ସହ ଥିବା = ସାଦର

ଆନନ୍ଦ ସହ ଥିବା = ସାନନ୍ଦ

ବଳ ସହ ଥିବା = ସବଳ

ବାନ୍ଧବ ସହ ଥିବା = ସବାନ୍ଧବ

ବର୍ଣ୍ଣ ସହ ଥିବା = ସବର୍ଣ୍ଣ

(ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ କିମ୍ବା ଶୂଦ୍ର, ଏହି ଚାରି ବର୍ଣ୍ଣରୁ ଯେ କୌଣସି ବର୍ଣ୍ଣର ଲୋକ)

ସମାନ ଧର୍ମ ଯାହାର = ସଧର୍ମା

ସମାନ ଉଦର ଯାହାର = ସହୋଦର/ସୋଦର (ଏକ ମାଆପେଟର ଭାଇ)

ସମାନ ଗୋତ୍ର ଯାହାର = ସଗୋତ୍ର

ସମାନ ପତି ଯେଉଁ ସ୍ତ୍ରୀର = ସପତ୍ନୀ

ଧବ (ସ୍ୱାମୀ)ସହ ଥିବା ସ୍ତ୍ରୀ = ସଧବା

## ନଞ୍ ବହୁବ୍ରୀହି

'ନାହିଁ' ଅର୍ଥର 'ନ' ସହିତ ଅନ୍ୟ ପଦର ବହୁବ୍ରୀହି ସମାସ ହେଲେ ତାହାକୁ ନଞ୍ ବହୁବ୍ରୀହି କୁହାଯାଏ । ପରେ ବ୍ୟଞ୍ଜନ ବର୍ଣ୍ଣ ଥିଲେ 'ନ' ସ୍ଥାନରେ 'ଅ' ହୁଏ ଏବଂ ପରେ ସ୍ୱରବର୍ଣ୍ଣ ଥିଲେ 'ନ' ସ୍ଥାନରେ 'ଅନ୍' ହୁଏ । ପରବର୍ତ୍ତୀ ସ୍ୱରବର୍ଣ୍ଣ 'ଅନ୍'ରେ ଯୁକ୍ତ ହୁଏ ।

ନ (ନାହିଁ) ପାର ଯାହାର = ଅପାର

ନ (ନାହିଁ) ଗାଧ (ସ୍ଥଳଭୂମି) ଯାହାର = ଅଗାଧ

ନ (ନାହିଁ) ମାପ ଯାହାର = ଅମାପ

ନ (ନାହିଁ) ସୀମା ଯାହାର = ଅସୀମ

ନ (ନାହିଁ) ନାମ ଯାହାର = ଅନାମ

ନ (ନାହିଁ) ମୂଲ୍ୟ ଯାହାର = ଅମୂଲ୍ୟ

ନ (ନାହିଁ) ଆଦି ଯାହାର = ଅନାଦି

ନ (ନାହିଁ) ଅନ୍ତ ଯାହାର = ଅନନ୍ତ

ନ (ନାହିଁ) ଉପମା ଯାହାର = ଅନୁପମ

'ଅନ୍' ମଧ୍ୟ 'ଅଣ' ଏବଂ 'ବେ' ହୋଇଯାଏ । ଯଥା –

ନ (ନାହିଁ) ବାବୁ (ବାପ) ଯାହାର = ଅଣବାବୁଆ

ନ (ନାହିଁ) ଆକାର ଯାହାର = ଅଣାକାର

ନ (ନାହିଁ) ତାର ଯହିଁରେ = ବେତାର

ନ (ନାହିଁ) କାର (କାମ) ଯାହାର = ବେକାର

ନ (ନାହିଁ) ହୋସ୍ ଯାହାର = ବେହୋସ୍

ନ (ନାହିଁ) ଇମାନ୍ (କୃତଜ୍ଞତା) ଯାହାର = ବେଇମାନ୍

## ଅବ୍ୟୟୀଭାବ

ଯେଉଁ ସମାସରେ ପୂର୍ବପଦ ଅବ୍ୟୟ ପଦ ଏବଂ ସେହି ଅବ୍ୟୟର ଅର୍ଥପ୍ରାଧାନ୍ୟ ରହେ, ତାହାକୁ ଅବ୍ୟୟୀଭାବ ସମାସ କୁହାଯାଏ । ସାଧାରଣତଃ ଅଭାବ, ପର୍ଯ୍ୟନ୍ତ, ଯୋଗ୍ୟତା, ସୀମା, ଅତିଶୟ, ସମୀପ, ସଦୃଶ, କ୍ଷୁଦ୍ର, ଆଦି ଅର୍ଥରେ ଅବ୍ୟୟୀଭାବ ସମାସ ହୋଇଥାଏ । ଯଥା –

ଭିକ୍ଷାର ଅଭାବ = ଦୁର୍ଭିକ୍ଷ

କୂଳର ସମୀପ = ଉପକୂଳ

ରୂପର ଯୋଗ୍ୟ = ଅନୁରୂପ

ସମୁଦ୍ର ପର୍ଯ୍ୟନ୍ତ = ଆସମୁଦ୍ର

ମୂର୍ତ୍ତିର ସଦୃଶ = ପ୍ରତିମୂର୍ତ୍ତି

କ୍ଷଣକୁ କ୍ଷଣ = ପ୍ରତିକ୍ଷଣ

ଦ୍ୱୀପର ସଦୃଶ = ଉପଦ୍ୱୀପ

ବିମ୍ବର ସଦୃଶ = ପ୍ରତିବିମ୍ବ

ସାଗରଠାରୁ ନ୍ୟୁନ = ଉପସାଗର

କ୍ଷୁଦ୍ର ଗ୍ରହ = ଉପଗ୍ରହ

ମୂଳରୁ ଚୂଳ ପର୍ଯ୍ୟନ୍ତ = ଆମୂଳଚୂଳ

ବିଧିକୁ ଅତିକ୍ରମ ନ କରି = ଯଥାବିଧି

ଶକ୍ତିକୁ ଅତିକ୍ରମ ନ କରି = ଯଥାଶକ୍ତି

ଅତିଶୟ ଘଞ୍ଚ = ନିଘଞ୍ଚ

ଅତିଶୟ ଧାର୍ଯ୍ୟ = ନିଧାର୍ଯ୍ୟ

କୂଳର ବିପରୀତ = ପ୍ରତିକୂଳ

ପକ୍ଷର ବିପରୀତ = ପ୍ରତିପକ୍ଷ

ଜନ୍ମରୁ ଆରମ୍ଭ କରି = ଆଜନ୍ମ ଇତ୍ୟାଦି ।

–୦–

# ଚତୁର୍ଥ ୟୁନିଟ୍

## କୃଦନ୍ତ

କ୍ରିୟାର ମୂଳ ଅଂଶକୁ ଧାତୁ କହନ୍ତି । କ୍ରିୟା ଯେତେ ବଦଳିଲେ ମଧ୍ୟ ବା ଯେତେ ପ୍ରକାର ହେଲେ ମଧ୍ୟ ଧାତୁ ଅଂଶଟି ନିଶ୍ଚୟ ରହେ । ଯେପରି – ପଢ଼େ, ପଢୁଛି, ପଢ଼ନ୍ତି, ପଢ଼ିଲା, ପଢ଼ିଲେ, ପଢ଼ିଲି, ପଢ଼ିଲୁ, ପଢ଼ିବ, ପଢ଼ିବେ, ପଢ଼ିବୁ ଇତ୍ୟାଦି ଯେତେ ପ୍ରକାର କ୍ରିୟା ରୂପ ହେଉନା କାହିଁକି, ପ୍ରତ୍ୟେକଟିରେ ଗୋଟିଏ ଅଂଶ ନିଶ୍ଚୟ ରହିଛି । ସେହି ଅଂଶଟି ହେଉଛି 'ପଢ଼୍' । ଏହି 'ପଢ଼୍' ଗୋଟିଏ ଧାତୁ । ସେହିପରି ପଠନ, ପାଠ, ପାଠକ, ପଠିତ, ପାଠ୍ୟ, ପଠନୀୟ, ଏମିତି ଯେତେ ଶବ୍ଦ ହେଉନା କାହିଁକି, ପ୍ରତ୍ୟେକଟିରେ 'ପଠ୍' ଅଂଶଟି ଅଛି । ଏହି 'ପଠ୍' ଗୋଟିଏ ଧାତୁ ।

ଧାତୁରୁ କ୍ରିୟା ପଦ (ପଢେ, ପଢୁଛି, ପଢ଼ିଲା, ପଢ଼ିବ ପ୍ରଭୃତି) ଗଠିତ ହୁଏ । ଧାତୁରୁ ଅନ୍ୟାନ୍ୟ ଶବ୍ଦ ମଧ୍ୟ ଗଠିତ ହୁଏ । ଅନ୍ୟାନ୍ୟ ଶବ୍ଦ ଯଥା କୃ ଧାତୁରୁ କାରକ, କର୍ତ୍ତା, କୃତ, କରଣ, କାର୍ଯ୍ୟ, କର୍ତ୍ତବ୍ୟ, କରଣୀୟ ପ୍ରଭୃତି । ଉପରେ 'ପଠ୍' ଧାତୁରୁ ଗଠିତ କେତୋଟି ଶବ୍ଦ ମଧ୍ୟ ଦର୍ଶାଯାଇଛି । ଏଥିରୁ ଆମେ ଜାଣୁଥାଇଁ, ଧାତୁରୁ ବିଶେଷ୍ୟ ଓ ବିଶେଷଣ ଶବ୍ଦ ମଧ୍ୟ ଗଠିତ ହୁଏ ।

ଧାତୁରୁ ବିଶେଷ୍ୟ ବା ବିଶେଷଣଶବ୍ଦ ଗଠନ ପାଇଁ ଅ, ଅନ, ଅକ, ତ, ତି, ତବ୍ୟ ପ୍ରଭୃତି ଯେଉଁସବୁ ପ୍ରତ୍ୟୟ ଯୋଗ କରାଯାଏ, ସେଗୁଡିକୁ **'କୃତ୍'** ପ୍ରତ୍ୟୟ କୁହାଯାଏ । ଧାତୁ ଓ **'କୃତ୍'** ପ୍ରତ୍ୟୟ ଯୋଗରେ ଯେଉଁ ଶବ୍ଦ ଗଠିତ ହୁଏ, ତାହାକୁ **କୃଦନ୍ତ** ଶବ୍ଦ ବା **କୃଦନ୍ତ ପଦ** କୁହାଯାଏ । ତଳେ ବିଭିନ୍ନ କୃଦନ୍ତ ଶବ୍ଦ ଓ ସେଗୁଡିକର ଗଠନ ଅର୍ଥାତ୍ ଧାତୁ + ପ୍ରତ୍ୟୟ ଦର୍ଶାଗଲା । (ଶବ୍ଦ ଓ ପଦ ଏକା କଥା । ଶବ୍ଦ ବାକ୍ୟରେ ବ୍ୟବହୃତ ହେଲେ 'ପଦ' ନାମ ଧାରଣ କରେ ମାତ୍ର ।)

### (୧) ଅ ପ୍ରତ୍ୟୟ

| | |
|---|---|
| ହସ୍ + ଅ = ହସ/ହାସ | ବସ୍ + ଅ = ବାସ |
| ଜପ୍ + ଅ = ଜପ | ଲୀ + ଅ = ଲୟ |
| ପଠ୍ + ଅ = ପାଠ | କ୍ରୁଧ୍ + ଅ = କ୍ରୋଧ |
| ଭୀ + ଅ = ଭୟ | କୁପ୍ + ଅ = କୋପ |
| କାନ୍ଦ୍ + ଅ = କାନ୍ଦ | ମାଡ଼୍ + ଅ = ମାଡ |
| ନାଚ୍ + ଅ = ନାଚ | ଖେଳ୍ + ଅ = ଖେଳ |

### (୨) ଅକ ପ୍ରତ୍ୟୟ

| | |
|---|---|
| ପଠ୍ + ଅକ = ପାଠକ | କୃ + ଅକ = କାରକ |
| ବାଦ୍ + ଅକ = ବାଦକ | ନୃତ୍ + ଅକ = ନର୍ତ୍ତକ |
| ଖାଦ୍ + ଅକ = ଖାଦକ | ଗୈ + ଅକ = ଗାୟକ |
| ପଚ୍ + ଅକ = ପାଚକ | ପାଳ୍ + ଅକ = ପାଳକ |

## (୩) ଅନ ପ୍ରତ୍ୟୟ

| | |
|---|---|
| ପଠ୍ + ଅନ = ପଠନ | କୃ + ଅନ = କରଣ |
| ଶୀ + ଅନ = ଶୟନ | ହୃ + ଅନ = ହରଣ |
| ପତ୍ + ଅନ = ପତନ | ସାଧ୍ + ଅନ = ସାଧନ |
| ପା + ଅନ = ପାନ | ଶୁଷ୍ + ଅନ = ଶୋଷଣ |

## (୪) ତ ପ୍ରତ୍ୟୟ

| | |
|---|---|
| ଗମ୍ + ତ = ଗତ | ହୃ + ତ = ହତ |
| ଦା + ତ = ଦତ୍ତ | ଭୀ + ତ = ଭୀତ |
| ନୀ + ତ = ନୀତ | ପଠ୍ + ତ = ପଠିତ |
| ଜନ୍ + ତ = ଜାତ | ବନ୍ଦ୍ + ତ = ବନ୍ଦିତ |
| ସ୍ଥା + ତ = ସ୍ଥିତ | ଖାଦ୍ + ତ = ଖାଦିତ |
| କ୍ରୁଧ୍ + ତ = କ୍ରୁଦ୍ଧ | ରୁଷ୍ + ତ = ରୁଷ୍ଟ |
| ବୁଧ୍ + ତ = ବୁଦ୍ଧ | କ୍ରୀ + ତ = କ୍ରୀତ |
| ଦହ୍ + ତ = ଦଗ୍ଧ | ସୃଜ୍ + ତ = ସୃଷ୍ଟ |

## (୫) ତି ପ୍ରତ୍ୟୟ

| | |
|---|---|
| କୃ + ତି = କୃତି | ଦୃଶ୍ + ତି = ଦୃଷ୍ଟି |
| ସ୍ଥା + ତି = ସ୍ଥିତି | ତୃପ୍ + ତି = ତୃପ୍ତି |
| ମନ୍ + ତି = ମତି | ଶାସ୍ + ତି = ଶାସ୍ତି |
| ନମ୍ + ତି = ନତି | ଭଜ୍ + ତି = ଭକ୍ତି |
| ଭଜ୍ + ତି = ଭକ୍ତି | ଶମ୍ + ତି = ଶାନ୍ତି |
| ଗମ୍ + ତି = ଗତି | ଦୀପ୍ + ତି = ଦୀପ୍ତି |

## (୬) ତବ୍ୟ ପ୍ରତ୍ୟୟ

| | |
|---|---|
| କୃ + ତବ୍ୟ = କର୍ତ୍ତବ୍ୟ | ଦୃଶ୍ + ତବ୍ୟ = ଦ୍ରଷ୍ଟବ୍ୟ |
| ଗମ୍ + ତବ୍ୟ = ଗନ୍ତବ୍ୟ | ଜ୍ଞା + ତବ୍ୟ = ଜ୍ଞାତବ୍ୟ |
| ଦା + ତବ୍ୟ = ଦାତବ୍ୟ | ପଠ୍ + ତବ୍ୟ = ପଠିତବ୍ୟ |
| ଶ୍ରୁ + ତବ୍ୟ = ଶ୍ରୋତବ୍ୟ | ଧୃ + ତବ୍ୟ = ଧର୍ତ୍ତବ୍ୟ |

## (୭) ଅନୀୟ ପ୍ରତ୍ୟୟ

| | |
|---|---|
| ପା + ଅନୀୟ = ପାନୀୟ | ସ୍ମୃ + ଅନୀୟ = ସ୍ମରଣୀୟ |
| ପଠ୍ + ଅନୀୟ = ପଠନୀୟ | ପୂଜ୍ + ଅନୀୟ = ପୂଜନୀୟ |
| ଦୃଶ୍ + ଅନୀୟ = ଦର୍ଶନୀୟ | ଶ୍ରୁ + ଅନୀୟ = ଶ୍ରବଣୀୟ |
| କୃ + ଅନୀୟ = କରଣୀୟ | ଶୁଚ୍ + ଅନୀୟ = ଶୋଚନୀୟ |

## (୮) ୟ ପ୍ରତ୍ୟୟ

(ଏହାକୁ ଯ ପ୍ରତ୍ୟୟ ମଧ୍ୟ କୁହାଯାଏ ।)

| | |
|---|---|
| ପଠ୍ + ୟ = ପାଠ୍ୟ | ଦହ୍ + ୟ = ଦାହ୍ୟ |
| ଲଭ୍ + ୟ = ଲଭ୍ୟ | ଯୁଜ୍ + ୟ = ଯୋଜ୍ୟ |
| ଗମ୍ + ୟ = ଗମ୍ୟ | ତ୍ୟଜ୍ + ୟ = ତ୍ୟାଜ୍ୟ/ତ୍ୟଜ୍ୟ |
| ହସ୍ + ୟ = ହାସ୍ୟ | ସହ୍ + ୟ = ସହ୍ୟ |
| ଦୃଶ୍ + ୟ = ଦୃଶ୍ୟ | ଗ୍ରହ୍ + ୟ = ଗ୍ରାହ୍ୟ |
| ଧୃ + ୟ = ଧାର୍ଯ୍ୟ | ଦା + ୟ = ଦେୟ |
| କୃ + ୟ = କାର୍ଯ୍ୟ | ନୃତ୍ + ୟ = ନୃତ୍ୟ |

## (୯) ଉକ ପ୍ରତ୍ୟୟ

| | |
|---|---|
| ଭିକ୍ଷ୍ + ଉକ = ଭିକ୍ଷୁକ | ନିନ୍ଦ୍ + ଉକ = ନିନ୍ଦୁକ |
| ଭୂ + ଉକ = ଭାବୁକ | ବୃଷ୍ + ଉକ = ବର୍ଷୁକ |

## (୧୦) ତ୍ର ପ୍ରତ୍ୟୟ

| | |
|---|---|
| ପା + ତ୍ର = ପାତ୍ର | ଶସ୍ + ତ୍ର = ଶସ୍ତ୍ର |
| ନୀ + ତ୍ର = ନେତ୍ର | ବସ୍ + ତ୍ର = ବସ୍ତ୍ର |
| ଅସ୍ + ତ୍ର = ଅସ୍ତ୍ର | ଛଦ୍ + ତ୍ର = ଛତ୍ର |
| ଖନ୍ + ତ୍ର = ଖନିତ୍ର | ବହ୍ + ତ୍ର = ବହିତ୍ର |

## (୧୧) ଆ ପ୍ରତ୍ୟୟ

| | |
|---|---|
| ଲେଖ୍ + ଆ = ଲେଖା | କିଣ୍ + ଆ = କିଣା |
| କ୍ରୀଡ୍ + ଆ = କ୍ରୀଡା | ପଢ୍ + ଆ = ପଢ଼ା |

ନିନ୍ଦ୍ + ଆ = ନିନ୍ଦା

ଖା + ଆ = ଖିଆ

ସେବ୍ + ଆ = ସେବା

ପା + ଆ = ପିଆ

ପୂଜ୍ + ଆ = ପୂଜା

କହ୍ + ଆ = କୁହା

ଶୁଭ୍ + ଆ = ଶୋଭା

କାଟ୍ + ଆ = କଟା

ଶିକ୍ଷ୍ + ଆ = ଶିକ୍ଷା

ବହ୍ + ଆ = ବୁହା

ଦୀକ୍ଷ୍ + ଆ = ଦୀକ୍ଷା

ଧର୍ + ଆ = ଧରା

## (୧୨) ଅଣ ପ୍ରତ୍ୟୟ

ମାଗ୍ + ଅଣ = ମାଗଣ

ମେଳ୍ + ଅଣ = ମେଳଣ

ଝୁଲ୍ + ଅଣ = ଝୁଲଣ

ମାର୍ + ଅଣ = ମାରଣ

ଫୁଟ୍ + ଅଣ = ଫୁଟଣ

ମେଣ୍ଟ୍ + ଅଣ = ମେଣ୍ଟଣ

## (୧୩) ଅଣା ପ୍ରତ୍ୟୟ

କାନ୍ଦ୍ + ଅଣା = କାନ୍ଦଣା

ମାର୍ + ଅଣା = ମାରଣା

ମାଗ୍ + ଅଣା = ମାଗଣା

ଚାଖ୍ + ଅଣା = ଚାଖଣା

ଖେଳ୍ + ଅଣା = ଖେଳଣା

ବୋଲ୍ + ଅଣା = ବୋଲଣା

ଝର୍ + ଅଣା = ଝରଣା

ରାନ୍ଧ୍ + ଅଣା = ରାନ୍ଧଣା

ବାଜ୍ + ଅଣା = ବାଜଣା

ଗଞ୍ଜ୍ + ଅଣା = ଗଞ୍ଜଣା

ମାଜ୍ + ଅଣା = ମାଜଣା

ଘୂର୍ + ଅଣା = ଘୋରଣା

## (୧୪) ଆଣ ପ୍ରତ୍ୟୟ

ବନ୍ଦ୍ + ଆଣ = ବନ୍ଦାଣ

ଲାଗ୍ + ଆଣ = ଲଗାଣ

ଉଠ୍ + ଆଣ = ଉଠାଣ

ଡର୍ + ଆଣ = ଡରାଣ

ଭାସ୍ + ଆଣ = ଭସାଣ

ମିଶ୍ + ଆଣ = ମିଶାଣ

## (୧୫) ଅଣି ପ୍ରତ୍ୟୟ

ସହ୍ + ଅଣି ସହଣି

ଲୋଟ୍ + ଅଣି ଲୋଟଣି

ମଣ୍ଡ୍ + ଅଣି ମଣ୍ଡଣି

ବାନ୍ଧ୍ + ଅଣି ବାନ୍ଧଣି

ଖୋଷ୍ + ଅଣି ଖୋଷଣି

ଛନ୍ଦ୍ + ଅଣି ଛନ୍ଦଣି

ରହ୍ + ଅଣି ରହଣି

ଖଟ୍ + ଅଣି ଖଟଣି

## (୧୬) ଆଣି ପ୍ରତ୍ୟୟ

| | |
|---|---|
| ଉଠ୍ + ଆଣି = ଉଠାଣି | ବିନ୍ଧ୍ + ଆଣି = ବିନ୍ଧାଣି |
| ଗଡ଼୍ + ଆଣି = ଗଡାଣି | ଚାହଁ୍ + ଆଣି = ଚାହାଁଣି |
| ଭାସ୍ + ଆଣି= ଭସାଣି | ବାହୁଡ଼୍ + ଆଣି = ବାହୁଡାଣି |

## (୧୭) ଆଣିଆ ପ୍ରତ୍ୟୟ

| | |
|---|---|
| ଭାସ୍ + ଆଣିଆ = ଭସାଣିଆ | ଦେଖ୍ + ଆଣିଆ = ଦେଖାଣିଆ |
| ଗଡ଼୍ + ଆଣିଆ = ଗଡାଣିଆ | ନଅଁ + ଆଣିଆ = ନୁଆଁଣିଆ |

## (୧୮) ଏଣି ପ୍ରତ୍ୟୟ

| | |
|---|---|
| ବାନ୍ଧ + ଏଣି = ବାନ୍ଧେଣି | ଭାଲ୍ + ଏଣି = ଭାଲେଣି |
| ଛାଟ୍ + ଏଣି = ଛାଟେଣି | ଜାଲ୍ + ଏଣି = ଜାଲେଣି |

## (୧୯) ଉଣି ପ୍ରତ୍ୟେୟ

| | |
|---|---|
| ଢ଼ାଙ୍କ୍ + ଉଣି = ଢ଼ାଙ୍କୁଣି | ରାନ୍ଧ୍ + ଉଣି = ରାନ୍ଧୁଣି |
| ମାଗ୍ + ଉଣି = ମାଗୁଣି | ମାପ୍ + ଉଣି = ମାପୁଣି |

## (୨୦) ଅନ୍ତା ପ୍ରତ୍ୟୟ

| | |
|---|---|
| ଜୀ + ଅନ୍ତା = ଜୀଅନ୍ତା | ଜଳ୍ + ଅନ୍ତା = ଜଳନ୍ତା |
| ଉଡ଼୍ + ଅନ୍ତା = ଉଡନ୍ତା | ଫେର୍ + ଅନ୍ତା = ଫେରନ୍ତା |
| ଚଳ୍ + ଅନ୍ତା = ଚଳନ୍ତା | ଘୂର୍ + ଅନ୍ତା = ଘୂରନ୍ତା |

## (୨୧) ଅନ୍ତି ପ୍ରତ୍ୟୟ

| | |
|---|---|
| ଫଳ୍ + ଅନ୍ତି = ଫଳନ୍ତି | ଚଳ୍ + ଅନ୍ତି = ଚଳନ୍ତି |

## (୨୨) ଆଳି ପ୍ରତ୍ୟୟ

| | |
|---|---|
| ଖେଳ୍ + ଆଳି = ଖେଳାଳି | ବାନ୍ଧ୍ + ଆଳି = ବନ୍ଧାଳି |
| ଧର୍ + ଆଳି = ଧରାଳି | ବୁଣ୍ + ଆଳି = ବୁଣାଳି |
| କାଟ୍ + ଆଳି = କଟାଳି | ଚଢ଼୍ + ଆଳି = ଚଢ଼ାଳି |
| ଦେଖ୍ + ଆଳି = ଦେଖାଳି | ବହ୍ + ଆଳି = ବୁହାଳି |

**(୨୩) ଇ ପ୍ରତ୍ୟୟ**

ବୋଲ୍ + ଇ = ବୋଲି
ପୋଡ଼୍ + ଇ = ପୋଡ଼ି
ଚାଲ୍ + ଇ = ଚାଲି
ମେଳ୍ + ଇ = ମେଳି
ଦୋଳ୍ + ଇ = ଦୋଳି
ଲୁଟ୍ + ଇ = ଲୁଟି

**(୨୪) ଉଆ ପ୍ରତ୍ୟୟ**

ଲଢ଼୍ + ଉଆ = ଲଢୁଆ
ପଢ଼୍ + ଉଆ = ପଢୁଆ
ଡାକ୍ + ଉଆ = ଡାକୁଆ
ଡର୍ + ଉଆ = ଡରୁଆ

**(୨୫) ଉଆଳ ପ୍ରତ୍ୟୟ**

ରଖ୍ + ଉଆଳ = ରଖୁଆଳ
ଖେଳ୍ + ଉଆଳ = ଖେଳୁଆଳ
ଜଗ୍ + ଉଆଳ = ଜଗୁଆଳ
ବଢ଼୍ + ଉଆଳ = ବଢୁଆଳ

**(୨୬) ଆଳିଆ ପ୍ରତ୍ୟୟ**

ଦୁହଁ୍ + ଆଳି = ଦୁହାଁଳିଆ
କହ୍ + ଆଳିଆ = କୁହାଳିଆ
ହସ୍ + ଆଳିଆ = ହସାଳିଆ
ବହ୍ + ଆଳିଆ = ବୁହାଳିଆ

## ତଦ୍ଧିତ

ଶବ୍ଦରୁ ଶବ୍ଦ ଗଠିତ ହେଲେ ସେହି ଗଠିତ ଶବ୍ଦକୁ **ତଦ୍ଧିତ ଶବ୍ଦ** କହନ୍ତି । ମୂଳ ଶବ୍ଦରୁ ଯେଉଁ ପ୍ରତ୍ୟୟ ଯୁକ୍ତ ହୋଇ **ତଦ୍ଧିତ ଶବ୍ଦ** ଗଠିତ ହୁଏ, ତାହାକୁ **ତଦ୍ଧିତ ପ୍ରତ୍ୟୟ** କହନ୍ତି । ତଦ୍ଧିତ ପ୍ରତ୍ୟୟ ବିଭିନ୍ନ ଅର୍ଥରେ ପ୍ରଯୁକ୍ତ ହୁଏ । ତଳେ କେତେଗୁଡ଼ିଏ ତଦ୍ଧିତ ପ୍ରତ୍ୟୟର ଉଦାହରଣ ଦିଆଗଲା ।

**(୧) ଅ ପ୍ରତ୍ୟୟ**

(କ) ଭକ୍ତ ବା ଉପାସକ ଅର୍ଥରେ–

ଶିବ + ଅ = ଶୈବ
ବିଷ୍ଣୁ + ଅ = ବୈଷ୍ଣବ
ବୁଦ୍ଧ + ଅ = ବୌଦ୍ଧ
ଜିନ + ଅ = ଜୈନ
ଶକ୍ତି + ଅ = ଶାକ୍ତ
ସୂର + ଅ = ସୌର

(ଖ) ଭାବ (ଗୁଣ ବା କର୍ମ) ଅର୍ଥରେ –

ମୁନି + ଅ = ମୌନ
କୁଶଳ + ଅ = କୌଶଳ
ଲଘୁ + ଅ = ଲାଘବ
ପଟୁ + ଅ = ପାଟବ
ଗୁରୁ + ଅ = ଗୌରବ
ସୁରଭି + ଅ = ସୌରଭ

(ଗ) ଅପତ୍ୟ ଅର୍ଥରେ –

| | |
|---|---|
| ବସୁଦେବ + ଅ = ବାସୁଦେବ | ରଘୁ + ଅ = ରାଘବ |
| କୁରୁ + ଅ = କୌରବ | ଯଦୁ + ଅ = ଯାଦବ |
| ଭୃଗୁ + ଅ = ଭାର୍ଗବ | ପୁତ୍ର + ଅ = ପୌତ୍ର |

(ଘ) ନିବାସ ବା ଜାତ ଅର୍ଥରେ –

| | |
|---|---|
| ମଗଧ + ଅ = ମାଗଧ | ନିଷଧ + ଅ = ନୈଷଧ |
| ଶରଦ୍ + ଅ = ଶାରଦ | ତିଳ + ଅ = ତୈଳ |
| ଅରଣ୍ୟ + ଅ = ଆରଣ୍ୟ | ଜନପଦ + ଅ = ଜାନପଦ |
| ଭୂମି + ଅ = ଭୌମ | ପୁର + ଅ = ପୌର |

(ଙ) ସଂବନ୍ଧ ଅର୍ଥରେ –

| | |
|---|---|
| ଅସୁର + ଅ = ଆସୁର | ପୃଥିବୀ + ଅ = ପାର୍ଥିବ |
| ପଶୁ + ଅ = ପାଶବ | ଭରତ + ଅ = ଭାରତ |
| ଜନ୍ତୁ + ଅ = ଜାନ୍ତବ | ରୁଦ୍ର + ଅ = ରୌଦ୍ର |
| ସିନ୍ଧୁ + ଅ = ସୈନ୍ଧବ | ଚକ୍ଷୁଷ୍ + ଅ = ଚାକ୍ଷୁଷ |

(ଚ) ସଂଯୋଗ ଅର୍ଥରେ –

| | |
|---|---|
| ମଘା + ଅ = ମାଘ | ଚିତ୍ରା + ଅ = ଚୈତ୍ର |
| ପୁଷ୍ୟା + ଅ = ପୌଷ | ଅଶ୍ୱିନୀ + ଅ = ଆଶ୍ୱିନ |
| ଶ୍ରବଣା + ଅ = ଶ୍ରାବଣ | ମୃଗଶିରା + ଅ = ମାର୍ଗଶିର |
| ବିଶାଖା + ଅ = ବୈଶାଖ | କୃତ୍ତିକା + ଅ = କାର୍ତ୍ତିକ |

(ଛ) ସ୍ୱ ଅର୍ଥରେ – (ମୂଳ ଶବ୍ଦର ଅର୍ଥ ଯାହା, ସେଥିରୁ ଗଠିତ ଶବ୍ଦର ଅର୍ଥ ମଧ୍ୟ ତାହା)

| | |
|---|---|
| ବିଭବ + ଅ = ବୈଭବ | ବନ୍ଧୁ + ଅ = ବାନ୍ଧବ |
| ରକ୍ଷସ୍ + ଅ = ରାକ୍ଷସ | ଚଣ୍ଡାଳ + ଅ = ଚାଣ୍ଡାଳ |
| ମନସ୍ + ଅ = ମାନସ | ଚୋର + ଅ = ଚୌର |

**(୨) ଇକ ପ୍ରତ୍ୟୟ**

(କ) ସଂବନ୍ଧ ଅର୍ଥରେ –

| | |
|---|---|
| ସମାଜ + ଇକ = ସାମାଜିକ | ଶରୀର + ଇକ = ଶାରୀରିକ |

ପ୍ରଦେଶ + ଇକ = ପ୍ରାଦେଶିକ  ବର୍ଷ + ଇକ = ବାର୍ଷିକ

ଦିନ + ଇକ = ଦୈନିକ  ମାସ + ଇକ = ମାସିକ

ବେଦ + ଇକ = ବୈଦିକ  କୁଳ + ଇକ = କୌଳିକ

ସଂସାର + ଇକ = ସାଂସାରିକ  ଜଗତ + ଇକ = ଜାଗତିକ

ବ୍ୟାକରଣ + ଇକ = ବୈୟାକରଣିକ  ଧର୍ମ + ଇକ = ଧାର୍ମିକ

(ଖ) ଜୀବିକା ଅର୍ଥରେ –

ତିଳ + ଇକ = ତୈଳିକ  ତାମ୍ବୁଳ + ଇକ = ତାମ୍ବୁଳିକ

(ଗ) ପ୍ରବୀଣ ଅର୍ଥରେ–

ବିଜ୍ଞାନ + ଇକ = ବୈଜ୍ଞାନିକ  ସାହିତ୍ୟ + ଇକ = ସାହିତ୍ୟିକ

ଦର୍ଶନ + ଇକ = ଦାର୍ଶନିକ  ତର୍କ + ଇକ = ତାର୍କିକ

ବ୍ୟାକରଣ + ଇକ = ବୈୟାକରଣିକ  ନ୍ୟାୟ + ଇକ = ନୈୟାୟିକ

## (୩) ୟ ପ୍ରତ୍ୟୟ

(କ) ଅପତ୍ୟ (ସନ୍ତାନସନ୍ତତି) ଅର୍ଥରେ –

ଦିତି + ୟ = ଦୈତ୍ୟ  ଜମଦଗ୍ନି + ଅ = ଜାମଦଗ୍ନ୍ୟ

ଅଦିତି + ୟ = ଆଦିତ୍ୟ  ଚଣକ + ୟ = ଚାଣକ୍ୟ

ଗର୍ଗ + ୟ = ଗାର୍ଗ୍ୟ  ପୁଲସ୍ତି + ୟ = ପୌଲସ୍ତ୍ୟ

ପ୍ରଜାପତି + ୟ = ପ୍ରାଜାପତ୍ୟ  ଯଜ୍ଞବଲ୍କ + ୟ = ଯାଜ୍ଞବଲ୍କ୍ୟ

(ୟ ପ୍ରତ୍ୟୟକୁ ଯ ପ୍ରତ୍ୟୟ ମଧ୍ୟ କୁହାଯାଏ ।)

(ଖ) ଭାବ ଅର୍ଥରେ –

ପଣ୍ଡିତ + ୟ = ପାଣ୍ଡିତ୍ୟ  ସୁଜନ + ୟ = ସୌଜନ୍ୟ

ସମର୍ଥ + ୟ = ସାମର୍ଥ୍ୟ  ସମ + ୟ = ସାମ୍ୟ

ସୁନ୍ଦର + ୟ = ସୌନ୍ଦର୍ଯ୍ୟ  ବିଷମ + ୟ = ବୈଷମ୍ୟ

ମଧୁର + ୟ = ମାଧୁର୍ଯ୍ୟ  ସହିତ + ୟ = ସାହିତ୍ୟ

ଉଦାର + ୟ = ଔଦାର୍ଯ୍ୟ  ଅଳସ + ୟ = ଆଳସ୍ୟ

(ଗ) ସମ୍ବନ୍ଧ ଅର୍ଥରେ –

| | |
|---|---|
| କଣ୍ଠ + ଯ = କଣ୍ଠ୍ୟ | ମୂର୍ଦ୍ଧନ୍ + ଯ = ମୂର୍ଦ୍ଧନ୍ୟ |
| ଓଷ୍ଠ + ଯ = ଓଷ୍ଠ୍ୟ | ଗୃହସ୍ଥ + ଯ = ଗାର୍ହସ୍ଥ୍ୟ |
| ଦନ୍ତ + ଯ = ଦନ୍ତ୍ୟ | ଗୋ + ଯ = ଗବ୍ୟ |
| ତାଲୁ + ଯ = ତାଲବ୍ୟ | ଦିବ୍ + ଯ = ଦିବ୍ୟ |
| ବାୟୁ + ଯ = ବାୟବ୍ୟ | ଈଶାନ + ଯ = ଐଶାନ୍ୟ |

(ଘ) ଜାତ ଅର୍ଥରେ –

| | |
|---|---|
| ବନ + ଯ = ବନ୍ୟ | ଆଦି + ଯ = ଆଦ୍ୟ |
| ଗ୍ରାମ + ଯ = ଗ୍ରାମ୍ୟ | ଅନ୍ତ + ଯ = ଅନ୍ତ୍ୟ |
| ପର୍ବତ + ଯ = ପାର୍ବତ୍ୟ | ପ୍ରାଚୀ + ଯ = ପ୍ରାଚ୍ୟ |
| ପଶ୍ଚାତ୍ + ଯ = ପାଶ୍ଚାତ୍ୟ | ପ୍ରତୀଚୀ + ଯ = ପ୍ରତୀଚ୍ୟ |

(ଙ) କର୍ମ ଅର୍ଥରେ –

| | |
|---|---|
| ଦୂତ + ଯ = ଦୌତ୍ୟ | ଚୋର + ଯ = ଚୌର୍ଯ୍ୟ |
| ପୁରୋହିତ + ଯ = ପୌରୋହିତ୍ୟ | ବଣିଜ + ଯ = ବାଣିଜ୍ୟ |

## (୪) ଈୟ ପ୍ରତ୍ୟୟ

ଜାତ ବା ସମ୍ବନ୍ଧ ଅର୍ଥରେ –

| | |
|---|---|
| ଜଳ + ଈୟ = ଜଳୀୟ | ବିଦେଶ + ଈୟ = ବିଦେଶୀୟ |
| ବାଷ୍ପ + ଈୟ = ବାଷ୍ପୀୟ | ଦେଶ + ଈୟ = ଦେଶୀୟ |
| ଶରଦ୍ + ଈୟ = ଶାରଦୀୟ | ଯାବତ୍ + ଈୟ = ଯାବତୀୟ |
| ଜାତି + ଈୟ = ଜାତୀୟ | ଭବଦ୍ + ଈୟ = ଭବଦୀୟ |
| ଆତ୍ମା + ଈୟ = ଆତ୍ମୀୟ | ମାନବ + ଈୟ = ମାନବୀୟ |
| ରାଷ୍ଟ୍ର + ଈୟ = ରାଷ୍ଟ୍ରୀୟ | ଦାନବ + ଈୟ = ଦାନବୀୟ |
| ଉତ୍କଳ + ଈୟ = ଉତ୍କଳୀୟ | ଭାରତ + ଈୟ = ଭାରତୀୟ |
| ବଙ୍ଗ + ଈୟ = ବଙ୍ଗୀୟ | ସଂପାଦକ + ଈୟ = ସଂପାଦକୀୟ |
| ରାଜା + ଈୟ = ରାଜକୀୟ | ପର + ଈୟ = ପରକୀୟ |
| ସ୍ୱ + ଈୟ = ସ୍ୱୀୟ / ସ୍ୱକୀୟ | ନରକ + ଈୟ = ନାରକୀୟ |

## (୫) ଏୟ ପ୍ରତ୍ୟୟ

ଅପତ୍ୟ ଅର୍ଥରେ–

| | |
|---|---|
| ରାଧା + ଏୟ = ରାଧେୟ | କୁନ୍ତୀ + ଏୟ = କୌନ୍ତେୟ |
| ଗଙ୍ଗା + ଏୟ = ଗାଙ୍ଗେୟ | ବିମାତୃ + ଏୟ = ବୈମାତ୍ରେୟ |
| ଶକୁନ୍ତଳା + ଏୟ = ଶାକୁନ୍ତଳେୟ | ଭଗିନୀ + ଏୟ = ଭଗିନେୟ |
| କୃତ୍ତିକା + ଏୟ = କାର୍ତ୍ତିକେୟ | ବିନତା + ଏୟ = ବୈନତେୟ |
| | ସୁଭଦ୍ରା + ଏୟ = ସୌଭଦ୍ରେୟ |

## (୬) ବତ୍ ବା ମତ୍ ପ୍ରତ୍ୟୟ

ଅଛି ଅର୍ଥରେ –

| | |
|---|---|
| ଗୁଣ + ବତ୍ = ଗୁଣବାନ୍ | ସ୍ତ୍ରୀଲିଙ୍ଗେ ଗୁଣବତୀ |
| ଧନ + ବତ୍ = ଧନବାନ୍ | ସ୍ତ୍ରୀଲିଙ୍ଗେ ଧନବତୀ |
| ଦୟା + ବତ୍ = ଦୟାବାନ୍ | ସ୍ତ୍ରୀଲିଙ୍ଗେ ଦୟାବତୀ |
| ପ୍ରଜ୍ଞା + ବତ୍ = ପ୍ରଜ୍ଞାବାନ୍ | ସ୍ତ୍ରୀଲିଙ୍ଗେ ପ୍ରଜ୍ଞାବତୀ |
| ବୁଦ୍ଧି + ମତ୍ = ବୁଦ୍ଧିମାନ୍ | ସ୍ତ୍ରୀଲିଙ୍ଗେ ବୁଦ୍ଧିମତୀ |
| ଶ୍ରୀ + ମତ୍ = ଶ୍ରୀମାନ୍ | ସ୍ତ୍ରୀଲିଙ୍ଗେ ଶ୍ରୀମତୀ |
| କୀର୍ତ୍ତି + ମତ୍ = କୀର୍ତ୍ତିମାନ୍ | ସ୍ତ୍ରୀଲିଙ୍ଗେ କୀର୍ତ୍ତିମତୀ |
| ମୂର୍ତ୍ତି + ମତ୍ = ମୂର୍ତ୍ତିମାନ୍ | ସ୍ତ୍ରୀଲିଙ୍ଗେ ମୂର୍ତ୍ତିମତୀ |

## (୭) ବିନ୍ ପ୍ରତ୍ୟୟ

ଅଛି ଅର୍ଥରେ –

| | |
|---|---|
| ମେଧା + ବିନ୍ = ମେଧାବୀ | ସ୍ତ୍ରୀଲିଙ୍ଗେ ମେଧାବିନୀ |
| ମାୟା + ବିନ୍ = ମାୟାବୀ | ସ୍ତ୍ରୀଲିଙ୍ଗେ ମାୟାବିନୀ |
| ତପସ୍ + ବିନ୍ = ତପସ୍ବୀ | ସ୍ତ୍ରୀଲିଙ୍ଗେ ତପସ୍ବିନୀ |
| ତେଜସ୍ + ବିନ୍ = ତେଜସ୍ବୀ | ସ୍ତ୍ରୀଲିଙ୍ଗେ ତେଜସ୍ବିନୀ |

## (୮) ଶାଳିନ୍ ପ୍ରତ୍ୟୟ

ଅଛି ଅର୍ଥରେ –

| | |
|---|---|
| ଧନ + ଶାଳିନ୍ = ଧନଶାଳୀ | ସ୍ତ୍ରୀଲିଙ୍ଗେ ଧନଶାଳିନୀ |

ବଳ + ଶାଳିନ୍ = ବଳଶାଳୀ	ସ୍ତ୍ରୀଲିଙ୍ଗେ ବଳଶାଳିନୀ

ଶକ୍ତି + ଶାଳିନ୍ = ଶକ୍ତିଶାଳୀ	ସ୍ତ୍ରୀଲିଙ୍ଗେ ଶକ୍ତିଶାଳିନୀ

## (୯) ଇନ୍ ପ୍ରତ୍ୟୟ

ଅଛି ଅର୍ଥରେ –

ସାହସ + ଇନ୍ = ସାହସୀ	ସ୍ତ୍ରୀଲିଙ୍ଗେ ସାହସିନୀ

ମାନ + ଇନ୍ = ମାନୀ	ସ୍ତ୍ରୀଲିଙ୍ଗେ ମାନିନୀ

ଅହଂକାର + ଇନ୍ = ଅହଂକାରୀ	ସ୍ତ୍ରୀଲିଙ୍ଗେ ଅହଂକାରିଣୀ

ହସ୍ତ + ଇନ୍ = ହସ୍ତୀ	ସ୍ତ୍ରୀଲିଙ୍ଗେ ହସ୍ତିନୀ

ଦୁଃଖ + ଇନ୍ = ଦୁଃଖୀ	ସ୍ତ୍ରୀଲିଙ୍ଗେ ଦୁଃଖିନୀ

ବିରହ + ଇନ୍ = ବିରହୀ	ସ୍ତ୍ରୀଲିଙ୍ଗେ ବିରହିଣୀ

ଅନୁରାଗ + ଇନ୍ = ଅନୁରାଗୀ	ସ୍ତ୍ରୀଲିଙ୍ଗେ ଅନୁରାଗିଣୀ

## (୧୦) ତା ପ୍ରତ୍ୟୟ

ଭାବ ଅର୍ଥରେ –

ପ୍ରଭୁ + ତା = ପ୍ରଭୁତା	ଉପକାରୀ + ତା = ଉପକାରୀତା/ଉପକାରିତା

ପଶୁ + ତା = ପଶୁତା	ପ୍ରତିଯୋଗୀ + ତା = ପ୍ରତିଯୋଗୀତା/ପ୍ରତିଯୋଗିତା

ମୂର୍ଖ + ତା = ମୂର୍ଖତା	ବୁଦ୍ଧିମାନ୍ + ତା = ବୁଦ୍ଧିମତ୍ତା

ଭୀରୁ + ତା = ଭୀରୁତା	ବିଦ୍ୱାନ୍ + ତା = ବିଦ୍ୱତ୍ତା

ନିରପେକ୍ଷ + ତା = ନିରପେକ୍ଷତା	ସାରବାନ୍ + ତା = ସାରବତ୍ତା

## (୧୧) ତ୍ୱ ପ୍ରତ୍ୟୟ

ଭାବ ଅର୍ଥରେ –

ପ୍ରଭୁ + ତ୍ୱ = ପ୍ରଭୁତ୍ୱ	ଦାୟୀ + ତ୍ୱ = ଦାୟୀତ୍ୱ/ଦାୟିତ୍ୱ

ଗୁରୁ + ତ୍ୱ = ଗୁରୁତ୍ୱ	ସ୍ଥାୟୀ + ତ୍ୱ = ସ୍ଥାୟୀତ୍ୱ / ସ୍ଥାୟିତ୍ୱ

ମହତ୍ + ତ୍ୱ = ମହତ୍ତ୍ୱ	ନେତୃ + ତ୍ୱ = ନେତୃତ୍ୱ

## (୧୨) ଇଷ୍ଠ ପ୍ରତ୍ୟୟ

ଉତ୍କର୍ଷ ବା ଅପକର୍ଷ ଅର୍ଥରେ –

ଗୁରୁ + ଇଷ୍ଠ = ଗରିଷ୍ଠ	ବୃଦ୍ଧ + ଇଷ୍ଠ = ଜ୍ୟେଷ୍ଠ/ବର୍ଷିଷ୍ଠ

ଲଘୁ + ଇଷ୍ଠ = ଲଘିଷ୍ଠ　　　　ପ୍ରିୟ + ଇଷ୍ଠ = ପ୍ରେଷ୍ଠ

ବଳୀ + ଇଷ୍ଠ = ବଳିଷ୍ଠ　　　　ଯୁବା + ଇଷ୍ଠ = କନିଷ୍ଠ

ପ୍ରଶଂସ୍ୟ (ପ୍ରଶଂସାଯୋଗ୍ୟ) + ଇଷ୍ଠ = ଶ୍ରେଷ୍ଠ

## (୧୩) ଈନ ପ୍ରତ୍ୟୟ

ଜାତ ବା ସଂବନ୍ଧ ଅର୍ଥରେ –

କୁଳ + ଈନ = କୁଳୀନ　　　　ସର୍ବାଙ୍ଗ + ଈନ = ସର୍ବାଙ୍ଗୀନ

ଗ୍ରାମ + ଈନ = ଗ୍ରାମୀଣ　　　　ସର୍ବଜନ + ଈନ = ସାର୍ବଜନୀନ/ସର୍ବଜନୀନ

## (୧୪) ଇତ ପ୍ରତ୍ୟୟ

ଜାତ ଅର୍ଥରେ –

ପୁଷ୍ପ + ଇତ = ପୁଷ୍ପିତ　　　　କଣ୍ଟକ + ଇତ = କଣ୍ଟକିତ

ଫଳ + ଇତ = ଫଳିତ　　　　ପଲ୍ଲବ + ଇତ = ପଲ୍ଲବିତ

ତାରକା + ଇତ = ତାରକିତ　　　　ନିଦ୍ରା + ଇତ = ନିଦ୍ରିତ

ରୋମାଞ୍ଚ + ଇତ = ରୋମାଞ୍ଚିତ　　　　ପୁଲକ + ଇତ = ପୁଲକିତ

## (୧୫) ମୟ ପ୍ରତ୍ୟୟ

ବ୍ୟାପ୍ତି ବା ନିର୍ମିତ ଅର୍ଥରେ –

ଜଳ + ମୟ = ଜଳମୟ　　　　ମୃତ୍ + ମୟ = ମୃଣ୍ମୟ

ତେଜଃ + ମୟ = ତେଜୋମୟ　　　　ଚିତ୍ + ମୟ = ଚିନ୍ମୟ

ଜ୍ଞାନ + ମୟ = ଜ୍ଞାନମୟ　　　　ପ୍ରେମ + ମୟ = ପ୍ରେମମୟ

## (୧୬) ତନ ପ୍ରତ୍ୟୟ

ଜାତ ଅର୍ଥରେ –

ପୁରା + ତନ = ପୁରାତନ　　　　ପୂର୍ବ + ତନ = ପୂର୍ବତନ

ପ୍ରାକ୍ + ତନ = ପ୍ରାକ୍ତନ　　　　ଚିରମ୍ + ତନ = ଚିରନ୍ତନ

## (୧୭) ଇମନ୍ ପ୍ରତ୍ୟୟ

ଭାବ ଅର୍ଥରେ –

ମହତ୍ + ଇମନ୍ = ମହିମା　　　　ଦୀର୍ଘ + ଇମନ୍ = ଦ୍ରାଘିମା

ଲଘୁ + ଇମନ୍ = ଲଘିମା ନୀଳ + ଇମନ୍ = ନୀଳିମା

ଗୁରୁ + ଇମନ୍ = ଗରିମା କାଳ + ଇମନ୍ = କାଳିମା

### (୧୮) ତର / ତମ ପ୍ରତ୍ୟୟ

ତୁଳନା ଅର୍ଥରେ –

ଉଚ୍ଚ + ତର = ଉଚ୍ଚତର ଉଚ୍ଚ + ତମ = ଉଚ୍ଚତମ

କ୍ଷୁଦ୍ର + ତର = କ୍ଷୁଦ୍ରତର କ୍ଷୁଦ୍ର + ତମ = କ୍ଷୁଦ୍ରତମ

ମହତ୍ + ତର = ମହତ୍ତର ମହତ୍ + ତମ = ମହତ୍ତମ

ବୃହତ୍ + ତର = ବୃହତ୍ତର ବୃହତ୍ + ତମ = ବୃହତ୍ତମ

ପ୍ରିୟ + ତର = ପ୍ରିୟତର ପ୍ରିୟ + ତମ = ପ୍ରିୟତମ

(ଦୁଇଟି ମଧ୍ୟରେ ତୁଳନା କରାଗଲେ 'ତର' ପ୍ରତ୍ୟୟ ଏବଂ ବହୁତ ମଧ୍ୟରେ ତୁଳନା କରାଗଲେ 'ତମ' ପ୍ରତ୍ୟୟ ଲାଗେ ।)

### (୧୯) ସାତ୍ ପ୍ରତ୍ୟୟ

ପରିଣତି ଅର୍ଥରେ –

ଧୂଳି + ସାତ୍ = ଧୂଳିସାତ୍ ଭସ୍ମ + ସାତ୍ = ଭସ୍ମସାତ୍

ଆତ୍ମ + ସାତ୍ = ଆତ୍ମସାତ୍ ଅଗ୍ନି + ସାତ୍ = ଅଗ୍ନିସାତ୍

### (୨୦) ବତ୍ ପ୍ରତ୍ୟୟ

ତୁଲ୍ୟ ଅର୍ଥରେ –

ମାତୃ + ବତ୍ = ମାତୃବତ୍ ପୁତ୍ର + ବତ୍ = ପୁତ୍ରବତ୍

ପିତୃ + ବତ୍ = ପିତୃବତ୍ ଆତ୍ମ + ବତ୍ = ଆତ୍ମବତ୍

### (୨୧) ମ/ତମ ପ୍ରତ୍ୟୟ

ପୂରଣ ଅର୍ଥରେ –

ପଞ୍ଚ + ମ = ପଞ୍ଚମ ଶତ + ତମ = ଶତତମ

ନବ + ମ = ନବମ ସପ୍ତତି + ତମ = ସପ୍ତତିତମ

### (୨୨) ଧା ପ୍ରତ୍ୟୟ

ପ୍ରକାର ବା ଭାଗର ଅର୍ଥରେ –

ତ୍ରି + ଧା = ତ୍ରିଧା ବହୁ + ଧା = ବହୁଧା

ଚତୁଃ + ଧା = ଚତୁର୍ଦ୍ଧା ଦ୍ୱି + ଧା = ଦ୍ୱିଧା

## (୨୩) ଆ ପ୍ରତ୍ୟୟ

(କ) ଅଛି ଅର୍ଥରେ –

| | |
|---|---|
| ଗଣ୍ଠି + ଆ = ଗଣ୍ଠିଆ | ଦାଢ଼ି + ଆ = ଦାଢ଼ିଆ |
| କୁଜ + ଆ = କୁଜା | ଚୁଟି + ଆ = ଚୁଟିଆ |
| ଦନ୍ତ + ଆ = ଦନ୍ତା | ଧୂଳି + ଆ = ଧୂଳିଆ |

(ଖ) ଜାତ ଅର୍ଥରେ–

| | |
|---|---|
| ପଶ୍ଚିମ + ଆ = ପଶ୍ଚିମା | ପୋଖରୀ + ଆ = ପୋଖରୀଆ |
| ଉତ୍ତର + ଆ = ଉତ୍ତରା | ରାତି + ଆ = ରାତିଆ |

(ଗ) ଦକ୍ଷତା ଅର୍ଥରେ –

| | |
|---|---|
| ମହୁରି + ଆ = ମହୁରିଆ | କାହାଳି + ଆ = କାହାଳିଆ |

(ଘ) ଅନାଦର ଅର୍ଥରେ –

| | |
|---|---|
| ରାମ + ଆ = ରାମା | ଯଦୁ + ଆ = ଯଦୁଆ |
| କାଲ + ଆ = କାଲା | ମଧୁ + ଆ = ମଧୁଆ |
| ଗୋବିନ୍ଦ + ଆ = ଗୋବିନ୍ଦା | ସାଧୁ + ଆ = ସାଧୁଆ |

## (୨୪) ଆରି ପ୍ରତ୍ୟୟ

ବୃତ୍ତି (ଜୀବିକା) ଅର୍ଥରେ –

| | |
|---|---|
| ଶଙ୍ଖା + ଆରି = ଶଙ୍ଖାରି | ଭିକ + ଆରି = ଭିକାରି |
| କଂସା + ଆରି = କଂସାରି | ସୁନା + ଆରି = ସୁନାରି |

## (୨୫) ଆଳ ପ୍ରତ୍ୟୟ

(କ) ବୃତ୍ତି ଅର୍ଥରେ –

| | |
|---|---|
| ଗାଈ + ଆଳ = ଗାଈଆଳ | ମଇଁଷି + ଆଳ = ମଇଁଷିଆଳ |

(ଖ) ଅଛି ଅର୍ଥରେ –

| | |
|---|---|
| ଶିଙ୍ଗ + ଆଳ = ଶିଙ୍ଗାଳ | ଗଣ୍ଠି + ଆଳ = ଗଣ୍ଠିଆଳ |

## (୨୬) ଆଳି ପ୍ରତ୍ୟୟ

ଜାତ ଅର୍ଥରେ –

| | |
|---|---|
| ଚଇତ + ଆଳି = ଚଇତାଳି | ବଙ୍ଗ + ଆଳି = ବଙ୍ଗାଳି |

## (୨୭) ଇ ପ୍ରତ୍ୟୟ

(କ) କର୍ମ ଅର୍ଥରେ –

ଡାକ୍ତର + ଇ = ଡାକ୍ତରି

ମାଷ୍ଟର + ଇ = ମାଷ୍ଟରି

ପୁରୋହିତ + ଇ = ପୁରୋହିତି

ମୋହରିର + ଇ = ମୋହରିରି

ମୁକ୍ତାର + ଇ = ମୁକ୍ତାରି

(ଖ) କ୍ଷୁଦ୍ର ଅର୍ଥରେ –

ଚକ + ଇ = ଚକି

ଛଡ + ଇ = ଛଡି

କାଠ + ଇ = କାଠି

ଘଣ୍ଟ + ଇ = ଘଣ୍ଟି

(ଗ) ବ୍ୟବସାୟ ଅର୍ଥରେ–

ହାଡ + ଇ = ହାଡି

ତେଲ + ଇ = ତେଲି

## (୨୮) ଈ ପ୍ରତ୍ୟୟ

ଜାତ ବା ସଂବନ୍ଧ ଅର୍ଥରେ –

ସ୍ୱଦେଶ + ଈ = ସ୍ୱଦେଶୀ

କଟକ + ଈ = କଟକୀ

ବ୍ରହ୍ମପୁର + ଈ = ବ୍ରହ୍ମପୁରୀ

ପରଦେଶ + ଈ = ପରଦେଶୀ

ବାଲେଶ୍ୱର + ଈ = ବାଲେଶ୍ୱରୀ

ସମ୍ବଲପୁର + ଈ = ସମ୍ବଲପୁରୀ

## (୨୯) ଇଆ ପ୍ରତ୍ୟୟ

(କ) ଜାତ ବା ସଂବନ୍ଧ ଅର୍ଥରେ –

କଟକ + ଇଆ = କଟକିଆ

ପାହାଡ଼ + ଇଆ = ପାହାଡିଆ

ସମ୍ବଲପୁର + ଇଆ = ସମ୍ବଲପୁରିଆ

ସହର + ଇଆ = ସହରିଆ

(ଖ) ବୃତ୍ତି ଅର୍ଥରେ –

ହଳ + ଇଆ = ହଳିଆ

ଜାଲ + ଇଆ = ଜାଲିଆ

ଢ଼ୋଲ + ଇଆ = ଢ଼ୋଲିଆ

ମୂଲ + ଇଆ = ମୂଲିଆ

ଶଗଡ + ଇଆ = ଶଗଡିଆ

(ଗ) ସଦୃଶ ବା ରଞ୍ଜିତ ଅର୍ଥରେ –

ପାଉଁଶ + ଇଆ = ପାଉଁଶିଆ

ସୋରିଷ + ଇଆ = ସୋରିଷିଆ

ବାଇଗଣ + ଇଆ = ବାଇଗଣିଆ

ହଳଦୀ + ଇଆ = ହଳଦିଆ

(ଘ) ଆତିଶଯ୍ୟ ଅର୍ଥରେ–

ଲୁଣ + ଇଆ = ଲୁଣିଆ  ମୁନ + ଇଆ = ମୁନିଆ

(ଙ) ସ୍ୱ ଅର୍ଥରେ –

ମଧୁର + ଇଆ = ମଧୁରିଆ  ତରଳ + ଇଆ = ତରଳିଆ

ବହଳ + ଇଆ = ବହଳିଆ  କଅଁଳ + ଇଆ = କଅଁଳିଆ

(ଚ) ସଂଖ୍ୟା ବା ପରିମାଣ ଅର୍ଥରେ –

ଦଶହାତ + ଇଆ ଦଶହାତିଆ  ପାଞ୍ଚକେଜି + ଇଆ = ପାଞ୍ଚକେଜିଆ

(ଛ) ଅଛି ଅର୍ଥରେ –

କପଟ + ଇଆ = କପଟିଆ  ଲାଙ୍ଗୁଡ଼ + ଇଆ = ଲାଙ୍ଗୁଡିଆ

ଜଟା + ଇଆ = ଜଟିଆ  ଅନ୍ଧାର + ଇଆ = ଅନ୍ଧାରିଆ

## (୩୦) ଉଆ ପ୍ରତ୍ୟୟ

(କ) ଅଛି ଅର୍ଥରେ –

ପେଟ + ଉଆ = ପେଟୁଆ  ଧାର + ଉଆ = ଧାରୁଆ

ପଙ୍କ + ଉଆ = ପଙ୍କୁଆ  ନିଶ + ଉଆ = ନିଶୁଆ

ଘର + ଉଆ = ଘରୁଆ  ଘାସ + ଉଆ = ଘାସୁଆ

(ଖ) ଜାତ ଅର୍ଥରେ –

ଆଷାଢ଼ + ଉଆ = ଆଷାଢୁଆ  ବଣ + ଉଆ = ବଣୁଆ

ଦଳ + ଉଆ = ଦଳୁଆ  ଝାଳ + ଉଆ = ଝାଳୁଆ

(ଗ) ବୃତ୍ତି ଅର୍ଥରେ –

ସାପ + ଉଆ = ସାପୁଆ  ନାଟ + ଉଆ = ନାଟୁଆ

ଭାର + ଉଆ = ଭାରୁଆ  ବାଣ + ଉଆ = ବାଣୁଆ

ହାଟ + ଉଆ = ହାଟୁଆ

(ଘ) ଅଭ୍ୟାସ ଅର୍ଥରେ –

ମାଡ଼ + ଉଆ = ମାଡୁଆ  ଖଚ + ଉଆ = ଖଚୁଆ

ଲାଞ୍ଚ + ଉଆ = ଲାଞ୍ଚୁଆ  ପେଞ୍ଚ + ଉଆ = ପେଞ୍ଚୁଆ

ମିଛ + ଉଆ = ମିଛୁଆ  ମନ + ଉଆ = ମନୁଆ

(ଙ) ବାସ ବା ସଂପର୍କ ଅର୍ଥରେ-

ଗାତ + ଉଆ = ଗାତୁଆ | ଚାଳ + ଉଆ = ଚାଳୁଆ

**(୩୧) ଆମି ପ୍ରତ୍ୟୟ**

ଭାବ ଅର୍ଥରେ -

ଠକ + ଆମି = ଠକାମି | ପାଗଳ + ଆମି = ପାଗଳାମି

ଦୁଷ୍ଟ + ଆମି = ଦୁଷ୍ଟାମି | ଭଣ୍ଡ + ଆମି = ଭଣ୍ଡାମି

**(୩୨) ଉରା ପ୍ରତ୍ୟୟ**

ଆତିଶଯ୍ୟ ବା ଅଭ୍ୟାସ ଅର୍ଥରେ -

ଦାନ୍ତ + ଉରା = ଦାନ୍ତୁରା | କାନ୍ଦ + ଉରା = କାନ୍ଦୁରା

**(୩୩) ଚିଆ ପ୍ରତ୍ୟୟ**

ସଦୃଶ ଅର୍ଥରେ -

ମାଇ + ଚିଆ = ମାଇଚିଆ | ପାଣି + ଚିଆ = ପାଣିଚିଆ

**(୩୪) ଟିଆ ପ୍ରତ୍ୟୟ**

ଜାତ, ସଂବନ୍ଧ ବା ସାଦୃଶ୍ୟ ଅର୍ଥରେ -

ଖରା + ଟିଆ = ଖରାଟିଆ | ତମ୍ବା + ଟିଆ = ତମ୍ବାଟିଆ

ଧୂଆଁ + ଟିଆ = ଧୂଆଁଟିଆ | ଭଡା + ଟିଆ = ଭଡାଟିଆ

**(୩୫) ବାଲା ପ୍ରତ୍ୟୟ**

(କ) ଅଧିକାର ଅର୍ଥରେ -

ଗାଡ଼ି + ବାଲା = ଗାଡିବାଲା | ରିକ୍ସା + ବାଲା = ରିକ୍ସାବାଲା

ଘର + ବାଲା = ଘରବାଲା | ଡଙ୍ଗା + ବାଲା = ଡଙ୍ଗାବାଲା

(ଖ) ଅଭ୍ୟାସ ଅର୍ଥରେ -

ପାଲା + ବାଲା = ପାଲାବାଲା | ବାଜା + ବାଲା = ବାଜାବାଲା

**(୩୬) ରା ପ୍ରତ୍ୟୟ**

ବୃତ୍ତି ଅର୍ଥରେ-

ପାନ + ରା = ପାନରା | ପାଟ + ରା = ପାଟରା

କାଚ + ରା = କାଚରା | ଖଡୁ + ରା = ଖଡୁରା

## (୩୭) ଖୋର ପ୍ରତ୍ୟୟ

ଅଭ୍ୟାସ ଅର୍ଥରେ –

ଲାଞ୍ଚ + ଖୋର = ଲାଞ୍ଚଖୋର

ଜିଦ୍ + ଖୋର = ଜିଦ୍‌ଖୋର

ନିଶା + ଖୋର = ନିଶାଖୋର

ଯୁଦ୍ଧ + ଖୋର = ଯୁଦ୍ଧଖୋର

## (୩୮) ଦାର ପ୍ରତ୍ୟୟ

ଅଛି ବା ଅଧିକାର ଅର୍ଥରେ–

ଜମି + ଦାର = ଜମିଦାର

ଚୁଡି + ଦାର = ଚୁଡିଦାର

ସିରସ୍ତା + ଦାର = ସିରସ୍ତାଦାର

ଭାଗ + ଦାର = ଭାଗୀଦାର

ମଜା + ଦାର = ମଜାଦାର

ଅଂଶ + ଦାର = ଅଂଶୀଦାର

ପେସା + ଦାର = ପେସାଦାର

## (୩୯) କୁଳା ପ୍ରତ୍ୟୟ

ସ୍ୱଭାବ ଅର୍ଥରେ –

ଲାଜ + କୁଳା = ଲାଜକୁଳା

ଡର + କୁଳା = ଡରକୁଳା

## (୪୦) ବନ୍ତ / ମନ୍ତ ପ୍ରତ୍ୟୟ

ଅଛି ଅର୍ଥରେ –

ଧନ + ବନ୍ତ = ଧନବନ୍ତ

ଶ୍ରୀ + ମନ୍ତ = ଶ୍ରୀମନ୍ତ

ଜ୍ଞାନ + ବନ୍ତ = ଜ୍ଞାନବନ୍ତ

ବୁଦ୍ଧି + ମନ୍ତ = ବୁଦ୍ଧିମନ୍ତ

–୦–

# ପଞ୍ଚମ ୟୁନିଟ୍

## ଛନ୍ଦ

ପଦ୍ୟ ବା କବିତା ରଚନା କେତେକ ନିର୍ଦ୍ଦିଷ୍ଟ ନିୟମ, ଶୃଙ୍ଖଳା ବା ଶୈଳୀରେ ହୋଇଥାଏ । ସେହି ନିୟମ, ଶୃଙ୍ଖଳା ବା ଶୈଳୀକୁ ଛନ୍ଦ କହନ୍ତି । ଛନ୍ଦର ଅନ୍ୟ ନାମ **ବୃତ୍ତ** । ପ୍ରାଚୀନ ପଦ୍ୟ ବା କବିତା ଗୋଟିଏ ଗୋଟିଏ ଛନ୍ଦରେ ରଚିତ । ତେଣୁ ସେ ସବୁକୁ ଗୋଟିଏ ଗୋଟିଏ ଛାନ୍ଦ କୁହାଯାଏ । ଯେପରି 'ବିଦଗ୍ଧ ଚିନ୍ତାମଣି'ର ''ଧୀରେ ଘେନ କାନନରେ କୃଷ୍ଣ ବିଳମ୍ବିତ, ବାତ୍ସଲ୍ୟ ମମତା ଘେନି ଭାଳୁଛନ୍ତି ମାତ, ମୋ କଳା ମାଣିକରେ......... ଗୋଟିଏ ଛାନ୍ଦ । 'ବୈଦେହୀଶ ବିଳାସ'ରେ ''ବିତଳକୁ ଆଲିଙ୍ଗନ କରି ଜାହ୍ନବୀ ଶୋଭନ.........'' ଗୋଟିଏ ଛାନ୍ଦ । ଏହିପରି କାବ୍ୟର ପ୍ରତ୍ୟେକ ସର୍ଗ ବା ଅଧ୍ୟାୟ ଗୋଟିଏ ଗୋଟିଏ ଛନ୍ଦରେ ରଚିତ, ତେଣୁ ଗୋଟିଏ ଗୋଟିଏ ଚାନ୍ଦ । ସେସବୁ ଛନ୍ଦରେ ରଚିତ ହୋଇଥିବାରୁ ସ୍ୱର ସହିତ ଗାନ କରାଯାଏ ଏବଂ ଅତ୍ୟନ୍ତ ଶ୍ରୁତିମଧୁର ତଥା ଭାବପୂର୍ଣ୍ଣ ବୋଧହୁଏ । କିନ୍ତୁ ବର୍ତ୍ତମାନ କବିତା ଛନ୍ଦହୀନ, ତେଣୁ ଗାନଯୋଗ୍ୟ ନୁହେଁ, କେବଳ ଆବୃତ୍ତିଯୋଗ୍ୟ ଅଟେ ।

ଛନ୍ଦ ସାଧାରଣତଃ ଦୁଇ ପ୍ରକାର –

(କ) **ମିତ୍ରାକ୍ଷର** (ଖ) **ଅମିତ୍ରାକ୍ଷର**

ମିତ୍ରାକ୍ଷର ଛନ୍ଦ ଦୁଇ ପ୍ରକାର –

(କ) ପୂର୍ଣ୍ଣମିତ୍ରାକ୍ଷର (ଖ) ଅପୂର୍ଣ୍ଣ ମିତ୍ରାକ୍ଷର

ଏକ ପଦରେ ଦୁଇ ବା ତତୋଦ୍ଧିକ ପାଦ ଥାଏ, ଅର୍ଥାତ୍ ଦୁଇ ବା ତତୋଦ୍ଧିକ ପାଦ ମିଶି ଗୋଟିଏ ପଦ ହୁଅନ୍ତି । ପୂର୍ଣ୍ଣ ମିତ୍ରାକ୍ଷର ଛନ୍ଦରେ ପାଦର ଶେଷ ଅକ୍ଷର ଏବଂ ପରବର୍ତ୍ତୀ ପାଦର ଶେଷ ଅକ୍ଷର ପୂର୍ବବର୍ତ୍ତୀ ସ୍ୱରକୁ ନେଇ ମେଳ ହୋଇଥାଆନ୍ତି । ଯେପରି –

ଉତ୍କଳର ତୁହି ଚାରୁ ଅଳଙ୍କାର
ଉତ୍କଳ ଭୁବନେ ଶୋଭାର ଭଣ୍ଡାର । (ଚିଲିକା)

ଏଠାରେ ପ୍ରଥମ ପାଦର ଶେଷ ଅକ୍ଷର 'ର' ଏବଂ ତାହାର ପୂର୍ବରେ ରହିଛି 'ଆ' ସ୍ୱର । ଦ୍ୱିତୀୟ ପାଦର ଶେଷ ଅକ୍ଷର 'ର' ଏବଂ ତାହାର ପୂର୍ବରେ ରହିଛି 'ଆ' ସ୍ୱର । ଏହିପରି ଭାବରେ ପୂର୍ବବର୍ତ୍ତୀ ସ୍ୱରକୁ ନେଇ ମେଳ ହୋଇଥିବାରୁ ପୂର୍ଣ୍ଣ ମିତ୍ରାକ୍ଷର ଛନ୍ଦ ହୋଇଛି । ଏହାକୁ **ଉପଧାମିଳନ** ବୋଲି କୁହାଯାଏ । ପଦର ଶେଷ ଅକ୍ଷରର ପୂର୍ବସ୍ୱରକୁ **ଉପଧା** କହନ୍ତି ।

ପଦ ବା କବିତାକୁ ପାଠ କଲାବେଳେ ବା ଗାନ କଲାବେଳେ ଯେଉଁ ଯେଉଁ ସ୍ଥାନରେ ଟିକିଏ ଟିକିଏ ବିଶ୍ରାମ ନେବାକୁ ପଡ଼େ, ସେହି ସେହି ସ୍ଥାନରେ ଯତିପାତ ହୁଏ ବୋଲି କୁହାଯାଏ । କେଉଁ ଛନ୍ଦରେ ଯତିପାତ କେଉଁ କେଉଁ ସ୍ଥାନରେ ହୁଏ, ତାହା ଆଗରୁ ନିର୍ଦ୍ଦିଷ୍ଟ ହୋଇ ରହିଛି । ତଥାପି ଆଜିକାଲି ଛାନ୍ଦଗାନରେ ଯତିପାତର ସ୍ଥାନ ପରିବର୍ତ୍ତନ କରାଯାଉଛି । କିନ୍ତୁ ଅନେକେ ପୂର୍ବନିର୍ଦ୍ଦିଷ୍ଟ ଯତିପାତ ନିୟମରେ ଗାଉଛନ୍ତି ।

ଅପୂର୍ଣ୍ଣ ମିତ୍ରାକ୍ଷର ଛନ୍ଦରେ ପାଦର କେବଳ ଶେଷ ଅକ୍ଷର ସହିତ ପରବର୍ତ୍ତୀ ପାଦର କେବଳ ଶେଷ ଅକ୍ଷରର ମେଳ ହୋଇଥାଏ । ଯେପରି –

ଧୀରେ ଘେନ କାନନରେ କୃଷ୍ଣ ବିଳମ୍ବିତ

ବାତ୍ସଲ୍ୟ ମମତା ଘେନି ଭାଳୁଛନ୍ତି ମାତ । (ବିଦଗ୍ଧ ଚିନ୍ତାମଣି)

ଏଠାରେ ଦୁଇ ପାଦର କେବଳ ଶେଷ ଅକ୍ଷରର (‘ତ’ର) ମେଳ ହୋଇଛି, ପୂର୍ବ ସ୍ୱରର ମେଳ ହୋଇନାହିଁ । କାରଣ, ପ୍ରଥମ ପାଦର ଶେଷ ଅକ୍ଷରର ପୂର୍ବ ସ୍ୱର ‘ଇ’ ଥିବାସ୍ଥଳେ ଦ୍ୱିତୀୟ ପାଦର ଶେଷ ଅକ୍ଷରର ପୂର୍ବ ସ୍ୱର ‘ଆ’ ଅଛି ।

ଅମିତ୍ରାକ୍ଷର ଛନ୍ଦରେ ଶେଷ ଅକ୍ଷରର ମେଳ ହୋଇ ନଥାଏ । ଯେପରି –

ହା ଦୈବ ଜମ୍ବୁକ ପଶି ହର୍ଯ୍ୟକ୍ଷ ଗୁହାରେ
ଗୋଇଠା ପ୍ରହାରି ନେବ ତା ମୁଖୁ ଓଟାରି
ଗ୍ରାସ ତାର ହର୍ଯ୍ୟକ୍ଷ ତା ସହିବ ମଉନେ
ଏ ଲାଞ୍ଛନା ଥିଲା ଟିକି ଆର୍ଯ୍ୟର ଲଲାଟେ !

(ମହାଯାତ୍ରା – କବିବର ରାଧାନାଥ)

କେତେକ ମିତ୍ରାକ୍ଷର ଛନ୍ଦ ଏବଂ ସେ ଗୁଡ଼ିକର ଯତିପାତ ନିୟମ ଦିଆଗଲା ।

## (୧) ଗୁଜ୍ଜର ବା ଗୁଜ୍ଜରୀ

ଏହାର ଦୁଇ ପାଦରେ ଏକ ପଦ ହୁଏ । ପ୍ରତ୍ୟେକ ପାଦର ଅକ୍ଷର ସଂଖ୍ୟା ନଅ । ତେଣୁ ଏହାକୁ ନବାକ୍ଷରୀ ଛନ୍ଦ ବା ନବାକ୍ଷରୀ ବୃତ୍ତ କୁହାଯାଏ । ଜଗନ୍ନାଥ ଦାସଙ୍କ କୃତ ଭାଗବତ ଏହି ଛନ୍ଦରେ ରଚିତ । ତେଣୁ ଏହାକୁ ଭାଗବତ ବୃତ୍ତ ମଧ୍ୟ କୁହାଯାଏ । ପ୍ରତ୍ୟେକ ପାଦର ତୃତୀୟ, ପଞ୍ଚମ ଓ ଶେଷ ଅକ୍ଷର ଉପରେ ଯତିପାତ ହୁଏ । ଯଥା –

(କ) ଗୋବିନ୍ଦ ବିଚାରନ୍ତି ମନେ
ଆଜ ରମିବା ବୃନ୍ଦାବନେ ।

(ଖ) ଷୋଳ ସହସ୍ର ଗୋପନାରୀ
ମୋତେ ବରିଲେ ତପ କରି ।

(ଗ) ମୁଁ ତାଙ୍କ ପୂରାଇବି ଆଶ
ସେ ମୋର ଭକତ ବିଶ୍ୱାସ ।

(ଭାଗବତ – ଗୋପଲୀଳା)

## (୨) ରାମକେରୀ

ଏହାର ଦୁଇ ପାଦରେ ଏକପଦ ହୁଏ । ପ୍ରତ୍ୟେକ ପାଦରେ ଷୋହଳ ଅକ୍ଷର ଥାଏ । ପ୍ରତ୍ୟେକ ପାଦର ନବମ ଓ ଶେଷ ଅକ୍ଷର ଉପରେ ଯତିପାତ ହୁଏ । ଯଥା –

ଖସି ପଡୁଛି  କି ଆକାଶୁ କିଏ ଗଙ୍ଗା ଯମୁନା

କ୍ଷୀର ସଙ୍ଗେ ପ୍ରାଣ ଶୋଷିଲେ ନାଶ ଗଲା ପୁତନା ।

(କଳାକଳେବର କହ୍ନାଇ ଚଉତିଶା)

**(୩) ଚକ୍ରକେଳି**

ଏଥିରେ ଦୁଇ ପାଦରେ ଏକ  ପଦ  ହୁଏ । ପ୍ରତ୍ୟେକ ପାଦରେ ଏଗାର ଅକ୍ଷର ଥାଏ । ପ୍ରତ୍ୟେକ  ପାଦର ପଞ୍ଚମ, ଅଷ୍ଟମ ଓ ଶେଷ ଅକ୍ଷର ଉପରେ ଯତିପାତ ହୁଏ । ଯଥା –

ବୋଲେ  ସୁଗ୍ରୀବେ ରାମ କ୍ଲେଶ ଭାଷା

ବେନି  ଜନେ ପଡ଼ିଛି  ସମଦଶା । (ବୈଦେହୀଶ ବିଳାସ)

**(୪) ଶଙ୍କରା ଭରଣ**

ଏହାର ପ୍ରତ୍ୟେକ ପଦରେ ଚାରି ପାଦ । ପ୍ରଥମ,  ଦ୍ୱିତୀୟ ଓ  ଚତୁର୍ଥ ପାଦରେ ଚଉଦଟି ଲେଖାଏଁ ଅକ୍ଷର ଥାଏ । ଏହି ତିନି ପାଦର ଅଷ୍ଟମ, ଏକାଦଶ, ଦ୍ୱାଦଶ ଓ ଶେଷ ଅକ୍ଷର ଉପରେ ଯତିପାତ ହୁଏ । ତୃତୀୟ ପାଦଟିରେ ଆଠ ଅକ୍ଷର ଥାଏ ଏବଂ ଏହି ପାଦର ଦ୍ୱିତୀୟ, ଷଷ୍ଠ ଓ ଅଷ୍ଟମ ଅକ୍ଷର ଉପରେ ଯତିପାତ ହୁଏ । ଯଥା–

ହେ ଆନନ୍ଦମୟ କୋଟି  ଭୁବନ ପାଳକ<br>
ଅଧମ ଅକ୍ଷମ  ମୁହିଁ ଅବୋଧ ବାଳକ<br>
ଜ୍ଞାନ ଦାତା ଭଗବାନ<br>
ଦିଅ ମୋତେ ଶୁଭବୁଦ୍ଧି ଦିଅ ଦିବ୍ୟଜ୍ଞାନ ।

(ସ୍ତବ – ଭକ୍ତକବି ମଧୁସୂଦନ)

**(୫) ବଙ୍ଗଳାଶ୍ରୀ**

ଏହାର ଦୁଇ ପାଦରେ ଏକ ପାଦ ହୁଏ । ପ୍ରତ୍ୟେକ ପାଦରେ କୋଡିଏ ଅକ୍ଷର ଥାଏ ଏବଂ ଷଷ୍ଠ, ଦ୍ୱାଦଶ ଓ ଶେଷ ଅକ୍ଷର ଉପରେ ଯତି ପଡ଼େ । ଯଥା–

ଜୟ ବେଦବ୍ୟାସ          ଜୟ କାଳିଦାସ<br>
ଭାରତୀ ପ୍ରିୟ  ନନ୍ଦନ<br>
ତୁମ୍ଭେ ଅଟ  ଗୁରୁ          କବି ମଣ୍ଡଳୀର<br>
ଲଲାଟ ଶୋଭୀ ଚନ୍ଦନ । (ତପସ୍ୱିନୀ)

**(୬) ବିଭାସ କେଦାର**

ଏହାର ଅନ୍ୟ ନାମ  **ନଟବାଣୀ** । ଏଥିରେ ଦୁଇ ପାଦରେ ଏକପଦ ହୁଏ ।  ପ୍ରତ୍ୟେକ  ପାଦରେ ତୃତୀୟ, ଷଷ୍ଠ, ନବମ ଓ ଶେଷ ଅକ୍ଷର ଉପରେ ଯତିପାତ ହୁଏ । ପ୍ରତି ପାଦରେ ବାରଟି ଅକ୍ଷର ଥାଏ ।

ଉତ୍କଳର ତୁହି ଚାରୁ ଅଳଙ୍କାର

ଉତ୍କଳ ଭୁବନେ ଶୋଭାର ଭଣ୍ଡାର । (ଚିଲିକା)

**(୭) ଆଷାଢ଼ଶୁକ୍ଳ**

ଏହାର ପ୍ରତ୍ୟେକ ପଦରେ ଛଅଟି ପାଦ ଥାଏ । ପଞ୍ଚମ ପାଦରେ ଛଅଟି ଅକ୍ଷର ଏବଂ ଅନ୍ୟ ସମସ୍ତ ପାଦରେ ଏଗାର ଲେଖାଏଁ ଅକ୍ଷର ଥାଏ । ପଞ୍ଚମ ପାଦର ଶେଷ ଅକ୍ଷର ଏବଂ ଅନ୍ୟ ସମସ୍ତ ପାଦର ଷଷ୍ଠ ଓ ଶେଷ ଅକ୍ଷର ଉପରେ ଯତିପାତ ହୁଏ । ଯଥା –

ବର ଜୀବ ରସେ ଦେଇ ମାନସ
ବରଜି ବରଷେ ଅମେଧ୍ୟ ଗ୍ରାସ
ଦେହେ ମନ୍ଦାକିନୀ ରଜ ଲଗାଇ
ଗ୍ରାମ ଶୂକରୀ କି ହୋଇବ ଗାଇ
ଜଗତେ କେବଳ
ଜନେ ହସିବେ ଏହି ତହୁଁ ଫଳ ।
(କବିସୂର୍ଯ୍ୟ ବଳଦେବ ରଥ)

**(୮) କାଳୀ**

ଏଥିରେ ଦୁଇ ପାଦରେ ଏକପଦ ହୁଏ । ପ୍ରତ୍ୟେକ ପାଦରେ ସତର ଅକ୍ଷର ଥାଏ ଏବଂ ପଞ୍ଚମ, ଦଶମ ଓ ଶେଷ ଅକ୍ଷର ଉପରେ ଯତିପାତ ହୁଏ । ଯଥା –

ଦିଶଇ ଶ୍ୟାମ ପ୍ରାନ୍ତର ଗ୍ରାମ
ଶଇଳ ଧାନକ୍ଷେତ
ଅବନୀ ଅବା ରଜନୀ ଦିବା
ଉଡାଏ ନୀଳ ନେତ ।
( ଶରତ –କାଳିନ୍ଦୀଚରଣ ପାଣିଗ୍ରାହୀ)

**(୯) ରସକୁଲ୍ୟା**

ଏଥିରେ ଛଅ ପାଦରେ ଏକ ପାଦ ହୁଏ । ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ପାଦରେ ଏଗାର ଲେଖାଏଁ ଅକ୍ଷର ଥାଏ ଏବଂ ପ୍ରତ୍ୟେକ ପାଦର ଷଷ୍ଠ ଓ ଶେଷ ଅକ୍ଷର ଉପରେ ଯତିପାତ ହୁଏ । ପଞ୍ଚମ ପାଦରେ ଆଠ ଅକ୍ଷର ଥାଏ ଏବଂ ଏହାର ଷଷ୍ଠ ଓ ଅଷ୍ଟମ ଅକ୍ଷର ଉପରେ ଯତିପାତ ହୁଏ । ଷଷ୍ଠ ପାଦରେ କୋଡିଏ ଅକ୍ଷର ଥାଏ ଏବଂ ଏଥିରେ ଷଷ୍ଠ, ଦ୍ୱାଦଶ, ଅଷ୍ଟାଦଶ ଓ ଶେଷ ଅକ୍ଷର ଉପରେ ଯତିପାତ ହୁଏ । ଗାଇଲାବେଳେ କେହି କେହି ପଞ୍ଚମ ଓ ଷଷ୍ଠ ପାଦର ଶେଷରେ 'ଯେ' 'ସେ' 'ହେ' ପ୍ରଭୃତି ଯୋଗ କରନ୍ତି । ଯଥା –

ଏକେ ତ ଅଯୋଧ୍ୟା ନଗରୀ ରାଣୀ
ଦେବ ସଭା ମଧ୍ୟେ ଯେହ୍ନେ ଇନ୍ଦ୍ରାଣୀ
ସିନ୍ଧୁ ବକ୍ଷେ ଯଥା ରମା ସୁନ୍ଦରୀ
ସରଯୂର ଅଙ୍କେ ରମ୍ୟ ନଗରୀ

ବିରାଜିତ ଲୀଳାରଙ୍ଗେ
ଲୋଚନ କୌମୁଦୀ ତାହାର ପ୍ରତିମା
ଖେଳଇ ଶୋଭାତରଙ୍ଗେ ।
(ଶ୍ରୀରାମ ବନବାସ – ଭକ୍ତକବି ମଧୁସୂଦନ)

**(୧୦) ତୋଷ୍ଣ୍**

ଏଥିରେ ଚାରି ପାଦରେ ଏକ ପଦ ହୁଏ । ପ୍ରଥମ ପାଦରେ ୨୯, ଦ୍ୱିତୀୟ ପାଦରେ ୨୯, ତୃତୀୟ ପାଦରେ ୯ ଏବଂ ଚତୁର୍ଥ ପାଦରେ ୧୩ ଲେଖାଏଁ ଅକ୍ଷର ଥାଏ । ପ୍ରଥମ ଓ ଦ୍ୱିତୀୟ ପାଦରେ ଷଷ୍ଠ, ଅଷ୍ଟମ, ଚତୁର୍ଦ୍ଦଶ, ଷୋଡଶ, ଦ୍ୱାବିଂଶ, ଚତୁର୍ବିଂଶ ଏବଂ ଶେଷ ଅକ୍ଷର ଉପରେ ଯତିପାତ ହୁଏ । ତୃତୀୟ ପାଦରେ ଷଷ୍ଠ ଓ ଶେଷ ଅକ୍ଷର ଉପରେ, ଚତୁର୍ଥ ପାଦରେ ଷଷ୍ଠ, ଅଷ୍ଟମ ଓ ଶେଷ ଅକ୍ଷର ଉପରେ ଯତିପାତ ହୁଏ । ଯଥା –

ବିତଳକୁ ଆଲିଙ୍ଗନ କରି ଜାହ୍ନବୀ ଶୋଭନ
ହରେ ସୁରବର ତାପ ଚାରୁଧାରା ସେ
ବହେ ମକର କେତନ ଉଚ୍ଛନ୍ନରତି ସମାନ
ପୂରିତ ହୋଇଛି ପୁଣି ଅଶେଷ ରସେ
ବିଦ୍ୟ ହୈମବତୀ ପଦରେ
ବିଷକଣ୍ଠ ତୋଷଦାନୀ ବେନି ମତରେ ।
(ବୈଦେହୀଶ ବିଳାସ)

**(୧୧) କଳହଂସ କେଦାର**

ଏଥିରେ ଚାରିପାଦରେ ଗୋଟିଏ ପଦ ହୁଏ । ପ୍ରତ୍ୟେକ ପାଦରେ ୧୨ ଲେଖାଏଁ ଅକ୍ଷର ଥାଏ । ପ୍ରତ୍ୟେକ ପାଦର ସପ୍ତମ ଓ ଶେଷ ଅକ୍ଷର ଉପରେ ଯତିପାତ ହୁଏ । ଯଥା –

ଆସଇ ବର୍ଷାକାଳ ନିଦାଘ ଶେଷେ
ଘୋଟଇ ମେଘମାଳ ଆକାଶ ଦେଶେ
ଚମକଇ ବିଜୁଳି ମେଘ ଦେହରେ
କମ୍ପଇ ବଜ୍ରନାଦେ ମହୀ କାତରେ । (ବର୍ଷା –ମଧୁସୂଦନ ରାଓ)

**(୧୨) ଦାଣ୍ଡୀବୃତ୍ତ**

ଏଥିରେ ଦୁଇ ପାଦରେ ଗୋଟିଏ ପଦ ହୁଏ । କୌଣସି ପାଦରେ ଅକ୍ଷର ସଂଖ୍ୟା ସମାନ ନ ଥାଏ । ତେଣୁ ଯତିପାତର ନିର୍ଦ୍ଦିଷ୍ଟ ନିୟମ ନାହିଁ । ଗାଇଲାବେଳେ ବା ପଢ଼ିଲାବେଳେ ଗାୟକ ବା ପାଠକ ନିଜ ସୁବିଧା ଅନୁସାରେ ରହି ରହି ଗାଆନ୍ତି ବା ପଢ଼ନ୍ତି । କୌଣସି ନିୟମ ନ ଥାଇ ଦାଣ୍ଡ ପରି ମୁକ୍ତ ହୋଇଥିବାରୁ ଏହାର ନାମ ଦାଣ୍ଡୀବୃତ୍ତ ହୋଇଛି । କେତେକ ପ୍ରାଚୀନ ଓଡ଼ିଆପୁରାଣ ଯଥା ସାରଳା ଦାସଙ୍କ ମହାଭାରତ, ବଳରାମ ଦାସଙ୍କ ଦାଣ୍ଡୀ ରାମାୟଣ, ଚୈତନ୍ୟ ଦାସଙ୍କ ବିଷ୍ଣୁଗର୍ଭ ପୁରାଣ ପ୍ରଭୃତି ଦାଣ୍ଡୀ ବୃତ୍ତରେ ରଚିତ । ଯଥା –

ଯେବଣ କାଳେ ଶାହାସ୍ରକୁ ଅନକୂଳ କଲେ ବେଦବ୍ୟାସେ
ବିଧି ଗାଢ଼େ ଆଗ୍ୟାଂ  ତୋତେ ଦେଲେ ନିରାଳସେ ।
(ସାରଳା ମହାଭାରତ – ଆଦ୍ୟ ପର୍ବ)

## ଅଳଙ୍କାର

କାବ୍ୟ କବିତାର ଶୋଭାବର୍ଦ୍ଧକ ଧର୍ମକୁ **ଅଳଙ୍କାର** କହନ୍ତି । ଅନୁପ୍ରାସ, ଯମକ, ଉପମା, ରୂପକ, ଉତ୍‌ପ୍ରେକ୍ଷା ପ୍ରଭୃତି ଅଳଙ୍କାର ଦ୍ୱାରା କାବ୍ୟ କବିତାର ଭାବ ବା ରସ ହୃଦୟଗ୍ରାହୀ ହୁଏ । କଥାଟିକୁ ସାଦାସିଧା ଭାବରେ କହିଲେ ତାହା ମନୋଜ୍ଞ ହୁଏନାହିଁ, କିନ୍ତୁ ଆଳଂକାରିକ ଶୈଳୀରେ କହିଲେ ମନୋଜ୍ଞ ହୁଏ । ଉଦାହରଣ ସ୍ୱରୂପ, ''ହେ ପ୍ରଭୁ, ଆପଣ ଥାଉଁ ଥାଉଁ ମୁଁ ପ୍ରାଣ ହରାଇବି ! ଆପଣ ଏ କଥା ଥରେ ମନକୁ ଆଣନ୍ତୁ ।'' ଏହି କଥାଟିକୁ କବି ନିତ୍ୟାନନ୍ଦ ଲେଖିଲେ –

''ଥାଉଁ ଗଙ୍ଗାକୂଳେ                ପରାଣ ଆକୁଳେ
ତୃଷାରେ ଯେବେ ହାରିବି ପ୍ରାଣ
ଦିନମଣି ଥିବ                ଅନ୍ଧାର ହୋଇବ
ଏ କଥା ପ୍ରଭୁ ମନକୁ ଆଣ ।''

ଅର୍ଥାତ୍ ''ହେ ପ୍ରଭୁ, ମୁଁ ଗଙ୍ଗାକୂଳରେ ଥାଉଁ ଥାଉଁ ତୃଷାରେ ପ୍ରାଣ ହରାଇବି ! ସୂର୍ଯ୍ୟ ଥାଉଁ ଥାଉଁ ଅନ୍ଧାର ଘୋଟି ଆସିବ ! ଆପଣ ଏ କଥା  ମନକୁ ଆଣନ୍ତୁ ।'' ଏଭଳି  ଉକ୍ତିଭଙ୍ଗୀରେ କହିବା  ଦ୍ୱାରା ଭାବଟି ବେଶ୍ ମନୋଜ୍ଞ ହୋଇ ପାରିଛି । **ଉକ୍ତିଭଙ୍ଗୀ ହିଁ ଅଳଙ୍କାର** । କାବ୍ୟ କବିତାରେ ଉକ୍ତିଭଙ୍ଗୀ ଅନେକ ପ୍ରକାର । ତେଣୁ ଅଳଙ୍କାର ଅନେକ ପ୍ରକାର । ଉକ୍ତିଭଙ୍ଗୀକୁ ଆମେ ବାଣୀବୈଚିତ୍ର୍ୟ ବୋଲି ମଧ୍ୟ କହି ପାରିବା ।

ସମସ୍ତ ଅଳଙ୍କାର ଦୁଇ ଶ୍ରେଣୀରେ ବିଭକ୍ତ –

(କ) ଶବ୍ଦାଳଂକାର (ଖ) ଅର୍ଥାଳଂକାର ।

### ଶବ୍ଦାଳଙ୍କାର

**(୧) ଅନୁପ୍ରାସ**

ଏକ ବ୍ୟଞ୍ଜନ ବର୍ଣ୍ଣର ବାରମ୍ବାର ଆବୃତ୍ତିକୁ ଅନୁପ୍ରାସ ଅଳଙ୍କାର  କୁହାଯାଏ । ଯଥା –

(କ)        ଦେଖି ନବକାଳିକା                ବକାଳିକାମାଳିକା
ଆଳି କାଳିକାକାନ୍ତ ସ୍ମରି
ରକ୍ଷା କେମନ୍ତେ କରି                କରିବା ମଣ୍ଡକରୀ–
ଗତିକି ଏମନ୍ତ ବିଚାରି ।
(ଲାବଣ୍ୟବତୀ–ଉପେନ୍ଦ୍ରଭଂଜ)

ଏଥିରେ 'କ' 'ଳ' ଏବଂ 'ର' ବ୍ୟଞ୍ଜନ ବର୍ଣ୍ଣର ବାରମ୍ବାର ଆବୃତ୍ତି ହୋଇଛି ।

(ଖ) ଦେଖି ଭୂଷାପ୍ରିୟ ଉଷାମନ ହେଲା ତୃଷା ତରଳ ।

(ଉଷା – କବିବର ରାଧାନାଥ)

ଏଥିରେ 'ଷ' ବର୍ଣ୍ଣର ବାରମ୍ବାର ଆବୃତ୍ତି ହୋଇଛି ।

**(୨) ଯମକ**

ଭିନ୍ନାର୍ଥବୋଧକ ଏକ ପ୍ରକାର ଶବ୍ଦର ବାରମ୍ବାର ଆବୃତ୍ତିକୁ **ଯମକ** ଅଳଂକାର କହନ୍ତି । ଯଥା –

(କ) ଦେଖ ରେ ନଳିନି ନଳିନୀ ନଳିନୀରେ ପୂରିତ

ଭ୍ରମନ୍ତି ଭ୍ରମରେ ଭ୍ରମରେ ଭ୍ରମରେ ଏ ଶୋଭିତ ।

(ଲାବଣ୍ୟବତୀ–ଉପେନ୍ଦ୍ରଭଞ୍ଜ)

ଏଥିରେ ପ୍ରଥମ ପାଦରେ 'ନଳିନି'ର ଅର୍ଥ ଗୋ ସୁନ୍ଦରି (ସଂସ୍କୃତରେ ସ୍ତ୍ରୀଲିଙ୍ଗ ଇକାରାନ୍ତ ଶବ୍ଦର ସମ୍ବୋଧନରେ ହ୍ରସ୍ୱ 'ଇ' କାର ହୁଏ ।) ଦ୍ୱିତୀୟ 'ନଳିନୀ'ର ଅର୍ଥ ପଦ୍ମଫୁଲପୂର୍ଣ୍ଣ ପୁଷ୍କରିଣୀ ଏବଂ ତୃତୀୟ 'ନଳିନୀ'ର ଅର୍ଥ ପଦ୍ମଫୁଲ ଫୁଟିଥିବା ପଦ୍ମଲତା । ଦ୍ୱିତୀୟ ପାଦରେ ପ୍ରଥମ 'ଭ୍ରମରେ'ର ଅର୍ଥ ଭ୍ରମରମାନେ, ଦ୍ୱିତୀୟ 'ଭ୍ରମରେ'ର ଅର୍ଥ ଭୁଲ୍‌ରେ ଅର୍ଥାତ୍ ଭ୍ରମରେ ଏବଂ ତୃତୀୟ 'ଭ୍ରମରେ'ର ଅର୍ଥ ଭଉଁରୀରେ । ଏହିପରି ଭିନ୍ନାର୍ଥ ବୋଧକ 'ନଳିନୀ' ଏବଂ 'ଭ୍ରମରେ' ପଦର ବାରମ୍ବାର ଆବୃତ୍ତି ହୋଇଛି ।

(ଖ) ସ୍ନାନ ସମୟେ ମୋ ପୟରେ
ଦୟାମୟୀ ନ ପେଲିବୁ ତାଙ୍କୁ ପୟରେ । (ତପସ୍ୱିନୀ)

ଏଥିରେ ପ୍ରଥମ 'ପୟରେ'ର ଅର୍ଥ ଜଳରେ । ('ପୟ' ଅର୍ଥ ଜଳ, ସେଥିରେ ୭ମୀ ବିଭକ୍ତି 'ରେ' ଲାଗିଛି ।) ଦ୍ୱିତୀୟ 'ପୟରେ'ର ଅର୍ଥ ପାଦରେ । ('ପୟର' ଅର୍ଥ ପାଦ, ସେଥିରେ ୭ମୀ ବିଭକ୍ତି 'ଏ' ଲାଗିଛି ।) ଏହିପରି 'ପୟରେ' ଦୁଇଥର ଆବୃତ୍ତି ହୋଇଛି ।

ଯମକ ବହୁ ପ୍ରକାର – ଆଦ୍ୟ ଯମକ, ମଧ୍ୟ ଯମକ, ପ୍ରାନ୍ତ ଯମକ, ଯୁଗ୍ମ ଯମକ, ମାଳ ଯମକ, ସର୍ବଯମକ ପ୍ରଭୃତି । ଗୋଟିଏ ସର୍ବଯମକର ଉଦାହରଣ –

ଅହିମକର ତାପ ନାଶେ ଶୋଭା ସାରସଚକ୍ରେ
ଅହିମକର ତାପ ନାଶେ ଶୋଭା ସାରସଚକ୍ରେ । (ଲାବଣ୍ୟବତୀ)

ଏହା ଗୋଟିଏ ବଡ ସରୋବରର ବର୍ଣ୍ଣନା । ଏଥିରେ ପ୍ରଥମ ପାଦରେ 'ଅହି' ଅର୍ଥ ସର୍ପ, 'ମକର' ଅର୍ଥ କୁମ୍ଭୀର, 'ତାପ' ଅର୍ତ ଦୁଃଖ, 'ସାରସ' ଅର୍ଥ ପଦ୍ମ ଫୁଲ ଏବଂ 'ଚକ୍ରେ' ଅର୍ଥ 'ସମୂହରେ' । ଦ୍ୱିତୀୟ ପାଦରେ 'ଅହିମକର' ଅର୍ଥ ସୂର୍ଯ୍ୟ (ଅହିମ ଅଟେ ଅର୍ଥାତ୍ ହିମ ନୁହେଁ କର ଯାହାର), 'ତାପ' ଅର୍ଥ ଗରମ, 'ସାରସ', ଅର୍ଥ ହଂସ ଏବଂ 'ଚକ୍ରେ' ଅର୍ଥ ଚକ୍ରବାକ ପକ୍ଷୀଙ୍କ ଦ୍ୱାରା । ପ୍ରଥମ ପାଦର ଅର୍ଥ – ଏହି ସରୋବର ସାପ ଓ କୁମ୍ଭୀରଙ୍କର ତାପ ନାଶ କରୁଛି । ଏହା ପଦ୍ମଫୁଲ ସମୂହରେ ଶୋଭା ପାଉଛି । ଦ୍ୱିତୀୟ ପାଦର ଅର୍ଥ – ଏହି ସରୋବର ପ୍ରଖର ସୂର୍ଯ୍ୟ କିରଣ ଜନିତ ଗରମ ନାଶ କରୁଛି । ଏହା ହଂସ ଓ ଚକ୍ରବାକ ପକ୍ଷୀମାନଙ୍କ ଦ୍ୱାରା ଶୋଭା ପାଉଛି ।

ଏହିପରି ଦୁଇ ପାଦର ଉଚ୍ଚାରଣ ସମାନ, କିନ୍ତୁ ଶବ୍ଦଗୁଡିକର ଅର୍ଥ ଭିନ୍ନ ଭିନ୍ନ ।

**(୩) ଶ୍ଳେଷ**

ଏକ ଶବ୍ଦ ଥରେ ବ୍ୟବହୃତ ହୋଇ ଏକାଧିକ ଅର୍ଥ ପ୍ରକାଶ କଲେ ଶ୍ଳେଷ ଅଳଂକାର ହୁଏ ।

(ଯମକରେ ଏକ ଶବ୍ଦ ଏକାଧିକ ଥର ବ୍ୟବହୃତ ହୋଇ ଏକାଧିକ ଅର୍ଥ ପ୍ରକାଶ କରେ, କିନ୍ତୁ ଶ୍ଳେଷରେ ଏକ ଶବ୍ଦ ଥରେ ବ୍ୟବହୃତ ହୋଇ ଏକାଧିକ ଅର୍ଥ ପ୍ରକାଶ କରେ ।)

ଶ୍ଳେଷ ଅଳଂକାର ଦୁଇ ପ୍ରକାର –

**ଅଭଙ୍ଗ ଶ୍ଳେଷ** ଓ **ସଭଙ୍ଗ ଶ୍ଳେଷ**

ଯେଉଁଠି ଶବ୍ଦକୁ ନ ଭାଙ୍ଗି ଭିନ୍ନ ଭିନ୍ନ ଅର୍ଥ କରାଯାଏ, ସେଠାରେ ଅଭଙ୍ଗ ଶ୍ଳେଷ ଏବଂ ଯେଉଁଠି ଶବ୍ଦକୁ ଭାଙ୍ଗି ଭିନ୍ନ ଭିନ୍ନ ଅର୍ଥ କରାଯାଏ, ସେଠି ସଭଙ୍ଗ ଶ୍ଳେଷ ହୁଏ । ଯଥା –

ବାବୁ ନାକଶିରୀ ଦାନ ଯୋଗ୍ୟ ଯୋଷାକୁ
ବିହର କାନନ କର ଆଲିଙ୍ଗନକୁ । (ବୈଦେହୀଶ ବିଳାସ)

ରାମଚନ୍ଦ୍ର ଶୂର୍ପଣଖା ହାତରେ ଖଣ୍ଡିଏ ପତ୍ର ଲେଖି ଲକ୍ଷ୍ମଣଙ୍କ ପାଖକୁ ପଠାଇଲେ । ସେଥିରେ ଏହି ପଦଟି ଲେଖିଥିଲେ । ଏଥିରୁ ଶୂର୍ପଣଖା ବୁଝିଲା – ବାବୁ ଲକ୍ଷ୍ମଣ, ଏହି ଯୋଷାକୁ (ଏହି ସ୍ତ୍ରୀକୁ) ନାକଶିରୀଦାନ (ସ୍ୱର୍ଗସୁଖଦାନ) କରିବା ତୁମ୍ଭ ପକ୍ଷେ ଉଚିତ । ଏହାକୁ ନେଇ କାନନ (ବନରେ) ବିହର (ବିହାର କର) । କିନ୍ତୁ ଲକ୍ଷ୍ମଣ ବୁଝିଲେ – ବାବୁ ଲକ୍ଷ୍ମଣ, ଏହି ଯୋଷାକୁ ନାକଶିରୀଦାନ (ନାସିକାଶୋଭାଛେଦନ) ଯୋଗ୍ୟ ଅର୍ଥାତ୍ ଉଚିତ । ଏହାର କାନ (କର୍ଣ୍ଣକୁ) ବିହର (ବିଶେଷ ଭାବେ ହରଣ କର ଅର୍ଥାତ୍ ବିନାଶ କର । ନ କର ଆଲିଙ୍ଗନକୁ (ଆଲିଙ୍ଗନ କର ନାହିଁ) ।

ଏହି ପଦରେ 'ନାକ' ଶବ୍ଦ ଥରେ ବ୍ୟବହୃତ ହୋଇ ଦୁଇଟି ଅର୍ଥ ପ୍ରକାଶ କରୁଛି – ସ୍ୱର୍ଗ ଓ ନାସିକା ।

'ଦାନ' ଶବ୍ଦ ଥରେ ବ୍ୟବହୃତ ହୋଇ ଦୁଇଟି ଅର୍ଥ ପ୍ରକାଶ କରୁଛି – ଦେବା ଓ ଛେଦନ କରିବା । ଏ ଦୁଇଟିରେ ଅଭଙ୍ଗ ଶ୍ଳେଷ ହୋଇଛି, ଅର୍ଥାତ୍ ଶବ୍ଦ ଦୁଇଟିକୁ ଭଙ୍ଗା ଯାଇନାହିଁ ।

କିନ୍ତୁ 'ବିହର କାନନ କର' ଅଂଶଟିକୁ ଭଙ୍ଗାଯାଇ ଦୁଇ ପ୍ରକାର ଅର୍ଥ ପ୍ରକାଶ କରାଯାଇଛି । ତେଣୁ ଏହି ଅଂଶରେ ସଭଙ୍ଗ ଶ୍ଳେଷ ହୋଇଛି । ('କାନନ' ଶବ୍ଦଟିକୁ ଭଙ୍ଗା ଯାଇଛି – ''ବିହରକାନନ କର'' ଏବଂ ''ବିହର କାନ ନକର ।''

ସଭଙ୍ଗ ଶ୍ଳେଷ ଓ ଅଭଙ୍ଗ ଶ୍ଳେଷ, ଉଭୟ ଗୋଟିଏ ପଦରେ ଥିଲେ ତାହାକୁ **ସଭଙ୍ଗାଭଙ୍ଗ ଶ୍ଳେଷ** ବୋଲି ମଧ୍ୟ କୁହାଯାଏ । (ଶ୍ଳେଷ ଅଳଙ୍କାର ପ୍ରୟୋଗ କବିଙ୍କ ଶବ୍ଦପାଣ୍ଡିତ୍ୟ ଓ କଳ୍ପନା ବିଳାସର ନିଦର୍ଶନ) ।

## ଅର୍ଥାଳଙ୍କାର

**(୧) ଉପମା**

ଉପମେୟ ଓ ଉପମାନର ସାଦୃଶ୍ୟକଥନକୁ ଉପମା ଅଳଂକାର କୁହାଯାଏ ।

'ଉପମା' ଶବ୍ଦର ଅର୍ଥ ତୁଳନା । ଯାହାକୁ ତୁଳନା କରାଯାଏ, ତାହାକୁ **ଉପମେୟ** କୁହାଯାଏ ଏବଂ ଯାହା ସହିତ ତୁଳନା କରାଯାଏ, ତାହାକୁ **ଉପମାନ** କୁହାଯାଏ । ଯେଉଁ ଗୁଣ ବା କ୍ରିୟା ହେତୁ ଉପମେୟ ଓ ଉପମାନକୁ ତୁଳନା କରାଯାଏ, ତାହାକୁ **ସାଧାରଣ ଧର୍ମ** କୁହାଯାଏ । ଉପମେୟ ଓ ଉପମାନ ଭିତରେ ଥିବା ସାଧାରଣ ଧର୍ମକୁ ଯେଉଁ ଶବ୍ଦ ଦ୍ୱାରା ପ୍ରକାଶ କରାଯାଏ, ତାହାକୁ **ଉପମାବାଚକ ଶବ୍ଦ** କୁହାଯାଏ । ଉପମେୟକୁ **ପ୍ରକୃତ** ବା **ପ୍ରସ୍ତୁତ** ଏବଂ ଉପମାନକୁ **ଅପ୍ରକୃତ** ବା **ଅପ୍ରସ୍ତୁତ** ମଧ୍ୟ କହନ୍ତି । ''ମୁଖଟି ଚନ୍ଦ୍ରପରି ସୁନ୍ଦର'' ଏଥିରେ 'ମୁଖଟି' ଉପମେୟ, 'ଚନ୍ଦ୍ର' ଉପମାନ, 'ସୁନ୍ଦର' ସାଧାରଣ ଧର୍ମ ଏବଂ 'ପରି' ଉପମାବାଚକ ଶବ୍ଦ ଅଟେ ।

(କ) ଆସନ ସକାଶେ ବୃଦ୍ଧେ ଏଡେବାଇ
ବାଳକେ ଯେସନେ କ୍ରୀଡନକ ପାଇଁ । (ଦରବାର-କବିବର ରାଧାନାଥ)

ଏଠାରେ ବୃଦ୍ଧମାନଙ୍କୁ ବାଳକମାନଙ୍କ ସହିତ ତୁଳନା କରାଯାଇଛି । ତେଣୁ ବୃଦ୍ଧମାନେ ଉପମେୟ ଏବଂ ବାଳକମାନେ ଉପମାନ । ବାଇ ସ୍ୱଭାବ ସାଧାରଣ ଧର୍ମ ଏବଂ 'ଯେସନେ' ଉପମାବାଚକ ଶବ୍ଦ ।

(ଖ) ଖଣ୍ଡ ଖଣ୍ଡ ଧଳାମେଘ ସୁନୀଳ ଅମ୍ବରେ
ଭାସଇ ବୋଇତ ଯଥା ନୀଳ ସମୁଦ୍ରରେ ।

ଏଠାରେ ନୀଳ ଆକାଶରେ ଭାସୁଥିବା ଧଳାମେଘକୁ ନୀଳ ସମୁଦ୍ରରେ ଭାସୁଥିବା ବୋଇତ ସହିତ ତୁଳନା କରାଯାଇଛି । ତେଣୁ ଧଳାମେଘ ଓ ନୀଳ ଆକାଶ ଉପମେୟ ଏବଂ ବୋଇତ ଓ ନୀଳ ସମୁଦ୍ର ଉପମାନ । ଭାସିବା ସାଧାରଣ ଧର୍ମ ଏବଂ 'ଯଥା' ଉପମାବାଚକ ଶବ୍ଦ ।

ଉପମା ଅନେକ ପ୍ରକାର - ପୂର୍ଣ୍ଣୋପମା, ଲୁପ୍ତୋପମା, ମାଳୋପମା ପ୍ରଭୃତି । ଏଠାରେ ଗୋଟିଏ ମାଳୋପମାର ଉଦାହରଣ ଦିଆଗଲା ।

ଏକ ଉପମେୟକୁ ଏକାଧିକ ଉପମାନ ସହିତ ତୁଳନା କରାଗଲେ ମାଳୋପମା ଅଳଂକାର ହୁଏ । ଯଥା -

ମିଶିଯାଏ ଯଥା ପ୍ରଭାତୀ ତାରା ରବି କିରଣେ
ମିଶିଯାଏ ଯଥା ଜୀବାତ୍ମା ପରମାତ୍ମା ଚରଣେ
ମିଶିଯାଏ ଯଥା ଚପଳା ନୀଳ ଜଳଦ ଅଙ୍ଗେ
ମିଶିଗଲା ତଥା ଅବଳା ସେହି ନୀଳ ତରଙ୍ଗେ । (ଚନ୍ଦ୍ରଭାଗା-କବିବର ରାଧାନାଥ)

ଏଠାରେ ଅବଳା (ଚନ୍ଦ୍ରଭାଗା) ଉପମେୟ ।

ତାହାର ଉପମାନ ତିନିଟି - ପ୍ରଭାତୀ ତାରା, ଜୀବାତ୍ମା ଓ ଚପଳା (ବିଜୁଳି)

ସାଧାରଣ ଧର୍ମ - ମିଶିଯିବା

ଉପମାବାଚକ ଶବ୍ଦ - ଯଥା, ତଥା ।

### (୨) ଉତ୍ପ୍ରେକ୍ଷା

ପ୍ରକୃତ ବସ୍ତୁରେ (ଉପମେୟରେ) ଅପ୍ରକୃତ ବସ୍ତୁର (ଉପମାନର) ସମ୍ଭାବନା ବା ତର୍କଣା କରାଗଲେ ଉତ୍ପ୍ରେକ୍ଷା ଅଳଙ୍କାର ହୁଏ । ସତେ, ସତେ ଯେପରି, କି, ସତେକି, ଅବା, କିବା ପ୍ରଭୃତି ଶବ୍ଦଦ୍ୱାରା ତର୍କଣା ବା ସମ୍ଭାବନା ପ୍ରକାଶ ପାଏ ।

(କ) ବନେ ମୁହୁର୍ମୁହୁ ଶ୍ରୁତିଗତ ହେଲା
କପୋତ କରୁଣ ଗାନ
ସତେ ଯେହ୍ନେ କାନ୍ଦି- ପକାଇଲେ ଦୁଃଖ-
ଭରେ ତରୁଲତାମାନ ।
(ପ୍ରଣୟବଲ୍ଲରୀ-ଗଙ୍ଗାଧର ମେହେର)

ଏଠାରେ ଶକୁନ୍ତଳାଙ୍କର ପତିଗୃହକୁ ବିଦାୟ ନେବା ବେଳାରେ କପୋତମାନଙ୍କର ଯେଉଁ କରୁଣ ରବ ଶୁଭିଲା, ତାହାକୁ ବୃକ୍ଷଲତାମାନଙ୍କର କ୍ରନ୍ଦନ ବୋଲି ତର୍କଣା କରାଯାଇଛି ।

(ଖ) ଶ୍ୱେତାଙ୍ଗ ଚଢ଼େଇଗୁହା ସମୁଦ୍‌ଗତ
ନୀର ଭେଦି କିବା ଉଠେ ଐରାବତ ।
(ଚିଲିକା-ରାଧାନାଥ ରାୟ)

ଏଠାରେ ଚିଲିକା ଭିତରେ ଥିବା ଚଢ଼େଇ ଗୁହା ପାହାଡକୁ ଜଳ ଭେଦି ଉଠିଥିବା ଐରାବତ ହସ୍ତୀ ବୋଲି ତର୍କଣା କରାଯାଇଛି ।

## (୩) ରୂପକ

ଉପମେୟ ଓ ଉପମାନ ମଧ୍ୟରେ ଅଭେଦ କଳ୍ପନା କରାଗଲେ ରୂପକ ଅଳଂକାର ହୁଏ । (ଏହି ଅଭେଦ ଅର୍ଥାତ୍ ଉପମେୟ ଓ ଉପମାନକୁ ଅଭିନ୍ନ ବା ଏକ ବୋଲି ମନେ କରିବା 'ରୂପକ' ଶବ୍ଦଦ୍ୱାରା ସ୍ପଷ୍ଟ ହୋଇଯାଏ ।)

(କ) ଦରିଦ୍ରତା ପଙ୍କପୂର୍ଣ୍ଣ ମୋ ଜୀବନସର
ଜଞ୍ଜାଳ ଜଳଦଜଳେ ଆବିଳ ଉଦର ।
(ତପସ୍ୱିନୀ-ଗଙ୍ଗାଧର)

ଏଠାରେ ଜୀବନକୁ ସର (ପୁଷ୍କରିଣୀ) ବୋଲି, ଦରିଦ୍ରତାକୁ ପଙ୍କ ବୋଲି ଏବଂ ଜଞ୍ଜାଳକୁ ଜଳଦଜଳ (ମେଘଜଳ) ବୋଲି ଅଭେଦ କଳ୍ପନା କରାଯାଇଛି । ମୋ ଜୀବନ ରୂପକ ପୁଷ୍କରିଣୀ ଦରିଦ୍ରତା ରୂପକ ପଙ୍କରେ ପୂର୍ଣ୍ଣ ହୋଇଛି ଏବଂ ଜଂଜାଳ ରୂପକ ମେଘଜଳରେ ସେହିପୁଷ୍କରିଣୀର ଗର୍ଭ ଆବିଳ (ଗୋଳିଆ) ହୋଇଛି । ଏହିପରି 'ରୂପକ' ଶବ୍ଦଦ୍ୱାରା ଅର୍ଥ କଲେ ଅଭେଦ କଳ୍ପନା ସ୍ପଷ୍ଟ ହୋଇଯାଉଛି ।

(ଖ) ଦୁଃଖସାଗରେ ମୁହିଁ ଭାସୁଛି ଦୀନ
କୃପା ନଉକା ଦିଅ ରଘୁନନ୍ଦନ । (କବି ନିତ୍ୟାନନ୍ଦ)

ଏଠାରେ ଦୁଃଖ ଓ ସାଗରକୁ ଏବଂ କୃପା ଓ ନୌକାକୁ ଅଭିନ୍ନ କଳ୍ପନା କରାଯାଇଛି । ମୁଁ ଗରିବଟି ଦୁଃଖ ରୂପକ ସମୁଦ୍ରରେ ଭାସୁଛି । ହେ ପ୍ରଭୁ ଶ୍ରୀରାମଚନ୍ଦ୍ର, ମୋତେ କୃପା ରୂପକ ନୌକା ଦିଅ । ଏପରି 'ରୂପକ' ଶବ୍ଦ ଦ୍ୱାରା ଅର୍ଥ କରାଗଲେ ଅଭିନ୍ନତା ସ୍ପଷ୍ଟ ହୋଇଯାଉଛି ।

## (୪) ବ୍ୟତିରେକ

ଉପମାନ ଅପେକ୍ଷା ଉପମେୟର ଉତ୍କର୍ଷ ବର୍ଣ୍ଣିତ ହେଲେ ବ୍ୟତିରେକ ଅଳଂକାର ହୁଏ ।

(କ)　　　ନୀଳିମାରେ ବାମା ଚାରୁ କେଶପାଶ
　　　　　ତୋ ନୀଳ ବୀଚିକୁ କଲା ଉପହାସ ।
　　　　　　　　　　(ଚିଲିକା-ରାଧାନାଥ ରାୟ)

ଏଠାରେ ପଦ୍ମାବତୀଙ୍କ ଚାରୁ କେଶପାଶ (ସୁନ୍ଦର ଘନ କେଶ) ଉପମେୟ ଏବଂ ଚିଲିକାର ନୀଳ ବୀଚି (ନୀଳ ତରଙ୍ଗ) ଉପମାନ । ଚାରୁ କେଶପାଶ ନୀଳିମାରେ ନୀଳ ବୀଚିକୁ ଉପହାସ କଲା ଅର୍ଥାତ୍ ନୀଳ କେଶପାଶ ନୀଳ ତରଙ୍ଗଠାରୁ ଅଧିକ ନୀଳ । ଏହିପରି ଭାବରେ ଉପମାନ ଅପେକ୍ଷା ଉପମେୟର ଉତ୍କର୍ଷ ବର୍ଣ୍ଣିତ ହୋଇଛି । ତେଣୁ ବ୍ୟତିରେକ ଅଳଂକାର ।

(ଖ)　　　ମଗଧେ ମୈଥିଳେ　　　ଅଙ୍ଗେ ବଙ୍ଗେ ପୁଣି
　　　　　　　ଦେଖିଛି ଯେତେ ସୁନ୍ଦରୀ
　　　　　ଏ ଯୋଷା ଚରଣ　　　ଘଷାପଥରକୁ
　　　　　　　ନ ହୋଇବେ କେହି ସରି ।
　　　　　　　　　　(ଯଯାତି କେଶରୀ - ରାଧାନାଥ ରାୟ)

ଯେତେ ସୁନ୍ଦରୀ, କେହି ଉଷାର ପାଦଘଷା ପଥରକୁ ସରି ହେବେ ନାହିଁ, ଏତାଦୃଶ ବର୍ଣ୍ଣନାରୁ ଜଣାପଡୁଛି ଯେ ସକଳ ସୁନ୍ଦରୀଙ୍କ ଠାରୁ ଉଷା ଅଧିକ ସୁନ୍ଦରୀ । ଉଷା ଉପମେୟ ଏବଂ ସକଳ ସୁନ୍ଦରୀ ଉପମାନ । ଉପମାନଠାରୁ ଉପମେୟର ଉତ୍କର୍ଷ ବର୍ଣ୍ଣିତ ହୋଇଥିବାରୁ ବ୍ୟତିରେକ ଅଳଂକାର ହୋଇଛି ।

## (୫) ବିଭାବନା

କାରଣ ବିନା କାର୍ଯ୍ୟର ଉତ୍ପତ୍ତି ବର୍ଣ୍ଣିତ ହେଲେ ବିଭାବନା ଅଳଂକାର ହୁଏ ।

(କ)　　　ଖଳର ଅସାଧ　　　କି ଅଛି, ସକଳ
　　　　　　　ମାୟାଜାଲ ସୃଷ୍ଟି ତାର
　　　　　ପଣ୍ୟ ବିହୀନେ ଯେ　　　ଖୋଲି ବସିଯାଏ
　　　　　　　ଶତ ସହସ୍ର ବେପାର ।
　　　　　　　　　　(ଖଳନିନ୍ଦା -କବି ରତ୍ନାକର)

ଏଠାରେ ଖଳ ଲୋକ ପଣ୍ୟବସ୍ତୁ ବିନା ମଧ୍ୟ ବେପାର କରିପାରେ ବୋଲି ବର୍ଣ୍ଣିତ ହୋଇଥିବାରୁ ବିଭାବନା ଅଳଂକାର ହୋଇଛି ।

(ଖ)　　　କେ ବୋଲଇ ମୁହିଁ ଅଟଇ ପୁଲିସ
　　　　　ବିନା ମେଘେ ସୃଜି ପାରଇ କୁଳିଶ ।
　　　　　　　　　　(ଦରବାର - ରାଧାନାଥ)

ଏଠାରେ ପୁଲିସ୍ ବିନା ମେଘରେ ବଜ୍ର ସୃଷ୍ଟି କରିପାରେ ବୋଲି ବର୍ଣ୍ଣିତ ହୋଇଥିବାରୁ ବିଭାବନା ଅଳଂକାର ହୋଇଛି ।

## (୬) ବିଶେଷୋକ୍ତି

କାରଣ ଥିବା ସତ୍ତ୍ୱେ କାର୍ଯ୍ୟର ଅଭାବ ବର୍ଣ୍ଣିତ ହେଲେ ବିଶେଷୋକ୍ତି ଅଳଂକାର ହୁଏ । ଏହା ବିଭାବନା ଅଳଂକାରର ଠିକ୍ ବିପରୀତ ।

(କ) ଶାସ୍ତ୍ରଜ୍ଞାନ ସତ୍ତ୍ୱେ ଜଡ଼, ଅନ୍ଧ ଚକ୍ଷୁ ଥାଇ
ହେଲେ ହେଁ ଜାଗ୍ରତ ଗାଢ଼ ନିଦ୍ରା ଅଭିଭୂତ
ଦରାଣ୍ଡି ହୁଅନ୍ତି ଆହା ମହାଘୋର ତମେ
ଦୀପ ସତ୍ତ୍ୱେ, ମମତାର ଦୁଚ୍ଛେଦ୍ୟ ବନ୍ଧନେ ।

ଏଠାରେ ଶାସ୍ତ୍ରଜ୍ଞାନ ସତ୍ତ୍ୱେ କର୍ମପ୍ରେରଣାର ଅଭାବ, ଚକ୍ଷୁ ଥିବା ସତ୍ତ୍ୱେ ଦର୍ଶନର ଅଭାବ, ଜାଗ୍ରତ ଥିବା ସତ୍ତ୍ୱେ ସାବଧାନତାର ଅଭାବ ଏବଂ ଦୀପ ଥିବା ସତ୍ତ୍ୱେ ଆଲୋକର ଅଭାବ ବର୍ଣ୍ଣିତ ହୋଇଥିବାରୁ ବିଶେଷୋକ୍ତି ଅଳଂକାର ହୋଇଛି ।

## (୭) ସ୍ୱଭାବୋକ୍ତି

ବର୍ଣ୍ଣନୀୟ ବସ୍ତୁ, ପ୍ରକୃତି ପ୍ରଭୃତିର ଯଥାଯଥ ଚମତ୍କାର ବର୍ଣ୍ଣନା ହୋଇଥିଲେ ତାହାକୁ ସ୍ୱଭାବୋକ୍ତି ଅଳଂକାର କହନ୍ତି ।

(କ) ଶରମ ବିବୃତ- ମୁଖଚ୍ୟୁତ ଦର-
କବଳିତ କୁଶମାନ
ଗମନ ପଥରେ ଇତସ୍ତତଃ ପଡି -
ଯାଉଥାଏ ସ୍ଥାନ ସ୍ଥାନ ।
(ପ୍ରଣୟବଲ୍ଲରୀ-ଗଙ୍ଗାଧର)

ଏଠାରେ ଭୟଭୀତ ମୃଗର ପଳାୟନ ଅବସ୍ଥା ଯଥାଯଥ ଭାବରେ ବର୍ଣ୍ଣିତ ହୋଇଥିବାରୁ ସ୍ୱଭାବୋକ୍ତି ଅଳଂକାର ହୋଇଛି ।

(ଖ) ତୋ ପଶ୍ଚିମ ତୀର ଶୋଭାର ନିଳୟ
ଦେଖି ନ ରହିବ ଲାଖି କା ହୃଦୟ ।
ଶ୍ୟାମଳରୁ କ୍ରମେ ନୀଳ ନୀଳତର
ସୋପାନ ସ୍ୱରୂପ ଦିଶେ ଶୈଳସ୍ତର ।
(ଚିଲିକା-ରାଧାନାଥ)

ଏଠାରେ ଚିଲିକାର ପଶ୍ଚିମ ତୀରର ଦୃଶ୍ୟ ସୁନ୍ଦର ଭାବରେ ବର୍ଣ୍ଣିତ ହୋଇଥିବାରୁ ସ୍ୱଭାବୋକ୍ତି ଅଳଂକାର ।

## (୮) ଅର୍ଥାନ୍ତରନ୍ୟାସ

ଗୋଟିଏ ବାକ୍ୟାର୍ଥ ଆଉ ଗୋଟିଏ ବାକ୍ୟାର୍ଥଦ୍ୱାରା ସମର୍ଥିତ ହେଲେ ଅର୍ଥାନ୍ତରନ୍ୟାସ ଅଳଂକାର ହୁଏ ।

(କ) କଳଙ୍କ ହିଁ ଥାଇ କଳାକର କୋଳେ
କରଇ ନେତ୍ର ରଞ୍ଜନ

ସ୍ୱଭାବ ସୁନ୍ଦର ଅଙ୍ଗକୁ ଜଗତେ
ନ ହୁଏ କିସ ମଣ୍ଡନ ?
(ପ୍ରଣୟ ବଲ୍ଲରୀ - ଗଙ୍ଗାଧର)

''ସ୍ୱଭାବସୁନ୍ଦର ଅଙ୍ଗରେ ଯାହା ପିନ୍ଧିଲେ ମଧ୍ୟ ତାହା ସୁନ୍ଦର ଦିଶେ'' ଏହି ବାକ୍ୟାର୍ଥଟି ''ଚନ୍ଦ୍ରରେ କଳଙ୍କ ଥିଲେ ମଧ୍ୟ ତାହା ନେତ୍ର ରଞ୍ଜନ କରେ'' ଏହିବାକ୍ୟାର୍ଥ ଦ୍ୱାରା ସମର୍ଥିତ ହୋଇଛି । ତେଣୁ ଅର୍ଥାନ୍ତରନ୍ୟାସ ଅଳଂକାର ।

(ଖ) ପିତାମାତା ଭାଇବଂଧୁ ଗୁରୁଜନଠାରେ
କରୁଣାର ଦୃଷ୍ଟି ଯେହୁ ଦିଏ ନାହିଁ ବାରେ
କି ଲାଭ ସହସ୍ର ବର୍ଷ ବଞ୍ଚିଲେ ସେ ଲୋକ
ଖାଇ ଖାଇ ଦୀର୍ଘକାଳ ନ ବଞ୍ଚେ କି କାକ ?
(ପଞ୍ଚତନ୍ତ୍ର - ମିତ୍ରଭେଦ)

''ପିତାମାତା, ଭାଇବଂଧୁ ଓ ଗୁରୁଜନମାନଙ୍କୁ ଯେଉଁ ଲୋକ ଥରେମାତ୍ର ସଦୟ ଦୃଷ୍ଟିରେ ଚାହେଁ ନାହିଁ, ସେ ଲୋକ ସହସ୍ର ବର୍ଷ ବଞ୍ଚିଲେ ଲାଭ କଅଣ ?'' ଏହି ବାକ୍ୟାର୍ଥଟି ''କାକ କଅଣ ଖାଇଖାଇ ଦୀର୍ଘକାଳ ବଞ୍ଚେ ନାହିଁ ?'' ଏହି ବାକ୍ୟାର୍ଥ ଦ୍ୱାରା ସମର୍ଥିତ ହୋଇଅଛି । ତେଣୁ ଅର୍ଥାନ୍ତର ନ୍ୟାସ ଅଳଂକାର ହୋଇଛି ।

## (୯) ଦୃଷ୍ଟାନ୍ତ

ଦୁଇଟି ବାକ୍ୟରେ ଦୁଇଟି ଭିନ୍ନ ଭିନ୍ନ ଧର୍ମ ଥିଲେ ମଧ୍ୟ ବାକ୍ୟ ଦୁଇଟି ଯଦି ସାଦୃଶ୍ୟ ମୂଳକ ହୋଇଥାଏ, ତେବେ ଦୃଷ୍ଟାନ୍ତ ଅଳଂକାର ହୁଏ ।

(କ) ଶିଳାରେ ଘଷିଲେ ଚନ୍ଦନ
ସୁବାସ କରେ ବିତରଣ,
ତେସନ ସଂସାର କଷଣେ
ବିତରେ ସାଧୁ ପ୍ରେମ ଧନେ ।
(ଦୃଷ୍ଟାନ୍ତମାଳା-ମଧୁସୂଦନ ରାଓ)

''ଶିଳାରେ ଚନ୍ଦନକୁ ଘଷିଲେ ଚନ୍ଦନ ସୁବାସ ବିତରଣ କରେ'' ଏହି ବାକ୍ୟରେ ଧର୍ମ ହେଉଛି ସୁବାସ ବିତରଣ କରିବା ଏବଂ ''ସାଧୁଲୋକ ସଂସାର କଷଣ ଭିତରେ ମଧ୍ୟ ପ୍ରେମଧନ ବିତରଣ କରେ'', ଏହି ବାକ୍ୟରେ ଧର୍ମ ହେଉଛି ପ୍ରେମଧନ ବିତରଣ କରିବା । ସୁବାସ ବିତରଣ ଓ ପ୍ରେମଧନ ବିତରଣ ଏକ କଥା ନୁହେଁ । ତଥାପି ବାକ୍ୟ ଦୁଇଟି ମଧ୍ୟରେ ସାଦୃଶ୍ୟ ସ୍ପଷ୍ଟ ଭାବେ ବ୍ୟକ୍ତ ହୋଇଛି । ତେଣୁ ଦୃଷ୍ଟାନ୍ତ ଅଳଂକାର ହୋଇଛି ।

(ଖ) ଯେସନେ ରବି ନେଇ ନୀର
ସାଧେ ମଙ୍ଗଳ ପ୍ରାଣୀଙ୍କର,
ତେସନେ ନୃପ କର ନେଇ
ପ୍ରଜାଙ୍କ ସନ୍ତାପ ହରଇ ।
(ପଞ୍ଚତନ୍ତ୍ର-ମିତ୍ରଭେଦ)

‘‘ରବି ନୀର ନେଇ ପ୍ରାଣୀଙ୍କର ମଙ୍ଗଳ ସାଧନ କରେ’’ ଏହି ବାକ୍ୟରେ ଧର୍ମ ହେଉଛି ମଙ୍ଗଳ ସାଧନ କରିବା ଏବଂ ‘‘ନୃପ କର ନେଇ ପ୍ରଜାଙ୍କ ସନ୍ତାପ ହରଣ କରେ’’ ଏହି ବାକ୍ୟରେ ଧର୍ମ ହେଉଛି ସନ୍ତାପ ହରଣ କରିବା । ମଙ୍ଗଳ ସାଧନ ଓ ସଂତାପ ହରଣ ଏକ କଥା ନୁହେଁ । ତଥାପି ବାକ୍ୟ ଦୁଇଟି ମଧ୍ୟରେ ସାଦୃଶ୍ୟ ସ୍ପଷ୍ଟଭାବେ ବ୍ୟକ୍ତ ହୋଇଛି । ତେଣୁ ଦୃଷ୍ଟାନ୍ତ ଅଳଂକାର ହୋଇଛି ।

ଉପମାରେ ଉପମେୟ ଓ ଉପମାନର ଧର୍ମ ଏକ କଥା, କିନ୍ତୁ ଦୃଷ୍ଟାନ୍ତରେ ଉଭୟର ଧର୍ମ ଭିନ୍ନ ଭିନ୍ନ କଥା । ଏହା ହିଁ ଉପମା ଓ ଦୃଷ୍ଟାନ୍ତ ମଧ୍ୟରେ ପ୍ରଭେଦ ।

## (୧୦) ବ୍ୟାଜସ୍ତୁତି

ନିନ୍ଦା ଛଳରେ ସ୍ତୁତି କିମ୍ବା ସ୍ତୁତି ଛଳରେ ନିନ୍ଦା କରାଗଲେ ବ୍ୟାଜସ୍ତୁତି ଅଳଂକାର ହୁଏ ।

ନିନ୍ଦା ଛଳରେ ସ୍ତୁତି –

ତୁମେ କି ହେ ମହାପ୍ରଭୁ ନୁହଁ ପାତକୀ
ମୋ ପାତକ ଦେଖି କ୍ରୋଧ ବହ କାହିଁକି
ମାରିଲ ପୂତନା ନାରୀ କ୍ଷୀର ସଙ୍ଗେ ପ୍ରାଣ ହରି
ଗୋପପୁରେ କେତେ ଚୋରି କରି ନାହଁ କି ?
(କବି ରତ୍ନାକର)

ଏଠାରେ ନିନ୍ଦାଛଳରେ ଭଗବାନଙ୍କର ସ୍ତୁତି କରାଯାଇଛି । ତେଣୁ ବ୍ୟାଜସ୍ତୁତି ଅଳଂକାର ହେଇଛି ।

ସ୍ତୁତି ଛଳରେ ନିନ୍ଦା –

ତାତ ନିସତେ ଚୋରାଇ ନେଲା
ନନ୍ଦ ଘରେ ମୋତେ ଲୁଚାଇଲା
ସେ କଥା ଜାଣି ମାମୁଁ ମୋର ପୂତନା
ପେଷି ଥରେ ମୋତେ ସଂଖୋଳିଲା
ହେ ଦଇବ ।
(ମଥୁରା ମଙ୍ଗଳ – ଭକ୍ତଚରଣ ଦାସ)

ଏଠାରେ ଶ୍ରୀକୃଷ୍ଣ ମାଇଁଙ୍କ (କଂସର ସ୍ତ୍ରୀଙ୍କ) ଆଗରେ ମାମୁଁଙ୍କ ପ୍ରଶଂସା ଗାଇଛନ୍ତି । କିନ୍ତୁ ପ୍ରଶଂସା ଭିତରେ ନିନ୍ଦା ହିଁ ନିହିତ । ତେଣୁ ବ୍ୟାଜସ୍ତୁତି ଅଳଂକାର ହୋଇଛି ।

### ଶବ୍ଦାଳଂକାର ଓ ଅର୍ଥାଳଂକାର ମଧ୍ୟରେ ପ୍ରଭେଦ

ଶବ୍ଦକୁ ଉଠାଇ ଦେଇ ସେହି ସ୍ଥାନରେ ସେହି ଅର୍ଥରେ ଆଉ ଗୋଟିଏ ଶବ୍ଦ ଦେଲେ ଶବ୍ଦାଳଂକାର ରହେନାହିଁ, କିନ୍ତୁ ଶବ୍ଦକୁ ଉଠାଇ ଦେଇ ସେହି ସ୍ଥାନରେ ସେହି ଅର୍ଥରେ ଅନ୍ୟ ଶବ୍ଦ ଦେଲେ ଅର୍ଥାଳଂକାର ରହେ । ଉଦାହରଣ ସ୍ୱରୂପ –

ସ୍ନାନ ସମୟେ ମୋ ପୟରେ
ଦୟାମୟୀ  ନ ପେଲିବୁ ତାଙ୍କୁ ପୟରେ ।

(ତପସ୍ୱିନୀ)

ଏଠାରେ  ଯମକ ଅଳଙ୍କାର ।  (ଯମକ ଅଳଂକାର ପ୍ରସଙ୍ଗ ଦ୍ରଷ୍ଟବ୍ୟ) କିନ୍ତୁ ଯଦି ଦ୍ୱିତୀୟ 'ପୟରେ' ଶବ୍ଦକୁ ଉଠାଇ ସେହି ଅର୍ଥରେ 'ପାଦରେ' କରି ଦିଆଯାଏ, ତେବେ ଯମକ ଅଳଂକାର ହୋଇ ପାରିବ ନାହିଁ ।  କିମ୍ବା ପ୍ରଥମ 'ପୟରେ' ଶବ୍ଦକୁ ଉଠାଇ ସେହି ଅର୍ଥରେ 'ପାଦରେ' କରି ଦିଆଯାଏ, ତେବେ ଯମକ ଅଳଂକାର ହୋଇ ପାରିବ ନାହିଁ । ତେଣୁ ଯମକ ଏକ ଶବ୍ଦାଳଂକାର ଅର୍ଥାତ୍ ଶବ୍ଦକୁ ଆଶ୍ରୟ କରି ହୋଇଥିବା ଅଳଂକାର ଅଟେ ।

ଖଣ୍ଡ ଖଣ୍ଡ ଧଳା ମେଘ  ସୁନୀଳ ଅମ୍ବରେ
ଭାସଇ ବୋଇତ ଯଥା ନୀଳ ସମୁଦ୍ରରେ ।

(ଶରତ-ଭକ୍ତକବି ମଧୁସୂଦନ)

ଏଠାରେ ଉପମା ଅଳଂକାର । (ଉପମା ଅଳଙ୍କାର ପ୍ରସଙ୍ଗ ଦ୍ରଷ୍ଟବ୍ୟ) । କିନ୍ତୁ ଯଦି 'ସୁନୀଳ ଅମ୍ବରେ' ପରିବର୍ତ୍ତେ 'ସୁନୀଳ ନଭରେ'  କରାଯାଏ, 'ନୀଳ ସମୁଦ୍ରରେ' ପରିବର୍ତ୍ତେ  'ନୀଳ ସାଗରରେ' କରାଯାଏ କିମ୍ବା ଅନ୍ୟ ଯେ କୌଣସି ଶବ୍ଦର ପରିବର୍ତ୍ତେ ସେହି ଅର୍ଥରେ ଅନ୍ୟ ଶବ୍ଦ ପ୍ରୟୋଗ କରାଯାଏ, ତଥାପି ଉପମା ଅଳଂକାର  ହୋଇପାରିବ । ତେଣୁ ଉପମା ଏକ ଅର୍ଥାଳଂକାର ଅର୍ଥାତ୍ ଅର୍ଥକୁ ଆଶ୍ରୟ କରି ହୋଇଥିବା ଅଳଂକାର ଅଟେ ।

-୦-

ଏମ୍. ଏ. ଅଷ୍ଟମ ପତ୍ର

ଓଡ଼ିଆ ପାଠ୍ୟକ୍ରମ

# ଓଡ଼ିଆ ବ୍ୟାକରଣ

ଲେଖକ

**ଡକ୍ଟର ଧନେଶ୍ୱର ମହାପାତ୍ର**

**D D C E**

**Education for All**

## ଦୂର-ନିରନ୍ତର ଶିକ୍ଷା ନିର୍ଦ୍ଦେଶାଳୟ

**ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର**

**ଭୁବନେଶ୍ୱର**